

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୮ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 18 JANUARY 2026

Vol.No. 36 ■ No.17 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ଛତିଶଗଡ଼ର ବିଜାପୁରରେ ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା

### ଏନକାଉଣ୍ଟରରେ ଟଳିଲେ ୨ ମାଓବାଦୀ



ଛତିଶଗଡ଼, ୧୭/୧: ଛତିଶଗଡ଼ର ବିଜାପୁରରେ ସୁରକ୍ଷାକର୍ମୀଙ୍କୁ ପୁଣି ବଡ଼ ସଫଳତା ମିଳିଛି । ଟପ୍ ନକ୍ସଲ କମାଣ୍ଡର ପାପା ରାଓଙ୍କୁ ଯବାନମାନେ ଏନକାଉଣ୍ଟରରେ ମାରି ଦେଇଛନ୍ତି। ହିଡମାଙ୍କ ମୃତ୍ୟୁ ପରେ ନକ୍ସଲ କମାଣ୍ଡର ପାପା ରାଓଙ୍କ ନିହତ ହେବା ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ଉପଲବ୍ଧି। ଏହା ସହିତ ଅନ୍ୟ ଜଣେ ନକ୍ସଲ ମଧ୍ୟ ଏହି ଏନକାଉଣ୍ଟରରେ ପ୍ରାଣ ହରାଇଛନ୍ତି। ଘଟଣାସ୍ଥଳରୁ ଦୁଇଟି ଇକ-୪୭ ରାଇଫଲ୍ ମଧ୍ୟ ଜବତ କରାଯାଇଛି। ସୂଚନା ଅନୁସାରେ, ପାପା ରାଓ ଭୈରମଗଡ଼ ୱେଷ୍ଟ ବସ୍ତର ଏରିଆ କମିଟି ସହିତ ଜଡ଼ିତ ଆକ୍ରମଣରେ ସାମିଲ ଥିଲେ । ଏହା ବ୍ୟତୀତ ସେ ସୁରକ୍ଷା ବାହିନୀ ବିରୋଧରେ ଅନେକ ହିଂସାତ୍ମକ କାର୍ଯ୍ୟକଳାପ କରିଥିଲେ । ପାପା ରାଓଙ୍କ ବିରୋଧରେ ପୁଲିସରେ ୪୦ରୁ ଅଧିକ ଅପରାଧିକ ମାମଲା ଏବଂ ଗିରଫ ୱାରେଣ୍ଟ ରହିଛି । ତାଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଣ, ନୂତନ ସଦସ୍ୟ ନିଯୁକ୍ତି ଏବଂ PLGA ର ରସଦ ବ୍ୟବସ୍ଥା ଭଳି ◆◆ପୃଷ୍ଠା ୭

## ମୁମ୍ବାଇରେ ପୁଣି ଫେରିଲା ରିସୋର୍ଟ ରାଜନୀତି

### ମେୟରର ପଦକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ



ନୂଆଦିଲ୍ଲୀ,୧୮/୧ : ମୁମ୍ବାଇରେ ରିସୋର୍ଟ ରାଜନୀତି ପୁଣିଥରେ ଫେରିଛି। ମୁମ୍ବାଇ ମହାନଗର ନିଗମ ନିର୍ବାଚନରେ ବିଜେପି- ଶିବସେନା (ସିନ୍ଦେ)ଙ୍କ ନେତୃତ୍ୱାଧୀନ ମହାୟୁତି ମେଣ୍ଟକୁ ବଡ଼ ସଫଳତା ମିଳିବାପରେ ଏବେ ମେୟର ପଦକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ବିଜେପି ନା ଏକନାଥ ସିନ୍ଦେଙ୍କ ଶିବସେନା ଦଳରୁ କିଏ ମେୟର ହେବେ ସେନେଇ ଏବେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ମୁମ୍ବାଇରେ ସିନ୍ଦେ ଶିବିର କିଙ୍ଗମେକର ହୋଇଥିବାରୁ ଜଣେ ସେନା କର୍ପୋରେଟରଙ୍କୁ ଏହି ସମ୍ମାନଜନକ ପଦ ମିଳୁ ବୋଲି ସିନ୍ଦେ ଶିବିର ଚାହୁଁଛି। ଉକ୍ତ ପଦବି ସେନା ସହ ପାରମ୍ପରିକ ଭାବେ ରହିଛି ଏବଂ କିଛି କର୍ପୋରେଟର ମଧ୍ୟ ସେନା ସହ ଏହି ପଦବି ଜଡ଼ିତ ରଖିବାକୁ ଚାହିଁଛନ୍ତି। ଏତିକିବେଳେ ପୁଣି ଏକନାଥ ସିନ୍ଦେ ତାଙ୍କ ଦଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ଏକ ପଞ୍ଚ ତାରକା ହୋଟେଲକୁ ଡାକିଛନ୍ତି। ଏଥିରୁ ଜଣାପଡୁଛି ଯେ ମୁମ୍ବାଇ ମହାନଗର ନିଗମରେ ଏବେ କ୍ଷମତାକୁ ନେଇ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ଦଳୀୟ ସୂତ୍ର ଅନୁଯାୟୀ ସିନ୍ଦେ ସେନା ଟିକେଟରେ ନିର୍ବାଚିତ ହୋଇଥିବା ୨୯ କର୍ପୋରେଟରଙ୍କୁ ବୁଧବାର ଅପରାହ୍ନ ୩ଟା ସୁଦ୍ଧା ବାନ୍ଦ୍ରାର ତାଜ ଲାଣ୍ଡ୍‌ସ ଏଣ୍ଡ ହୋଟେଲରେ ◆◆ପୃଷ୍ଠା ୭

## ସୁନ୍ଦରଗଡ଼ ଗୋଷ୍ଠୀ ସଂଘର୍ଷ ଘଟଣା: ଦୁଇ ଗୋଷ୍ଠୀର ୬ ଗିରଫ

ସୁନ୍ଦରଗଡ଼, ୧୭/୧ (ନି.ପ୍ର): ସୁନ୍ଦରଗଡ଼ଗୋଷ୍ଠୀ ସଂଘର୍ଷ ଘଟଣାର ଉପଦ୍ରବୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଶାନ୍ତି କମିଟି ବୈଠକରେ ସମସ୍ତ ନାଗରିକ ଏକ ସ୍ୱରରେ ଦାବି କରିଥିଲେ। ଆକ୍ସନ ମୁଡ୍ ରେ ଆସିଛି ପୁଲିସ। ଗତକାଲି ରାତିରୁ ସହରର ବିଭିନ୍ନ ସ୍ଥାନରେ ଟାଉନ ଥାନା ପୁଲିସ ଚଢ଼ଉ କରି ଉଭୟ ଗୋଷ୍ଠୀର ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହା ସହ ଅନ୍ୟ ଫେରାର ଉପଦ୍ରବୀଙ୍କୁ ଧରିବାକୁ ତନାଘନା ଚଲାଇଛି। ଦୁଇ ଦିନ ତଳେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଜଣେ ଲୋକ ଗୋ ମାଂସ ରଖିଥିବା ◆◆ପୃଷ୍ଠା ୭

## ୨୪ରୁ ଘରୋଇ ବସ୍ ଚଳାଚଳ ବନ୍ଦ ଚେତାବନୀ

କଟକ, ୧୭/୧ (ନି.ପ୍ର): ୨୪ରୁ ବନ୍ଦ ହେବ ଘରୋଇ ବସ ଚଳାଚଳ। କଟକକୁ ଆସିବ ନାହିଁ କୌଣସି ଘରୋଇ ବସ। ମୁଖ୍ୟମନ୍ତ୍ରୀ ବସ ସେବାକୁ ବିରୋଧ କରି ରାଜ୍ୟ ଘରୋଇ ବସ ମାଲିକ ସଂଘ ଏପରି ନିଷ୍ପତି ନେଇଛି। ୨୩ତାରିଖ ସୁଦ୍ଧା ପଞ୍ଚାୟତରୁ ଜିଲ୍ଲା ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ବସ ଚଳାଚଳ ବନ୍ଦ କରିବାକୁ ଚେତାବନୀ । ରାଜ୍ୟ ଘରୋଇ ବସ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଏନେଇ ସୂଚନା ଦେଇଛନ୍ତି । ରାଜ୍ୟ ଘରୋଇ ବସ ମାଲିକ ସଂଘର ଜରୁରୀ ବୈଠକରେ ଏହି ନିଷ୍ପତି ହୋଇଛି। ବୈଠକରେ ୮ଜିଲ୍ଲାର ୧୮ ଆସୋସିଏସନ ସାମିଲ ହୋଇଛନ୍ତି ।

## ମହାନଦୀ ଉଚ୍ଚ ସ୍ତରୀୟ କମିଟିର ଦ୍ୱିତୀୟ ବୈଠକ: ଛତିଶଗଡ଼ ଯିବେ ରାଜ୍ୟ ସରକାରଙ୍କ ଟିମ୍



ଭୁବନେଶ୍ୱର, ୧୭/୧ (ନି.ପ୍ର): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଛତିଶଗଡ଼ ଯିବ ଓଡ଼ିଶା ଟିମ୍ । ଆଗାମୀ ୩୧ ଓ ୧ ତାରିଖରେ ଛତିଶଗଡ଼ ଯିବେ ରାଜ୍ୟ ସରକାରଙ୍କ ଟିମ୍ । ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂଓଦେଓ। ୨୩ ତାରିଖରେ ବସିବ ସର୍ବଦଳୀୟ ବୈଠକ । ଏହି ବୈଠକର ନିଷ୍କର୍ଷ ଆଧାରରେ ଛତିଶଗଡ଼ ଯାଇ ପକ୍ଷ ରଖିବେ ସରକାର । ୧୨ ମାର୍ଚ୍ଚ ୨୦୧୮ରେ ଗଠନ ହୋଇଥିବା ଟ୍ରିବ୍ୟୁନାଲ ୧୩ ମାର୍ଚ୍ଚରେ ଅବଧି ସରିବ । ଅବଧି ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି । ମହାନଦୀ ଉଚ୍ଚ ସ୍ତରୀୟ କମିଟିର ଦ୍ୱିତୀୟ ବୈଠକରେ ଏନେଇ ଆଲୋଚନା ହୋଇଛି । ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓଙ୍କ ଅଧ୍ୟକ୍ଷତାରେ ବସିଥିଲା ଏହି ବୈଠକ । ◆◆ପୃଷ୍ଠା ୭

## ଚୀନ୍‌ରେ ନୋରୋଭାଇରସ୍ ଆତଙ୍କ : ୧୦୦ରୁ ଅଧିକ ଛାତ୍ରଛାତ୍ରୀ ସଂକ୍ରମିତ



ନୂଆଦିଲ୍ଲୀ,୧୭/୧ : ଚୀନ୍‌ର ଉହାନ ସହରରୁ ଆରମ୍ଭ ହୋଇଥିବା କୋଭିଡ-୧୯ ସାରା ବିଶ୍ୱରେ ଭୟ ସୃଷ୍ଟି କରିଥିଲା । ଏହି ସଂକ୍ରମଣ ୨୦୧୯ ଶେଷ ଭାଗରେ ଆରମ୍ଭ ହୋଇଥିଲା । ଏବେ ଆଉ ଏକ ଭାଇରସ ସଂକ୍ରମଣ ଆତଙ୍କ ସୃଷ୍ଟି କରିଛି । ଏହି ଭାଇରସକୁ ନୋରୋଭାଇରସ୍ କୁହାଯାଉଛି । ଏହି ଭାଇରସ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଗୋଟିଏ ସ୍କୁଲରେ ୧୦୦ ରୁ ଅଧିକ ଛାତ୍ରଛାତ୍ରୀ ଏହା ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ଦକ୍ଷିଣ ଚୀନ୍‌ର ଗୁଆଙ୍ଗଡୋଙ୍ଗ ପ୍ରଦେଶର ଫୋସାନ ସହରର ଏକ ସିନିୟର ହାଇସ୍କୁଲର ୧୦୩ ଜଣ ଛାତ୍ରଛାତ୍ରୀଙ୍କ ନମୁନା ପରୀକ୍ଷା ରିପୋର୍ଟ ନୋରୋଭାଇରସ ପଜିଟିଭ୍ ଆସିଛି । ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଶନିବାର କହିଛନ୍ତି ଯେ , କୌଣସି ମାମଲା ଗୁରୁତର ନୁହେଁ । ଏନେଇ କୌଣସି ମୃତ୍ୟୁ ରିପୋର୍ଟ ହୋଇନାହିଁ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ପେଟ ସଂକ୍ରମଣ, ବାନ୍ତି ଓ ଡାଇରିଆ ଭଳି ଲକ୍ଷଣ ପ୍ରକାଶ ପାଇଥିଲା। ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ସ୍ଥିର ଅଛି । ସ୍କୁଲ କ୍ୟାମ୍ପସକୁ ପରିଷ୍କାର କରାଯାଇଛି । ସଂକ୍ରମଣକୁ ନେଇ ଏକ ମହାମାରୀ ସର୍ଭେ ଚାଲିଛି। ଗୁଆଙ୍ଗଡୋଙ୍ଗ ପ୍ରାଦେଶିକ ରୋଗ ନିୟନ୍ତ୍ରଣ ବିଭାଗ ଅନୁଯାୟୀ, ଏଠାରେ ନୋରୋଭାଇରସ୍ ପ୍ରକୋପ ପ୍ରତିବର୍ଷ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିଥାଏ। ନୋରୋଭାଇରସ୍ ଏକ ସାଧାରଣ ଭାଇରସ୍ ଯାହା ପେଟକୁ ପ୍ରଭାବିତ କରିଥାଏ। ଏହା ଯୋଗୁ ପେଟ ସଂକ୍ରମଣ, ବାନ୍ତି ଓ ଡାଇରିଆ ଭଳି ସ୍ଥିତି ସୃଷ୍ଟି ହୋଇଥାଏ। ଶୀତଦିନେ ନୋରୋଭାଇରସ୍ ମାମଲା ସବୁଠାରୁ ◆◆ପୃଷ୍ଠା ୭

## ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ଗାଡ଼ି ମଡ଼ାଇ ହତ୍ୟା

ନୂଆଦିଲ୍ଲୀ,୧୮/୧ : ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଛି । ମୃତ ବ୍ୟକ୍ତିଙ୍କ ନାଁ ରିପୋନ ଶାହ, ସେ ରାଜବାଡ଼ି ଜିଲ୍ଲା ଅଧୀନସ୍ଥ ଗୋଲାଣ୍ଡା ମୋଡ଼ର କରିମ ତେଲଟାଙ୍କିରେ କାମରେ ଥିବାବେଳେ ଏକ ଗାଡ଼ି ତେଲ ପକାଇବାପାଇଁ ଆସିଥିଲା । ତେଲ ପକାଇବାପରେ ଗାଡ଼ି ଡ୍ରାଇଭର ଟଙ୍କା ନଦେଇ ପଳାଉଥିଲା । ରିପୋନ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେ ତାଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିଲା । ଫଳରେ ଘଟଣାସ୍ଥଳରେ ରିପୋନଙ୍କର ମୃତ୍ୟୁ ହୋଇଯାଇଛି । ରାଜବାଡ଼ି ସଦର ପୁଲିସ ମୁଖ୍ୟ ଖୋନ୍ଦକୀ ଜିଆଉର ରେହମାନ କହିଛନ୍ତି, ଉକ୍ତ ଘଟଣାରେ ଏକ ହତ୍ୟା ମାମଲା ରୁଜୁ ହେବ । ପୁଲିସ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଏକ କଳା ଏସ୍‌ୟୁଭି ଶୁକ୍ରବାର ଭୋର ପ୍ରାୟ ୪.୩୦ ସମୟରେ ତେଲ ପକାଇବାପାଇଁ ପହଞ୍ଚିଥିଲା ଏବଂ ପାଖାପାଖି ୩,୭୧୦ ଟଙ୍କାର ତେଲ ପକାଇଥିଲା । ଡ୍ରାଇଭର ଯେତେବେଳେ ଟଙ୍କା ନଦେଇ ସ୍ଥାନ ଛାଡ଼ି ପଳାଇଥିଲା ଶାହ ତାଙ୍କ ଗାଡ଼ି ଅଟକାଇବାକୁ ଚେଷ୍ଟା କରିଥିଲା । କିନ୍ତୁ କାରଟି ତାଙ୍କ ଉପରେ ଅତି ଦ୍ରୁତ ଗତିରେ ମଡ଼ାଇ ପଳାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି । ପୁଲିସ ପରେ ଏହି ଗାଡ଼ିଟିକୁ ଜବତ କରିଛି ଏବଂ ଗାଡ଼ି ମାଲିକ ଅବୁ ହଶେମ ଓରଫ ସୁଜନ (୫୫) ଏବଂ ତାଙ୍କ ଡ୍ରାଇଭର କମଲ ହୋସେନ (୪୩)ଙ୍କୁ ଗିରଫ କରିଛି । ◆◆ପୃଷ୍ଠା ୭

## ଓଡ଼ିଶାକୁ ଆସିବ ୧ ଲକ୍ଷ କୋଟିର ନିବେଶ: ୯୦ ହଜାରଙ୍କୁ ମିଳିବ ନିଯୁକ୍ତି



କୋଲକାତା, ୧୭/୧ : ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟକୁ ଏକ ବିକଶିତ ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟ ନେଇ କୋଲକାତାରେ ଆୟୋଜିତ ନିବେଶକ ସମ୍ମିଳନୀରେ ଓଡ଼ିଶା ସରକାର ବଡ଼ ସଫଳତା ହାସଲ କରିଛନ୍ତି । ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଦେଶ ବିଦେଶର ବହୁ ପ୍ରତିଷ୍ଠିତ ଶିଳ୍ପପତି ଓ ଉଦ୍ୟୋଗୀମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କୋଲକାତା ଗସ୍ତ ସମୟରେ ବିଭିନ୍ନ କ୍ଷେତ୍ରର ନିବେଶକଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । ଏହି ସମ୍ମିଳନୀରେ ମୋଟ ୨୭ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣା ଅନୁଯାୟୀ, ରାଜ୍ୟକୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିବାକୁ ଯାଉଛି । ଏଥିରେ ମୁଖ୍ୟତଃ କେମିକାଲ୍, ପେଟ୍ରୋକେମିକାଲ୍ସ, ମ୍ୟାନୁଫ୍ୟାକ୍ଚରିଂ ଏବଂ ଟେକ୍ସଟାଇଲ୍ ଭଳି କ୍ଷେତ୍ରରେ ବଡ଼ ପ୍ରକଳ୍ପମାନ ପ୍ରତିଷ୍ଠା ହେବ । ଏହି ବିପୁଳ ନିବେଶ କେବଳ ଶିଳ୍ପ ପ୍ରତିଷ୍ଠାରେ ସୀମିତ ରହିବ ନାହିଁ, ବରଂ ଓଡ଼ିଶାର ହଜାର ହଜାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ବାଟ ଫିଟାଇବ । ରାଜ୍ୟ ସରକାରଙ୍କ ଆକଳନ ଅନୁଯାୟୀ, ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ପ୍ରାୟ ୯୦ ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ମଜବୁତ କରିବା ସହ ଦେଶାନ୍ତର, ଦାଦନ ସମସ୍ୟା ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ନିବେଶକଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଏବେ ପରିବର୍ତ୍ତନର ପଥରେ । ଭିଜନ ୨୦୩୬ (ଓଡ଼ିଶା ଗଠନର ୧୦୦ ବର୍ଷ) ଏବଂ 'ଭିଜନ ୨୦୪୭' (ବିକଶିତ ଭାରତ ସଂକଳ୍ପ) ଲକ୍ଷ୍ୟ ହାସଲ ପାଇଁ ଶିଳ୍ପାୟନ ହେଉଛି ଆମର ମୁଖ୍ୟ ମାଧ୍ୟମ । ନିବେଶ ପାଇଁ ଓଡ଼ିଶାରେ ଏବେ ସର୍ବୋତ୍ତମ ପରିବେଶ ରହିଥିବା ସେ ଦର୍ଶାଇଛନ୍ତି । ଆମେ କେବଳ ନିବେଶ ଆଣୁନାହୁଁ, ବରଂ ନିବେଶକଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ । ରାଜ୍ୟରେ ଶିଳ୍ପ ଅନୁକୂଳ ନୀତି ଏବଂ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ ଯୋଗୁଁ ବଡ଼ ବଡ଼ କମ୍ପାନିମାନେ ଓଡ଼ିଶା ପ୍ରତି ଆଗ୍ରହ ଦେଖାଉଛନ୍ତି । ଆଗାମୀ ଦିନରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଓଡ଼ିଶା ଦେଶର ଶିଳ୍ପ ମାନଚିତ୍ରରେ ଏକ ଶକ୍ତିଶାଳୀ ରାଜ୍ୟ ଭାବେ ଉଭା ହେବ ।

## ଟିଏମ୍‌ସି ସରକାର ନିର୍ମମ ଓ ଲୁଟେରା, ବଦଳାଇବା ସମୟ ଆସିଛି: ପଶ୍ଚିମବଙ୍ଗରେ ନିର୍ବାଚନୀ ବିଗୁଲ୍ ବଜାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୮/୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ପଶ୍ଚିମବଙ୍ଗର ମାଲଦାରେ ନିର୍ବାଚନୀ ବିଗୁଲ୍ ବଜାଇଛନ୍ତି। ମାଲଦାରେ ଆୟୋଜିତ ଏକ ବିଶାଳ ଜନସଭାରେ ସେ ଶାସକ ଟିଏମ୍‌ସିକୁ କଡ଼ା ଆକ୍ରମଣ କରି କହିଛନ୍ତି ଯେ ମମତା ବାନାର୍ଜୀଙ୍କ ନିର୍ମମ ଓ ଲୁଟେରା ସରକାରକୁ ବଦଳାଇବା ସମୟ ଆସିଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଟିଏମ୍‌ସି ବାଙ୍ଗଲାଦେଶୀ ଅନୁପ୍ରବେଶ କାରୀଙ୍କୁ ପ୍ରୋତ୍ସାହିତ କରି ସେମାନଙ୍କୁ ଭୋଟର୍ ବନାଉଛି। ଏହାଦ୍ୱାରା ପଶ୍ଚିମବଙ୍ଗର ଗରିବ ଓ ମୂଳ ବାସିନ୍ଦାଙ୍କର ରାସନ, ରୋଜଗାର, ଜମି ଓ ଅନ୍ୟାନ୍ୟ ସମ୍ବଳ ଲୁଟି ନିଆଯାଉଛି। ଜନସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମବଙ୍ଗର ଗରିବମାନଙ୍କର ହକ୍ ଅନୁପ୍ରବେଶକାରୀ ଛଡ଼ାଇ ନେଉଛନ୍ତି। ବିଜେପି କ୍ଷମତାକୁ ଆସିଲେ ଏହି ଅନୁପ୍ରବେଶକାରୀଙ୍କୁ ଦେଶରୁ ବାହାର କରିବ ଏବଂ ପଶ୍ଚିମବଙ୍ଗର ମୂଳ ବାସିନ୍ଦାଙ୍କ ଅଧିକାର ରକ୍ଷା କରିବ। ସେ କହିଛନ୍ତି ଯେ ଟିଏମ୍‌ସି ସରକାର ପଶ୍ଚିମବଙ୍ଗକୁ ଅନୁପ୍ରବେଶକାରୀଙ୍କ ଗଡ଼ ବନାଇଛି ଏବଂ ଏମାନେ ପଶ୍ଚିମବଙ୍ଗର ଯୁବକମାନଙ୍କର ରୋଜଗାର ପ୍ରତି ମଧ୍ୟ ବଡ଼ ବିପଦ ସାଜିଛନ୍ତି। ଟିଏମ୍‌ସି ପଶ୍ଚିମବଙ୍ଗକୁ ଲୁଟିବାର କାମ କରିଛି। ଗରିବଙ୍କ ରାସନ୍, ଛାତ୍ରବୃତ୍ତି ଓ ସରକାରୀ ଯୋଜନାର ଲାଭ ଅନୁପ୍ରବେଶକାରୀଙ୍କୁ ଦିଆଯିବାରୁ ଅତି ଅସ୍ୱାଭାବିକ ସ୍ଥିତି ଦେଖିବାକୁ ମିଳିଛି। ବିଜେପି ଏନ୍‌ଆରସି ଓ ସିଏଏ ମାଧ୍ୟମରେ ଅନୁପ୍ରବେଶକାରୀଙ୍କୁ ବାହାର କରିବ ଏବଂ ପଶ୍ଚିମବଙ୍ଗର ଗରିବମାନଙ୍କୁ ସେମାନଙ୍କ ଅଧିକାର ଫେରାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ବିଜେପିର ବଢୁଥିବା ଶକ୍ତି ଉଲ୍ଲେଖ କରି କହିଛନ୍ତି ଯେ ଜନତା ଏବେ ଜାଗ୍ରତ ହୋଇଛନ୍ତି। ଲୋକେ ◆◆ପୃଷ୍ଠା ୭

## ମାଫିଆଙ୍କୁ ନିସ୍ତାର ନାହିଁ: ଦକ୍ଷିଣରୁ ବାଲି ଓ ଲଘୁ ଖଣିଜ ଦଲାଲଙ୍କ ବିରୋଧରେ ଅଭିଯାନ



କେନ୍ଦୁଝର, ୧୭/୧ (ନି.ପ୍ର): ବର୍ଷ ବର୍ଷ ବେଧଡକ ଭାବେ ଗୋ-ଚାଲାଣ କରୁଥିଲେ ମାଫିଆ । ରାଜ୍ୟ ଭିତରେ ଗୋ-ମାଂସ ବେପାର କରିବା ସହ ରାଜ୍ୟ ବାହାରକୁ କରୁଥିଲେ ଗୋରୁ-ଚୋରା ଚାଲାଣ । ଏନେଇ କେନ୍ଦୁଝରରେ ହୋଇଥିବା ଅଭିଯୋଗକୁ ଆଧାର କରି ସକାଳୁ ସକାଳୁ ମାଫିଆଙ୍କ ବିଭିନ୍ନ ଠିକଣାରେ ଆରମ୍ଭ ହୋଇଥିଲା ଚଢ଼ାଉ। ୧୫ ପ୍ଲାଟୁନ୍ ଫୋର୍ସ ନେଇ ଏକକାଳୀନ ୪ଟି ଜିଲ୍ଲାରେ ପହଁଚିଥିଲା ପୁଲିସର ସ୍ୱତନ୍ତ୍ର ୬୫ ଟିମ୍ । ଗୋ-ମାଫିଆ ଶେଖ୍ ରାଜନ ଭଦ୍ରକ ଠିକଣାରେ ଚଢ଼ାଉ କରିଥିଲା କେନ୍ଦୁଝର ଓ ଭଦ୍ରକ ପୁଲିସ। ଜବତ ହୋଇଥିଲା ନଗଦ ୬୦ଲକ୍ଷ ଟଙ୍କା ସହ ସୁନା ଗହଣା। ଟିପୁ ସୁଲତାନର ସନ୍ତରପୁର ଘରୁ ମିଳିଛି ନଗଦ ୩୦ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର । ସୁଜିତ ମହାନ୍ତି ଘରୁ ଜବତ ହୋଇଛି ୩୨ଲକ୍ଷ ୫୫ ହଜାର ଟଙ୍କା ସହ ପୁଳା ପୁଳା ସୁନା । ୯ଟି ସ୍ଥାନରେ ଚଢ଼ାଉରୁ ମୋଟ୍ ୧ କୋଟି ୪୦ଲକ୍ଷ ନଗଦ ଟଙ୍କା ଜବତ କରିଛି ପୁଲିସ । ୮୦୮ ଗ୍ରାମରୁ ଅଧିକ ସୁନା, ପାଖାପାଖି ୩ କେଜି ରୁପା, ୧୧ଟି ଚାରିଚକିଆ, ୧୩ଟି ଦୁଇଚକିଆ ଓ ଅନେକ ଦାମୀ ଘଣ୍ଟା, ମୋବାଇଲ ଜବତ ହୋଇଛି । କେବଳ ଏହି ଚାରି ଜିଲ୍ଲା ନୁହେଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବେଧଡକ ଭାବରେ ଚାଲିଛି ବେଆଇନ ଗୋ-ଚାଲାଣ। ଗୋ-ମାଂସ କାରବାର ବି ବଢ଼ି ବଢ଼ି ଚାଲିଛି। ରାଜ୍ୟରେ ବଢୁଥିବା ଗୋ-ଚାଲାଣ ଓ ଗୋ-ମାଂସ କାରବାର ବିରୋଧରେ ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ ଗୋ-ସେବା ସଂଗଠନ। ଗୋ-ଚାଲାଣ ରୋକିବା ସହ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

# ଜାତୀୟ ସଡ଼କ ସୁରକ୍ଷା ମାସ - ୨୦୨୬ ଇଫକୋ ପାରାଦୀପ ୟୁନିଟର ସଚେତନତା ଅଧିବେଶନ



ପାରାଦୀପ, ୧୭/୧ (ନି.ପ୍ର): ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ଅବସରରେ, ଇଫକୋ ପାରାଦୀପ ୟୁନିଟ୍ ସମାଜର ସମସ୍ତ ବର୍ଗଙ୍କ ମଧ୍ୟରେ ନିରାପଦ ସଡ଼କ ଅଭ୍ୟାସ ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ବ୍ୟାପକ ସଡ଼କ ସୁରକ୍ଷା ସଚେତନତା ଅଧିବେଶନ ସଫଳତାର ସହ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଯାହାଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ଗୁରୁତ୍ୱ ପ୍ରଦାନ କରିଥିଲା। ମଞ୍ଚରେ ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ଇଫକୋ ୟୁନିଟ୍ ମୁଖ୍ୟ ପି କେ ମହାପାତ୍ର, ଜେଜିଏମ (ଏଫ ଆଣ୍ଡ ଏସ) ବିଜୟ କୁମାର ପରିଡ଼ା, ମୁଖ୍ୟ-ମାନବସମ୍ପଦ ଶ୍ରୀମତୀ ମନୋରମା ମାଝୀ, ଜୁନିଅର ଏମଭିଆଇ ଜଗତସିଂହପୁର, ସମ୍ବିତ କୁମାର ଚିନାରା, ପ୍ରିନ୍ସିପାଲ, ଇଫକୋ ଡିଏଭି ସ୍କୁଲ, ଏବଂ ପ୍ରସନ୍ନ କୁମାର ବେଉରା, ପିଆରଓ, ଇଫକୋ। ସମସ୍ତ ବକ୍ତା ଟ୍ରାଫିକ ଶୃଙ୍ଖଳା, ସଡକ ସୁରକ୍ଷା ନିୟମ ପାଳନ ଏବଂ ସଡକ ଦୁର୍ଘଟଣା ରୋକିବାରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ଥିଲା 'ସଡକ ସୁରକ୍ଷା ସଚେତନତା ନାଟକ' ଶୀର୍ଷକ, ଯାହା ଆର୍ଟିଓ ଜଗତସିଂହପୁର ଏବଂ ଆରଟିଓ କଟକ ଦ୍ୱାରା ପ୍ରଦର୍ଶିତ ହୋଇଥିଲା, ଯାହା ଆକର୍ଷଣୀୟ ପ୍ରଦର୍ଶନ ମାଧ୍ୟମରେ ସଡକ ସୁରକ୍ଷା ଉପରେ ପ୍ରଭାବଶାଳୀ ବାର୍ତ୍ତା ପ୍ରଦାନ କରିଥିଲା। ଏହି ଅଧିବେଶନରେ ଇଫକୋ ଡିଏଭି ସ୍କୁଲ ଛାତ୍ରଛାତ୍ରୀ, ଇଫକୋ କର୍ମଚାରୀ ଏବଂ ଠିକାଦାର ଶ୍ରମିକଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ପ୍ରାୟ ୫୦୦ ଜଣ ଅଂଶଗ୍ରହଣକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ, ଯାହା ଏହାକୁ ଏକ ମହାନ ସଫଳତା ଦେଇଥିଲା ଏବଂ ସଡକ ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ ବୋଲି ବାର୍ତ୍ତାକୁ ଆହୁରି ଦୃଢ଼ କରିଥିଲା।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ପ୍ରଶଂସନୀୟ ପ୍ରୟାସ ନିମନ୍ତେ ଠିକା ଶ୍ରମିକ ପୁରସ୍କୃତ




ରାଉରକେଲା, ୧୭/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମରାମତ ଭବନରେ ଜାନୁଆରୀ ୯ ତାରିଖ ଦିନ ଆୟୋଜିତ ଏକ ପୁରସ୍କାର ବିତରଣ ସମାରୋହରେ, ମେସର୍ସ ଥେଜୋ ଇଞ୍ଜିନିୟରିଂ ଲିମିଟେଡର ୧୨ ଜଣ ଠିକା ଶ୍ରମିକଙ୍କୁ ସେମାନଙ୍କ ଅନୁକରଣୀୟ କାର୍ଯ୍ୟଦକ୍ଷତା ପାଇଁ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସି ଏମ ଏମ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଏସ୍. କେ. ପଙ୍କ ଅଧକ୍ଷତା କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ପଙ୍କ ସି ଏମ ଏମ ବିଭାଗ ର ଜି ଏମ ଶ୍ରୀ ଏସ୍. ପି. ପଟେଲ, ଏବଂ ସି ଏଲ ସି ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଶୁଭେନ୍ଦୁ ଗରୁଡଙ୍କ ସହ ପୁରସ୍କାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସି ଏମ ଏମ ବିଭାଗ ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ପଙ୍କ ତାଙ୍କ ଅଭିଭାଷଣରେ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ଆହ୍ୱାନକୁ ଦୂର କରିବାରେ ସେମାନଙ୍କର ଉତ୍ସର୍ଗ, ପ୍ରତିବଦ୍ଧତା ଏବଂ ଦଳଗତ ମନୋଭାବକୁ ପ୍ରଶଂସା କରିଥିଲେ।

କଞ୍ଚାମାଲ ପ୍ରବନ୍ଧନ ବିଭାଗ (ଆରଏମଏଚପି) ବିଭାଗର ବିସି-୨୨୩ କନଭେୟରକୁ ପୁନରୁଦ୍ଧାର କରିବାରେ ସେମାନଙ୍କର ଅନୁକରଣୀୟ ସମର୍ପଣ ଏବଂ ସମୟୋଚିତ ପ୍ରୟାସ ପାଇଁ ଠିକା ଶ୍ରମିକଙ୍କୁ ପୁରସ୍କୃତ କରାଯାଇଥିଲା। ଉଲ୍ଲେଖନୀୟ ଯେ, ଆରଏମଏଚପି ବିଭାଗର ବିସି-୨୨୩ କନଭେୟର ଗତ ୨୦୨୫ ସେପ୍ଟେମ୍ବର ୨୩ ତାରିଖରେ ଏକ ବଡ଼ ଧରଣର ବ୍ରେକଡାଉନର ସମ୍ମୁଖୀନ ହୋଇଥିଲା। ଏଥିରେ ଠିକା ଶ୍ରମିକ ମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ସେପ୍ଟେମ୍ବର ୨୩ ଓ ୨୪ ତାରିଖ ଲଗାତାର ଦୁଇ ଦିନ ଧରି ଅତ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟ କରି ସର୍ବନିମ୍ନ ସମୟ ମଧ୍ୟରେ କନଭେୟରର ପୁନରୁଦ୍ଧାର ସୁନିଶ୍ଚିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବିସି-୨୨୩ ହେଉଛି ବେସ୍ ମିକ୍ସ ପ୍ରସ୍ତୁତି ପାଇଁ ଲୁହା ପଥର ଫାଇନ୍ ଯୋଗାଣ କରୁଥିବା ଏକକ-କ୍ରମିକ କନଭେୟର ଏବଂ ଏହାର କାର୍ଯ୍ୟରେ ଯେକୌଣସି ବାଧା ସିଧାସଳଖ ସିଣ୍ଟର ଉତ୍ପାଦନକୁ ପ୍ରଭାବିତ କରିଥାଏ ।

ଏହି ସମାରୋହକୁ ସିଏମଏମ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଆଇପିଲ୍ ଭେଙ୍ଗ୍ରା ସଂଯୋଜନା କରିଥିଲେ।

# ସିଦ୍ଧଶକ୍ତି ମତ୍ସ୍ୟଚାଷୀ ଉତ୍ପାଦକ ସମବାୟ ସମିତିର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୭/୧ (ନି.ପ୍ର): ସିଦ୍ଧଶକ୍ତି ମତ୍ସ୍ୟଚାଷୀ ଉତ୍ପାଦକ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଆଜି ଗୋଗୁଆ ସ୍ଥିତ ସାହୁ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମବାୟ ସମିତିର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ସେ ନିଜକୁ ସମବାୟ ସମିତିର ଜଣେ ସଭ୍ୟ ଭାବରେ ବିବେଚନା କରନ୍ତି ଓ ସମସ୍ତ ପ୍ରକାର ବିଭାଗୀୟ ସହଯୋଗ ଯୋଗାଇ ଦେବା ନିମନ୍ତେ କାର୍ଯ୍ୟ ଜାରି ରଖିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀଯୁକ୍ତ ଆଲୋକ ରଞ୍ଜନ ନାଥ ସମ୍ମାନିତ ଅତିଥିଭାବେ ଯୋଗଦେଇ ସାଧାରଣତଃ ସମବାୟ ସମିତିଗୁଡିକ ସାଧାରଣ ସଭା କରିବା ନିମନ୍ତେ ଆଗ୍ରହ ପ୍ରକାଶ କରୁ ନଥିବା ସ୍ଥଳେ ସଫଳତାର ସହିତ ବାର୍ଷିକ ସାଧାରଣ ସଭା ଆୟୋଜିତ କରିଥିବାରୁ ସେ ସମସ୍ତ ସଭ୍ୟମାନଙ୍କୁ ଧନ୍ୟବାଦ ଦେବା ସହିତ ଆଗକୁ ମଧ୍ୟ ଏହିପରି ମିଳି ମିଶି କାର୍ଯ୍ୟ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଉପ ସହକାରୀ ନିବନ୍ଧକ ମତ୍ସ୍ୟ ସମବାୟ ସମିତି ଅଭୟ ମହାନ୍ତି ଯୋଗଦେଇ ମତ୍ସ୍ୟ ସମବାୟ ସମିତି ମାନଙ୍କ ନିମନ୍ତେ ସିଦ୍ଧିଶକ୍ତି ଏକ ଉଦାହରଣ ସୃଷ୍ଟି କରିଛି ଓ ଆଗକୁ ଏହିଭଳି ମିଳିମିଶି କାର୍ଯ୍ୟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଆଗଧାଡ଼ିର ତିନି ଜଣ ମତ୍ସ୍ୟଚାଷୀ – ପ୍ରଶାନ୍ତ ଦାସ, ବିପ୍ଳବ ସ୍ୱାଇଁ ଓ ନରେଶ ଚନ୍ଦ୍ର ପତିଙ୍କୁ ସମ୍ମାନିତ କରାଯାଇଥିଲା। ସଭାପତି ଭାଗବତ ଚନ୍ଦ୍ର ବରାଳ ସଭା କାର?ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମି ମଲ୍ଲିକ, ଝୁନିରାଣୀ ବେହେରା, ମଦନ ମଲ୍ଲିକ, ଦିଲ୍ଲୀପ କୁମାର ବରାଳ, ନାରାୟଣ ପ୍ରଧାନ, ଦିଲ୍ଲୀପ ରାଉତ, ସୁଶାନ୍ତ ସେଠୀ, ଦିବାକର ପ୍ରଧାନ, ପବିତ୍ର ମୋହନ ସାମଲ, ଖୁଲଣା ନାୟକ, ସୋନାଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସଭାନେତ୍ରୀ ଶ୍ରୀମତୀ ଚନ୍ଦନା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଡକ୍ଟର ପ୍ରତିଭା ରାୟଙ୍କ 'ଦୟାନଦୀରୁ ନିରଞ୍ଜନା' ଉପନ୍ୟାସ ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୧୭/୧ (ନି.ପ୍ର): ଆମେ ୨୦୨୬ରୁ ୨୦୩୬ ମସିହା ପର୍ଯ୍ୟନ୍ତ ଏକ ଦଶନ୍ଧିର ଲକ୍ଷ୍ୟ ନେଇ ଏକ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛୁ । ଏହି ସମୟରେ ଓଡ଼ିଶାର ୧ କୋଟିରୁ ଉର୍ଦ୍ଧ୍ୱ ପିଲାଙ୍କ ଯତ୍ନ ନେବା ସହ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଏବଂ ଯୁବପିଢ଼ିଙ୍କୁ ଆନ୍ତର୍ଜାତୀୟ ଦକ୍ଷତା ପ୍ରଦାନ କରିବା ପାଇଁ ଦାୟିତ୍ୱ ନେବା ସହ ପ୍ରୋତ୍ସାହନ ଦେବାକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଆଜି ଭୁବନେଶ୍ୱର ଠାରେ ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟଙ୍କ ଦ୍ୱାରା ରଚିତ ଐତିହାସିକ ଉପନ୍ୟାସ 'ଦୟାନଦୀରୁ ନିରଞ୍ଜନା' ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଆଗାମୀ ଏକ ଦଶନ୍ଧି ୨୦୨୬ରୁ ୨୦୩୬ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରି ଶ୍ରୀ ପ୍ରଧାନ ବିକଶିତ ଓଡ଼ିଶା ଗଠନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶାର ୧ କୋଟିରୁ ଉର୍ଦ୍ଧ୍ୱ ପିଲାମାନେ, ଅର୍ଥାତ୍ ଯେଉଁମାନଙ୍କ କାନ୍ଧରେ ବିକଶିତ ଓଡ଼ିଶାର ଦାୟିତ୍ୱ ରହିଛି, ସେମାନଙ୍କୁ ସାହସୀ ଓ ସ୍ୱାବଲମ୍ବୀ କରିବା ପାଇଁ ମାତୃଭାଷାରେ ଶିକ୍ଷାଦାନ ପ୍ରଦାନ କରିବା ଜରୁରୀ । ସେହିପରି ନବଜାତ ଶିଶୁଙ୍କ ଉପଯୁକ୍ତ ଯତ୍ନ ଓ ପୋଷଣ ପାଇଁ ଗାଁ ଗାଁରେ ଏକ ସାମାଜିକ ଆନ୍ଦୋଳନର ଆବଶ୍ୟକତା ରହିଛି । ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ପ୍ରାକୃତିକ ସମ୍ପଦକୁ ଉପଯୋଗ କରି ଓଡ଼ିଶାର ଯୁବପିଢ଼ିଙ୍କୁ ଆନ୍ତର୍ଜାତୀୟ ଦକ୍ଷତା ପ୍ରଦାନ କରିବା ଆଜିର ଆବଶ୍ୟକତା ରହିଛି । କେନ୍ଦ୍ରମନ୍ତ୍ରୀ ଓଡ଼ିଶାବାସୀଙ୍କୁ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ, ଯେତେବେଳେ ପ୍ରତ୍ୟେକ ନାଗରିକ ନିଜର ଦାୟିତ୍ୱ ପ୍ରତି ସଚେତନ ହେବେ, ସେତେବେଳେ ହିଁ ସମସ୍ତଙ୍କ ଅଧିକାର ସୁରକ୍ଷିତ ରହିବ ଏବଂ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସାକାର ହେବ । ଏହାବ୍ୟତୀତ ଶ୍ରୀ ପ୍ରଧାନ ପୁସ୍ତକ ବାବଦରେ କହିଛନ୍ତି ଯେ, ଏହି କୃତିଟି କେବଳ ଏକ ଉପନ୍ୟାସ ନୁହେଁ, ବରଂ ଏହା ଓଡ଼ିଶାର ଗୌରବମୟ ଇତିହାସ ଏବଂ ବିଶ୍ୱ ଶାନ୍ତିର ବାର୍ତ୍ତାବହ ବୌଦ୍ଧ ଦର୍ଶନର ଏକ ଅପୂର୍ବ ମହାମିଳନ । 'ଦୟା' ନଦୀ – ଯିଏ ଖ୍ରୀଷ୍ଟପୂର୍ବ ୨୬୧ରେ ରକ୍ତର ନଦୀ ଦେଖିଥିଲା । ଚଣ୍ଡାଶୋକରୁ ଧର୍ମାଶୋକ ହେବାର ସେହି ମହାନ୍ ପରିବର୍ତ୍ତନର ମୂକସାକ୍ଷୀ ହେଉଛି ଆମର ଏହି ଦୟା ନଦୀ । ଅନ୍ୟପଟେ 'ନିରଞ୍ଜନା' – ଯାହାର ତଟରେ ଭଗବାନ ବୁଦ୍ଧ ବୁଦ୍ଧତ୍ୱ ପ୍ରାପ୍ତ କରିଥିଲେ । ଏହି ଉପନ୍ୟାସ ମାଧ୍ୟମରେ ଡକ୍ଟର ରାୟ ଆଜିର ପିଢ଼ି ପାଇଁ ଇତିହାସର ସେହି ଦର୍ପଣକୁ ସାହିତ୍ୟ ଶୈଳୀରେ ଉପସ୍ଥାପନ କରିଛନ୍ତି । ଏକବିଂଶ ଶତାବ୍ଦୀରେ ଏଭଳି ଏକ ପୁସ୍ତକର ରଚନା ନିଶ୍ଚିତ ଭାବରେ ଏକ ପ୍ରଶଂସନୀୟ ପଦକ୍ଷେପ। କୁହାଯାଏ ଯେ, ଗୋଟିଏ ଜାତି, ସଭ୍ୟତା ଓ ସଂସ୍କୃତି ନିଜର ଇତିହାସକୁ ଦେଖିହିଁ ଆଗକୁ ବଢ଼ିଥାଏ; କାରଣ ଇତିହାସ ସର୍ବଦା ଏକ ଦର୍ପଣ ସଦୃଶ କାର୍ଯ୍ୟ କରେ । 'ଦୟାନଦୀରୁ ନିରଞ୍ଜନା' କେବଳ ଏକ ମାତ୍ର ଐତିହାସିକ ଉପନ୍ୟାସ ନୁହେଁ, ବରଂ ଏହା ସମଗ୍ର ମାନବ ସଭ୍ୟତାକୁ ପ୍ରେମ, କରୁଣା ଓ ଅହିଂସାର ଶାଶ୍ୱତ ସନ୍ଦେଶ ପ୍ରଦାନ କରେ । ଯେଉଁ ଐତିହାସିକ ଘଟଣା ଦିନେ ଦୟାନଦୀର ଜଳକୁ ରକ୍ତରଞ୍ଜିତ କରିଥିଲା, ତାହା ହିଁ ପରବର୍ତ୍ତୀ ସମୟରେ ବିଶ୍ୱକୁ ଶାନ୍ତିର ପଥ ପ୍ରଦର୍ଶନ କରିଥିଲା । ଏହି ମହତ ପୁସ୍ତକଟି ସାଧାରଣରେ ବହୁଳ ଭାବରେ ଆଦୃତ ହେବା ନେଇ ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି । ଏହି ପୁସ୍ତକ ବିମୋଚନ ସମାରୋହରେ ଓଡ଼ିଶାର ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁସ୍ତକର ଲେଖିକା ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ, ଇଷ୍ଟର୍ଣ୍ଣ ରିଜିଓନାଲ ଲାଙ୍ଗୁଏଜ୍ ସେଣ୍ଟରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ

ଜୟପୁର, ୧୭/୧ (ନି.ପ୍ର): ସରସ୍ୱତୀ ବିଦ୍ୟାମନ୍ଦିର ସାରଦା ବିହାର ଜୟପୁର ୨୦୦୬ ମ୍ୟାଟ୍ରିକ ବ୍ୟାଚ୍ ର ବନ୍ଧୁମିଳନ କାର୍ଯ୍ୟକ୍ରମ ଟାଙ୍କୁଆ ଗ୍ରାମରେ ଆୟୋଜିତ ହୋଇଯାଇଛି। ୨୦୦୬ ମସିହାର ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ବନ୍ଧୁମିଳନ କାର୍ଯ୍ୟକ୍ରମର ମହତ୍ୱ ସମ୍ବନ୍ଧରେ ମାର୍ଗଦର୍ଶନ କରିବା ସହ ଏହାକୁ ପାରିବାରିକ ତଥା ସାମାଜିକ ପରମ୍ପରାରେ ପରିଣତ ତଥା ନିୟମିତ ଆୟୋଜନ କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରାକ୍ତନ ଆଚାର୍ଯ୍ୟ ସୁନୀଲ କୁମାର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କଉ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିବେକ ସିଂ, ସିଦ୍ଧାର୍ଥ ପାଢ଼ୀ, ଅନିରୁଦ୍ଧ ପଣ୍ଡା, ସୁମନ ପାତ୍ର, ବିଶ୍ୱେଶ୍ୱର ପାତ୍ର, ଚିତରଞ୍ଜନ, ସୁଶାନ୍ତ ବେହେରା ପ୍ରମୁଖ ବିଦ୍ୟାର୍ଥୀ ଜୀବନ ଅନୁଭୂତି ବର୍ଣ୍ଣନା କରିଥିଲେ। ଅତିଶ ସାବତ ପରିଚୟ ପ୍ରଦାନ କରିଥିବାବେଳେ ଅବିନାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଦୀପ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମୀର ସାହୁ, ସୌମ୍ୟରଂଜନ ପଟ୍ଟନାୟକ, ଶିବ ଗୌଡ଼, ଆହ୍ୱାନଦ୍ୱୀପ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ନେସନାଲ କଲେଜରେ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର

ନୂଆପଡ଼ା, ୧୭/୧ (ନି.ପ୍ର): ନୂଆପଡା ସ୍ଥିତ ନେସନାଲ କଲେଜ ଠାରେ କଲେଜର ଯୁବ ରେଡକ୍ରସ, ରେଡରିବନ୍ କ୍ଲବ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୁଲ୍ୟରେ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ ମୁଖ୍ୟ ଅତିଥି ରୂପେ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଯୋଗଦେଇ ଯୁବ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସହ ରକ୍ତଦାନ ଏକ ମହାନ୍ ଦାନ ଏବଂ ରକ୍ତଦାନ କରିବା ଉପରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଇତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସାମାଜିକ କର୍ମୀ ଭୈରବ ସାହୁ, ସିଆରପିଏଫ ଅଧିକାରୀ ଓ କ୍ରୀଡା ଅଧ୍ୟାପକ ପ୍ରକାଶ ସାହୁ ଯୋଗଦାନ କରି ରକ୍ତଦାତା ବନ୍ଧୁ ମାନଙ୍କୁ ଉତ୍ସାହିତ କରିଥିଲେ।

# ପର୍ପଲ ଫେୟାର ଅନୁଷ୍ଠିତ : ଦିବ୍ୟାଙ୍ଗ ମାନେ ସମାଜ ପାଇଁ ବୋଝ ନୁହନ୍ତି

ପୁରୀ, ୧୭/୧ (ନି.ପ୍ର): ଦିବ୍ୟାଙ୍ଗ ମାନେ ସମାଜର ଏକ ଅଙ୍ଗ। ସେମାନ ସମାଜ ପାଇଁ ବୋଝ ନୁହନ୍ତି ବରଂ ସମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କଲେ ସେମାନେ ସମାଜର ସମ୍ବଳ ପାଲଟିବେ। ସେମାନଙ୍କ ଦକ୍ଷତା ଓ ପ୍ରତିଭାର ବିକାଶ ପାଇଁ ଆମେ ସାମୁହିକ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି କହିଛନ୍ତି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା। ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ପକ୍ଷରୁ ଏସଭିନିରତାର ସହାୟତାରେ ପର୍ପଲ ଫେୟାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ପ୍ରତ୍ୟେକଙ୍କ ମଧ୍ୟରେ କିଛି ନା କିଛି ପ୍ରତିଭା ରହିଛି। ଏହାର ଉପଯୁକ୍ତ ବିକାଶ ହେଲେ ସେମାନେ ସମାଜର ସମ୍ବଳ ପାଲଟନ୍ତି। ଦିବ୍ୟାଙ୍ଗ ମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ ପାଇଁ ଏହିଭଳି ମଂଚ ହିଁ ବଡ ପ୍ଲାଟଫର୍ମ ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତିଆ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ମାନଙ୍କର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ନିରତାରର ଉପ ନିର୍ଦ୍ଦେଶକ ସତ୍ୟଜିତ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରାଣାଳୟ ପକ୍ଷରୁ ନିରତାର ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ପର୍ପଲ ମେଳା ଆୟୋଜିତ କରାଯାଉଛି। ବଲାଙ୍ଗୀର ଓ ଢେଙ୍କାନାଳ ଜିଲ୍ଲାରେ ଏହା ସରିଥିବା ବେଳେ ଆଜି ପୁରୀରେ ହେଉଛି। ଆଗାମୀ ଦିନରେ ସମସ୍ତ ଜିଲ୍ଲା ମାନଙ୍କରେ ଏହା ଆୟୋଜନ କରାଯିବା ସହ ଦିବ୍ୟାଙ୍ଗ ପ୍ରତିଭା ମାନଙ୍କୁ ଉତ୍ସାହିତ କରାଯିବ ବୋଲି ସେ କହିଥିଲେ। ପରେ ଅତିଥି ମାନେ ପ୍ରଦର୍ଶନୀ ମେଳାକୁ ଉଦଘାଟନ ଓ ପରିଦର୍ଶନ ସହ ଝୋଟି ପ୍ରତିଯୋଗିତାକୁ ନିରୀକ୍ଷଣ କରିଥିଲେ। ପରେ ଦିବ୍ୟାଙ୍ଗ ପ୍ରତିଭାଧାରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସେଲ୍, ଆରଏସପିରେ 'ରୋଲିଂ ମିଲ୍ ପରିଚାଳନାରେ ସୁରକ୍ଷା' ସନ୍ଦର୍ଭରେ ତୃତୀୟ ସୁରକ୍ଷା ପରିଚାଳନା କମିଟି ବୈଠକ ଆରମ୍ଭ

ରାଉରକେଲା, ୧୭/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ସେଲ୍ ସୁରକ୍ଷା ସଂସ୍ଥା (ଏସଏସଓ), ରାଞ୍ଚି ସହଭାଗିତାରେ ଆୟୋଜିତ 'ରୋଲିଂ ମିଲ୍ ପରିଚାଳନାରେ ସୁରକ୍ଷା' ଉପରେ ତୃତୀୟ ସୁରକ୍ଷା ପରିଚାଳନା କମିଟି ବୈଠକ ଜାନୁଆରୀ ୧୬ ତାରିଖରେ ରାଉରକେଲା କ୍ଲବରେ ଆରମ୍ଭ ହୋଇଛି। ଏହାର ଉଦଘାଟନୀ ଅଧିବେଶନରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ରାଞ୍ଚି ସ୍ଥିତ ସେଲ୍ ସୁରକ୍ଷା ସଂସ୍ଥା (ଏସଏସଓ)ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ କେ ରାମକୃଷ୍ଣ ସମ୍ମାନିତ ଅତିଥି ଥିଲେ। ଏହି କାର୍ଯ୍ୟକ୍ରମରେ ଖଣି ଉନ୍ନୟନ-ସିଏମଏଲଓ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି କେ ଗିରି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି-ଓଜିଓଏମ, ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲଚୌଧୁରୀ ଏବଂ ସେବା ବିଭାଗର ସିଜିଏମ ଇନ-ଚାର୍ଜ ତଥା ଆକ୍ଟିଂ ଇଡ଼ି (ଓ୍ୱର୍କ୍ସ) ଶ୍ରୀ ଅତିଶ ଚନ୍ଦ୍ର ସରକାର ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ବର୍ମା ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଦେଢ଼ ଦିନିଆ ସମ୍ମିଳନୀର ଶୁଭାରମ୍ଭ କରିଥିଲେ। ଉଲ୍ଲେଖନୀୟ ଯେ ଏହି କାର୍ଯ୍ୟକ୍ରମରେ ସେଲ୍, ଟାଟା ଷ୍ଟିଲ, ଆରଆଇଏନଏଲ, ଜେଏସଡବ୍ଲୁ, ଏନଏମଡ଼ିସି, ଏଏମଏନଏସ ଏବଂ ମେକନ୍ ର ବିଭିନ୍ନ ୟୁନିଟ୍ ରୁ ପ୍ରାୟ ୬୦ ଜଣ ପ୍ରତିନିଧି ଯୋଗ ଦେଉଛନ୍ତି।

ସମାବେଶକୁ ସମ୍ବୋଧିତ କରି ଶ୍ରୀ ବର୍ମା କହିଥିଲେ ଯେ, 'ସୁରକ୍ଷା ହେଉଛି 'ପରମ ଧର୍ମ'। ଏହା ଲାଭ ଏବଂ ଉତ୍ପାଦନ ପୂର୍ବରୁ ଆସେ, ଏବଂ ଏଥିରେ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ।' ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ଲାଣ୍ଟ ଗେଟରେ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ପଡିବ, ଏହା ସମସ୍ତ କର୍ମଚାରୀଙ୍କ ଏକ ସାମୂହିକ ପ୍ରତିଶ୍ରୁତି ହେବା ଉଚିତ। 'ଆମକୁ ଠିକା କର୍ମଚାରୀଙ୍କ ସମେତ କର୍ମଚାରୀଙ୍କ ମଧ୍ୟରେ ଏକ ଦୃଢ଼ ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ପଡିବ, ଯାହା ଦ୍ୱାରା କାର୍ଯ୍ୟକ୍ଷେତ୍ର ସୁରକ୍ଷିତ ଏବଂ ଯତ୍ନବାନ ବୋଲି ସମସ୍ତେ ଅନୁଭବ କରିବେ'। ରୋଲିଂ ମିଲ୍ କାର୍ଯ୍ୟ ବିଷୟରେ ଉଲ୍ଲେଖ କରି ସେ ସୂଚାଇଥିଲେ ଯେ ହାଇ-ସ୍ପିଡ୍ ଉପକରଣ, ହାଇଡ୍ରୋଲିକ୍ ସିଷ୍ଟମ୍, ଗ୍ୟାସ୍ ଲାଇନ ଏବଂ କେବୁଲ୍ ଗ୍ୟାଲେରୀଗୁଡ଼ିକ ସର୍ବୋଚ୍ଚ ସ୍ତରର ଯତ୍ନ ଏବଂ ସୁରକ୍ଷା ପ୍ରୋଟୋକଲର କଠୋର ପାଳନ ଆବଶ୍ୟକ କରନ୍ତି। ଡ଼ିଆଇସି ସପ୍ ଫ୍ଲୋର ପ୍ରବନ୍ଧକମାନଙ୍କୁ ପ୍ରତିଦିନ ସେମାନଙ୍କ ଦଳ ସହିତ ସୁରକ୍ଷା ଆଲୋଚନା କରିବାକୁ ଏବଂ ପ୍ରତ୍ୟେକ କର୍ମଚାରୀଙ୍କୁ ସୁରକ୍ଷା ଚିନ୍ତା ବିଷୟରେ ଖୋଲାଖୋଲି ଭାବରେ କହିବାକୁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲା।

ଏହି ବୈଠକର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ରାମକୃଷ୍ଣ ନିଜ ବକ୍ତବ୍ୟରେ କହିଥିଲେ ଯେ, ଏହିପରି ମଞ୍ଚଗୁଡ଼ିକ ୟୁନିଟ୍ ମଧ୍ୟରେ ସୁରକ୍ଷା ନେଟୱାର୍କକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ ପରସ୍ପରର ଅଭିଜ୍ଞତାରୁ ଶିଖିବା ପାଇଁ ଏକ ମୂଲ୍ୟବାନ ମଞ୍ଚ ପ୍ରଦାନ କରେ। ସେ ଉଲ୍ଲେଖ କରିଥିଲେ ଯେ, ସୁରକ୍ଷା ଏକ ସୀମାହୀନ ଯାତ୍ରା ଏବଂ ନିରାପତ୍ତା ଅଭ୍ୟାସରେ ନିରନ୍ତର ଶିକ୍ଷା ଏବଂ ଉନ୍ନତି ପାଇଁ ସେ ଆହ୍ୱାନ କରିଥିଲେ। ସେ ପୁନର୍ବାର କହିଥିଲେ ଯେ, ସଂଗଠନ ସୁରକ୍ଷା ତ୍ରୁଟି ପ୍ରତି ଶୂନ୍ୟ-ସହନଶୀଳତା ଆଭିମୁଖ୍ୟ ଅନୁସରଣ କରେ ଏବଂ ସୁରକ୍ଷା ପ୍ରତି ସେଲ୍ ଦୃଢ ପ୍ରତିବଦ୍ଧ ଅଟେ।

ଏହି ଅବସରରେ ନିଜ ବକ୍ତବ୍ୟରେ, ଶ୍ରୀ ସରକାର ସମସ୍ତ କର୍ମଚାରୀଙ୍କ ପାଇଁ ଏକ ସୁସ୍ଥ ଏବଂ ନିରାପଦ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ସୁରକ୍ଷା କ୍ଷେତ୍ରରେ ବ୍ୟବସ୍ଥାକୁ ସୁଦୃଢ଼ କରିବା, ତଦାରଖ ବୃଦ୍ଧି କରିବା ଏବଂ ଦୁର୍ଘଟଣାକୁ ସକ୍ରିୟ ଭାବରେ ରୋକିବା ପାଇଁ ଉପଲବ୍ଧ ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ୍ ଉପକରଣଗୁଡ଼ିକର ପ୍ରଭାବଶାଳୀ ଉପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅଧିବେଶନରେ ଏଚଏସଏମ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ ଶ୍ରୀ ସୁବ୍ରତ କୁମାର ସ୍ୱାଗତ ଭାଷଣ ଦେଇଥିଲାବେଳେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଚଏସଏମ-୨ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଅନୁପ ଅଗ୍ରୱାଲ ଏବଂ ଏସପିପି ବିଭାଗର ମ୍ୟାନେଜର ଶ୍ରୀ ଶାମସ୍ ଗାଜାଲି ଉଦଘାଟନୀ ଅଧିବେଶନ ସଂଯୋଜନା କରିଥିଲେ।

ଉଦଘାଟନୀ ଦିବସରେ, ବିଭିନ୍ନ ୟୁନିଟର ଦଳଗୁଡ଼ିକ ଲମ୍ବା ଏବଂ ଫ୍ଲାଟ୍ ଉତ୍ପାଦଗୁଡ଼ିକର ରୋଲିଂ ସମ୍ପର୍କିତ 'ରୋଲିଂ ମିଲ୍ସରେ ସୁରକ୍ଷା: ଭବିଷ୍ୟତର ସମ୍ଭାବନା ଏବଂ ଆହ୍ୱାନ, ଶିଳ୍ପ ସ୍ୱୟଂଚାଳିତତା ଏବଂ ଡିଜିଟାଲାଇଜେସନ୍ ମାଧ୍ୟମରେ ରକ୍ଷଣାବେକ୍ଷଣ ଏବଂ ପ୍ରକ୍ରିୟାରେ ସୁରକ୍ଷା ବିପଦ ହ୍ରାସ' ଉପରେ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ।

# ନୂଆପଡ଼ାରୁ ୭୩ ଜଣ ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା ଓ ବାରଣାସୀ ତୀର୍ଥଯାତ୍ରା

ନୂଆପଡ଼ା, ୧୭/୧ (ନି.ପ୍ର): ନୂଆପଡ଼ା ଜିଲ୍ଲାରୁ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୭୩ ଜଣ ସାମିଲ୍ ହୋଇ ଆଜି ଅଯୋଧ୍ୟା, ବାରଣାସୀ ଯାତ୍ରା କରିଛନ୍ତି। ଯେଉଁ ବରିଷ୍ଠ ନାଗରିକମାନଙ୍କୁ ଏହି ଯୋଜନାରେ ଚୟନ କରାଯାଇଥିଲା ସେମାନେ ଆଜି ଆସି ନୂଆପଡ଼ା ପର୍ଯ୍ୟଟନ କାଯ୍ୟାଳୟରେ ପହଂଚିଥିଲେ। ସେଠାରେ ଡାକ୍ତର ମାନଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନ କରାଇଥିଲା। ଏହି ତୀର୍ଥଯାତ୍ରୀମାନଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାଶ ସ୍ୱାଗତ କରି ଏକ ଆନନ୍ଦ ଦାୟକ ତୀର୍ଥ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସମସ୍ତଙ୍କୁ ସମ୍ବୋଧନ କରି ସେ କହିଲେ ଯେ, ସମସ୍ତ ବରିଷ୍ଠ ନାଗରିକ ଏକାଠି ହୋଇ ତୀର୍ଥ ଯାତ୍ରାର ମଜା ନିଅନ୍ତୁ। କାରଣ ଓଡ଼ିଶା ସରକାରଙ୍କ ସମ୍ପୂର୍ଣ୍ଣ ନିଶୁଳ୍କ ସେବା ଯୋଜନାରେ ଏମାନେ ଭାରତବର୍ଷର ଦୁଇଟି ପ୍ରମୁଖ ତୀର୍ଥକ୍ଷେତ୍ର ଅଯୋଧ୍ୟା ଓ ବାରଣାସୀ ପରିଦର୍ଶନର ସୁଯୋଗ ପାଇଛନ୍ତି। ଏହି ଗସ୍ତ ପଛରେ ଜିଲ୍ଲା ପ୍ରଶାସନର ସଂପୂର୍ଣ୍ଣ ସହଯୋଗ ଓ ଶୁଭେଚ୍ଛା ରହିଛି। ଦୁଇଜଣ ସହାୟକ ଅଧିକାରୀ ବିକ୍ରମ କେଶରୀ ହେରନା ଓ ତୃପ୍ତିମାନ ମୁଣ୍ଡଙ୍କ ସହିତ ଦୁଇଟି ସତନ୍ତ୍ର ବସ ଯୋଗେ ସମସ୍ତେ ରାୟଗଡା ଯାତ୍ରା କରିଥିଲେ। ଆସନ୍ତାକାଲି ଅନ୍ୟ ପାଂଚଟି ଜିଲ୍ଲାର ଯଥା କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି ଓ କୋରାପୁଟ ତୀର୍ଥଯାତ୍ରୀମାନଙ୍କ ସହ ମିଶି ଏକ ସତନ୍ତ୍ର ରେଳ ଯୋଗେ ସମସ୍ତେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ବାରାଣସୀ ମଧ୍ୟ ପରିଭ୍ରମଣ କରି ଆସନ୍ତା ୨୨ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୮ ଜାନୁଆରୀ ୨୦୨୬
email :
rabibarachayan2015@gmail.com



# ବୁଦ୍ଧ କାହାଣୀ




ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୨୩ ରାଜକୁମାରୀ ଯଶୋଧାରା

ବୁଦ୍ଧ ଭୋଜନ କରିବା ପରେ, ଯଶୋଧାରା ବ୍ୟତୀତ ଯେଉଁମାନେ ତାଙ୍କୁ ରାଜକୁମାର ସିଦ୍ଧାର୍ଥ ଭାବରେ ଜାଣିଥିଲେ, ସେମାନେ ସମସ୍ତେ ତାଙ୍କ ସହ କଥାବାର୍ତ୍ତା କରିବାକୁ ଏବଂ ସମ୍ମାନ ଦେବାକୁ ଆସିଲେ। ସମସ୍ତେ ତଥାପି ଚକିତ ଥିଲେ, କିନ୍ତୁ ସେମାନଙ୍କର ପ୍ରିୟ ରାଜକୁମାର ଗେରୁଆ ବସ୍ତ୍ର ପିନ୍ଧିଥିବାର ଦେଖି ବହୁତ ଖୁସି ହେଲେ - ଯାହାଙ୍କୁ ସମସ୍ତେ ସମ୍ମାନ କରନ୍ତି, ପ୍ରେମ କରନ୍ତି ଓ ପୂଜା କରନ୍ତି।

ମାତ୍ର ଯଶୋଧାରା ତାଙ୍କ କୋଠରୀରେ ଥାଇ ଭାବୁଥିଲେ, "ରାଜକୁମାର ସିଦ୍ଧାର୍ଥ ଏବେ ଜଣେ ଜ୍ଞାନୀ - ଜଣେ ବୁଦ୍ଧ। ସେ ଏବେ ବୁଦ୍ଧ ସଂପ୍ରଦାୟର। ତାଙ୍କ ପାଖକୁ ମୁଁ ଯିବା କ'ଣ ଉଚିତ ହେବ? ମୋତେ ତାଙ୍କର ଆବଶ୍ୟକତା ନାହିଁ। ତାଙ୍କ ପାଖକୁ ଯିବା କ'ଣ ମୋ ପାଇଁ ଠିକ୍?" ମୁଁ ଭାବୁଛି ଅପେକ୍ଷା କରି ଦେଖିବା ଭଲ। ଯଦି ସେ ଏଠାକୁ ଆସନ୍ତି, ତେବେ ମୁଁ ତାଙ୍କୁ ଯଥାଯୋଗ୍ୟ ସମ୍ମାନ ଦେବି।

କିଛି ସମୟ ପରେ ବୁଦ୍ଧ ପଚାରିଲେ, "ଯଶୋଧାରା କେଉଁଠି?"

"ସେ ତା' କୋଠରୀରେ ଅଛି" - ତାଙ୍କ ପିତା କହିଲେ।

"ଆସ ସେଠାକୁ ଯିବା" - କହିଲେ ବୁଦ୍ଧ ଏବଂ ରାଜାଙ୍କୁ ତାଙ୍କ ଥାଳ ଦେଇ ଯଶୋଧାରାଙ୍କ କୋଠରୀକୁ ଗଲେ। ଯେତେବେଳେ ସେ କୋଠରୀ ଭିତରକୁ ପ୍ରବେଶ କଲେ, ବୁଦ୍ଧ କହିଲେ, "ତାଙ୍କୁ ତାଙ୍କ ଇଚ୍ଛାନୁସାରେ ମୋତେ ସମ୍ମାନ ଦେବାକୁ ଛାଡ଼ିଦିଅ। କିଛି କୁହ ନାହିଁ।"

ଯେତେବେଳେ ଯଶୋଧାରା ଜାଣିଲେ ଯେ ବୁଦ୍ଧ ତାଙ୍କ କୋଠରୀକୁ ଆସୁଛନ୍ତି, ସେ ଦାସୀମାନଙ୍କୁ ହଳଦିଆ ବସ୍ତ୍ରଧାରଣ କରି ତାଙ୍କୁ ସ୍ୱାଗତ କରବାକୁ ନିର୍ଦ୍ଦେଶ ଦେଲେ। ବୁଦ୍ଧ ତାଙ୍କ କୋଠରୀରେ ପ୍ରବେଶ କରି ନିଜର ଆସନ ଗ୍ରହଣ କରିବା ପୂର୍ବରୁ ଯଶୋଧାରା ତୁରନ୍ତ ତାଙ୍କ ପାଖକୁ ଆସିଲେ ଏବଂ ତାଙ୍କ ଗୋଡ଼ ଧରି, ତାଙ୍କ ପାଦ ଉପରେ ମୁଣ୍ଡରଖି ଲୁହରେ ପାଦ ଓଦା ହୋଇଯିବା ପର୍ଯ୍ୟନ୍ତ କାନ୍ଦିଚାଲିଲେ। ବୁଦ୍ଧ ଥିଲେ ନିଶ୍ଚଳ। କାନ୍ଦିକାନ୍ଦି ବହୁତ କ୍ଳାନ୍ତି ହେବା ପର୍ଯ୍ୟନ୍ତ କେହି ତାଙ୍କୁ



ଅଟକାଇଲେ ନାହିଁ। ତପ୍ରରେ ସେ ବୁଦ୍ଧଙ୍କ ପାଦକୁ ସଫା କରି ଆଦରପୂର୍ବକ ବସିଲେ।

ଯେତେବେଳେ ସେ ବସିଗଲେ, ସେତେବେଳେ ତାଙ୍କ ଶ୍ୱଶୁର ରାଜା ଶୁଦ୍ଧୋଦନ କହିଲେ -

"ପ୍ରଭୁ ଯେତେବେଳେ ମୋ ବୋହୂ ଶୁଣିଲା ଯେ ତୁମେ ଗେରୁଆ ପୋଷାକ ପିନ୍ଧୁଛ, ସେତେବେଳେ ସେ ମଧ୍ୟ ହଳଦିଆ ବସ୍ତ୍ର ପରିଧାନ କଲା; ସେ ଯେତେବେଳେ ଶୁଣିଲା ଯେ ତୁମେ ପ୍ରତିଦିନ ଥରେ ମାତ୍ର ଖାଉଛ, ସେ ମଧ୍ୟ ସେପରି କଲା; ଯେତେବେଳେ ସେ ଶୁଣିଲା ଯେ ତୁମେ ସୁକୋମଳଶଯ୍ୟା ପରିତ୍ୟାଗ କରିଛ, ସେତେବେଳେ ସେ ସାଧାରଣ ଶଯ୍ୟାରେ ଶୟନ କଲା; ଯେତେବେଳେ ସେ ଶୁଣିଲା ଯେ ତୁମେ ଫୁଲମାଳ ଓ ସୁଗନ୍ଧଦ୍ରବ୍ୟ ତ୍ୟାଗ କରିଛ, ସେ ମଧ୍ୟ ସେସବୁ ପରିତ୍ୟାଗ କଲା; ଯେତେବେଳେ ତାଙ୍କ ସମ୍ପର୍କୀୟମାନେ ତାଙ୍କର ଭରଣ-ପୋଷଣ କରିବା ପାଇଁ ସନ୍ଦେଶ ପ୍ରେରଣ କଲେ, ସେତେବେଳେ ସେ ଏଥିପ୍ରତି ସାମାନ୍ୟ କର୍ଣ୍ଣପାତ୍ର କଲାନାହିଁ। ମୋ ବୋହୂ କେତେ ଗୁଣବତୀ!"

"ହେ ମହାରାଜ, କେବଳ ଏ ଜନ୍ମରେ ନୁହେଁ, ପୂର୍ବଜନ୍ମରେ ମଧ୍ୟ ସେ ମୋତେ ସୁରକ୍ଷା ଦେଇଥିଲେ ଏବଂ ମୋ ପ୍ରତି ସମର୍ପିତ ଓ ବିଶ୍ୱସ୍ତ ଥିଲେ", ବୁଦ୍ଧ କହିଲେ ଏବଂ ତାଙ୍କୁ ଚଣ୍ଡକିନ୍ନର ଜାତକର କାହାଣୀ କହିଲେ, ଯାହା ପୂର୍ବଜନ୍ମର କାହାଣୀ ମଧ୍ୟରୁ ଅନ୍ୟତମ। (କ୍ରମଶଃ)

❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମନଗହନର କଥା...



ଆଜିକାଲିର ସାହିତ୍ୟରେ ଶ୍ରମସଂସ୍କୃତିର ପ୍ରତିଫଳନ ନାହିଁ । ଧର୍ମ ଓ ଧର୍ମ ଭିତରେ ରହିଥିବା ସାମ୍ପ୍ରଦାୟିକତାବାଦୀ ଭାବନା, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ ନାହିଁ । ଚିରାଚରିତ ବ୍ୟବସ୍ଥା ମଧ୍ୟରେ ମୁଣ୍ଡ ଗୁଞ୍ଜି ସାହିତ୍ୟ ରଚନା କରି କିଛି ନାଁ କମାଇବା ବା କିଛି ପୁରସ୍କାର ଲାଭ କରିବା ଆଜିକାଲିକାର ସାହିତ୍ୟିକଙ୍କ ନୀତିସ୍ରୋତ ହୋଇଛି ।

ଜାତୀୟ ଓ ବିଶ୍ୱ ରାଜନୀତି, ସାହିତ୍ୟ, କଳା, ସଂସ୍କୃତି ହେଉଛି ମଣିଷ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ । ଏସବୁକୁ ବାଦ୍‌ଦେଇ ସୃଷ୍ଟ ସାହିତ୍ୟର ଆଭିମୁଖ୍ୟ ନିରର୍ଥକ । ଯେହେତୁ ସାହିତ୍ୟ ମଣିଷ ସମାଜ ଲାଗି ଏବଂ ମଣିଷ ସମାଜ ଅର୍ଥ ରାଜନୀତି, ସାହିତ୍ୟର ବାସ୍ତବଦିଗ ପ୍ରତି ଚର୍ଯ୍ୟା କରିବା ଆଜିକାଲି ବଡ ଆହ୍ୱାନ ହୋଇଛି । ଜଣେ ସୃଜନଶୀଳ ସ୍ରଷ୍ଟା ଭାବେ ଜଣେ ଲେଖକ ରାଜନୀତିଠାରୁ ଉର୍ଦ୍ଧ୍ୱରେ ନୁହନ୍ତି । ସେମାନେ ଏହାକୁ ପାଥେୟ କରି ସାହିତ୍ୟ ସୃଷ୍ଟି କରିବା ଆବଶ୍ୟକ । ଦେଶର ଯେଉଁସବୁ ମହାନ୍ ଲେଖକ ସୃଷ୍ଟି ହୋଇଛନ୍ତି ସେମାନେ କେହି ସାମ୍ପ୍ରତିକ ରାଜନୀତି, ସାମାଜିକ ବ୍ୟବସ୍ଥାକୁ ଆଧାର କରି ସାହିତ୍ୟ ରଚନା କରିନାହାନ୍ତି । ଅନେକ ଲେଖକ ଧାର୍ମିକ ମୌଳବାଦକୁ ଆଧାର କରି ଲୋକଙ୍କ ସହ ରହି ସାହିତ୍ୟ ରଚନା କରୁଛନ୍ତି । ମାତ୍ର ସେମାନେ ବାସ୍ତବରେ ସାହିତ୍ୟିକ ପଦବାଚ୍ୟ ନୁହନ୍ତି । ଜର୍ମାନୀରେ ନାଜି ଶାସନ କାଳରେ ଲକ୍ଷ ଲକ୍ଷ ପୁସ୍ତକ ଜାଳି ଦିଆଯାଇଥିଲା । ବିଶେଷ କରି ମାର୍କ୍ସବାଦ, ଲେନିନବାଦ, ଶାନ୍ତି ପ୍ରତିଷ୍ଠା ଧର୍ମୀ, ସମାଜବାଦ ଆଧାରିତ ପୁସ୍ତକକୁ ବିଲୋପ କରଦିଆଯାଇଥିଲା । ଅନେକ ଲେଖକଙ୍କୁ ନିର୍ଯ୍ୟାତନା ଶିବିରରେ ହତ୍ୟା କରାଯାଇଥିଲା । କେବଳ ଜର୍ମାନୀ ନୁହେଁ, ବିଶ୍ୱର ଅନେକ ରାଷ୍ଟ୍ରରେ ଏହି ଧରଣର ଘଟିଛି । ମାତ୍ର ଆଜିକାଲି ସେହି ଅବସ୍ଥା ନାହିଁ । ଲେଖକମାନେ ଯଥେଷ୍ଟ ସ୍ୱାଧୀନତା ଲାଭ କରିଛନ୍ତି । ଲେଖକଙ୍କୁ ବିଭିନ୍ନ ସ୍ତରରେ ସୁରକ୍ଷା ଦିଆଯାଉଛି । ମାତ୍ର ଲେଖକମାନେ ନିଜ ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରୁନାହାନ୍ତି ।

**- ବିନୋଦ**

❤ ଭୁବନେଶ୍ୱର
ମୋ: ୯୪୩୭୧୬୪୭୬୪

# ପାଉଁଜିର ପାଣ୍ଡୁଲିପି-୩

**ବିପିନ ମହାନ୍ତି**



## ଅନ୍ଧାରର ଅଭିସାର

ଅନ୍ଧାର ସାଥୀରେ ଚୁକ୍ତି ଆମର ଆସ ଗୋ ଆସ ସଖୀ
ଆଲୁଅକୁ ତୁମେ ମନା କରିଦିଅ ଦୁଆର ପାଖକୁ ଡାକି
ଖୋଲିଦିଅ ତୁମ କୃଷ୍ଣ କବରୀ ଗଜରା ଯାଉ ଛିଡି
ଖସିଯାଉ ତୁମ ଖୋସଣି ଫିଟାଇ ପିନ୍ଧିଥିବା ପାଟଶାଢ଼ି ।

ଲାଜର ଗହଣା ଫିଙ୍ଗଦେଇ ତୁମେ ସରମକୁ ଦିଅ ଛାଡି
ତୁମରି ବାହୁର ନିବିଡ ଆଶ୍ଳେଷେ ଧର ମୋତେ ଧର ଭିଡି
ଏ ରାତି ସପନ ଆର ରାତି ପାଇଁ ରଖନାହିଁ କିଛି ବାକି
ସାତ ଜନମର ଦ୍ୱାହି ଦେଇ ଆଉ ଠକନାହିଁ ମୋତେ ସଖୀ ।

ଲେପିଦିଅ ତୁମ ଫୁଙ୍ଗୁଳା ଦେହକୁ ଗୋଟାପଣେ ମୋ ଦେହରେ
ଚୁମି ଯାଉଥିବିତୁମ ସାରା ଅଙ୍ଗ ଅନ୍ଧାରର ଅଭିସାରେ
ଆଲୁଅର ଡରେ ବସି ଘରକୋଣେ କରନାହିଁ ଅନୁତାପ
ଜୀବନର ଏହି ପୁଣ୍ୟ ବେଦୀରେ ପ୍ରେମ ଏକ ଛୋଟ ପାପ ।

ଗୋଟିଏ ରାତିରେ କୋଟିଏ ଜନ୍ମର ମେଣ୍ଟିଯାଉ ଅବସୋସ
ପ୍ରୀତିର ନୂତନ ନକ୍ସା ଆଙ୍କି ଆମେ ରଚିଯିବା ଇତିହାସ ।

❤ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

# ॥ ନାଲିମାଟିର ଜୀବନ ॥

**ପିନାକୀ ମିଶ୍ର**



ଆଁ କରି ଅନେଇଥା
କେହି ଆସିବେନି, କିଛି ପାଇବୁନି,
ଖାଁ ଖାଁ ଆକାଶ
ଗାଁ ଦାଣ୍ଡରେ ପବନ ପଇଁତରା
ନିଜ ବୟସ ତ ଜଣାନାହିଁ,
ବାଡି ଧରିଲୁଣି ।

ରାତିପାହିଲେ ପଥର ପିଟିଲୁ
ବଳ ବିଶ୍ୱାସ ଆୟୁଷ ସବୁ ତ ଦେଲୁ
ଏବେ ପିଣ୍ଡାରେ ମାଟିକାମୁଡ଼ି ପଡିଥା,
ଆଉ ଅଛି ଯେ' ଭାର୍ଯ୍ୟା ମନବୁଝିବ
ଭାତବେଳା ଖଂଜେଇବ,
ଦୋକତା ବଢେଇଦବ ।

ସକାଳେ ନେ କଞ୍ଜିଳିଖରା
ରାତିକୁ ନେ ପାଚିଲା ଅଂଧାର
ପାଇଲେ ଖା ନାଇଁ ତ ଶପୁଥା,
ପୁଅବୋହୂ ଯେଝା ସଂସାରରେ
ଖାଦାନ୍ ଗଲେ, ମାତାଲ୍ ହେଲେ
ଘରେ ପଶୁପଶୁ ସଳାବୁଢା ସଂପିଲେ,
ଯେତେବେଳେ ଦୟା ହେବ,
ଦେବେ ବକତେ ।

ନାଲିମାଟିର ଜୀବନ
ଜାଡଜଂଗଲ ଖଣିତଳ ଭୂୟାଁପୀଢ
ଦୁଃଖର ବେପରୁଆ ତୋଡ,
ଗଡିଗଲା ବୟସରେ ଅଲୋଡା ତୋ ନାଁ,
କାଂଧ ଉଠୁନି, ଅଣ୍ଟା ଅମଂଗ
ପାଦ ଅବଶ, ମୁହଁ ହାଡୁଆ,
ତୁ କି ପୋଖରୀଘାଟ ମଲାଗେଣ୍ଡାର ଖୋଳ
ତୋର ଯାଇଛିରେ ବେଳକାଳ ।

ରାସ୍ତାରେ ଡାଲାଗାଡି
ଅହରହ ଲୁହାପଥରବୁହା
ଧୂଳିଧୂଆଁରେ ଆକ୍ତାମାକ୍ତା ଜୀବନ,
ଅଣ୍ଟେ ଖାଲ
ଚାଳକ ଭାଟିରେ ବୁଟ ଚୋବଉଥିବ ଅଘଷା,
ଧୋବଚ୍ଛିଟ ଶାଢିରେ ବିକାଳୀ ଝିଅଟି -
କାଲିହେଲେ ବି ସଜସଜ ଲାଗୁଥିବ ।
ତୁ ପିଟିଲୁ ପଥର
ପଥରପିଟା ପଇସାରେ ରାଜଧାନୀ ଝଲମଲ,
କାନ୍ଥଖୁରାରେ ଥୁଆ ଅନ୍ତୋଦୟକାର୍ଡ ଖଣ୍ଡେ
ଏତିକି ତୋ ସମ୍ବଳ ।

ବଣମୂଳକର ଦୁର୍ଭାଗା ତୁ
ଦି'ଅକ୍ଷର ନାହିଁ ବୋଲି କେତେ ହୀନିମାନ,
ତୋ ଛାତିରେ ଧନୀକର ଘୋଡାଟାପୁ
ପଥରସଂଧିରେ ତୋ ପିଞ୍ଜରାହାଡ
ପିଠିରେ ବିଧେ ବହଳ ମଳି ।

ମାଲେରିଆରେ ଚିରିଲା ଗଲା
ବାଡିପଟେ ପୋତିଦେଲୁ,
ତୁ ବି ପଡିପଡି ଯିବୁରେ ଦୁର୍ଭାଗା...
ମାଟିରେ ଠିଆପଥରଟେ ଥୁଆହେବ,
ବିହି ତ କାଟିଛି କପାଳେ ବକ୍ରରେଖା ।

❤ ଚର୍ଚ୍ଚ ପାଖ, ଜେଲ୍ ରୋଡ,
କେନ୍ଦୁଝର-୧
ମୋ -୯୪୩୮୧୧୮୩୯୭

# କବିତା



## ॥ ପୃଥିବୀ କାନ୍ଦୁଚି ॥

**ନକୁଳ ଚନ୍ଦ୍ର ସାହୁ**

ଜୀବନର ଭୂମିକୁ
ବଦଳାଇ ଦେବ ଯେଉଁ ଆବିଷ୍କାର
ତାହା
ମୋ' ଠାରେ ରହିଚି;

ନୂତନ ଆରଂଭ ଲାଗି
ମୋ ଭିତରେ ବାଟଟିଏ ଅଛି
ଅନୁଭୂତି
ଚେତନାର ଆକାଶକୁ ବଦଳାଉଛି !

ଅନେକ ବ୍ୟକ୍ତିଙ୍କ ଆସ୍ପୃହା
ଏକାଠି ହୋଇଛି
ଉଷାର ସିନ୍ଦୂରା ତା' ଶକ୍ତି
ପରିଚୟ ଦେଇଚି;
ପ୍ରଭାତର ବାଟଟିଏ ଫିଟିଚି !

ବିଶ୍ୱାସ ବଦଳିଚି ଔଷଧ ପରି
ଅବିଶ୍ୱାସ ବିଦୂରିତ ହୋଇଚି ରୋଗପରି
ମହିମାରଫର୍ଦ୍ଦରେ
ତା'ର ଅକ୍ଷରମାନଙ୍କୁ ବିକାଶ ସାଇତିଛି !

ପୃଥିବୀର ଭାଗ୍ୟ ବଦଳିବ ବୋଲି
ମୁଁ ବାଜି ମାରୁଚି; ଯଦିଓ
ଯାବତୀୟ ନୀତିର ଅନୀତିରେ ଏବେ
ବିବଶ ହୋଇ ପୃଥିବୀ କାନ୍ଦୁଚି !

କାହାର ଏ ପୃଥିବୀ
ମୋଦୀର ନା ଟ୍ରମ୍ପର
ନା ମୃତ୍ୟୁ ବେଳେ ସତ୍ୟ କହୁଥିବା
ଟାରିଫ୍'ର; କାହାର ??

ପ୍ରଭାତର ବାଟଟିଏ ଫିଟୁଚି
ନୂଆ ଋତୁ ପରି ସମୟ ମୋ ବାସୁଚି
ବିରାଜଙ୍କ କୁହାଟ ଶୁଭୁଚି
ଯିଏ ଶୁଣୁଛି ତାହାର ମୃତ୍ୟୁ ଘଟୁଚି !!

❤ ଶବ୍ଦ ଘର
ଗୋଡିସାହି, କଟକ
(ମୋ) :୯୩୩୭୩୫୯୮୭୫

# କହି ହେଇନାହିଁ ଯାହା...



ପ୍ରେମ ଏମିତିକା ବାଇ ଚଢ଼େଇଟେ
ସପନ ଦୋଳିରେ ଝୁଲୁଥାଏ
ପାପ ପୁଣ୍ୟର ସୀମାରେଖା ଭୁଲି
ବାଆ ପାଣି ଖାଇ ଫୁଲୁଥାଏ
ଗୀତରେ ଗୀତରେ କହେ
ଦେହରେ ନଥାଏ ପ୍ରେମ କେତେବେଳ
ମନରେ ଲୁଚିକି ଥାଏ !!

**ସୈରିନ୍ଧ୍ରୀ ସାହୁ**

# ॥ ପ୍ରେମିକା ॥

**ସୁଜିତ କୁମାର ମିଶ୍ର**



ଚିରସ୍ରୋତା ନଈ କଣ ଶୁଖିପାରେ
ପ୍ରଲମ୍ବିତ ପ୍ରତୀକ୍ଷାର ତାତିରେ ?

କୁହୁଡିଆ ସକାଳ ହେଉ
ଅବା କୋହ ବତୁରା ରାତି ହେଉ
ସେ ଫୁଟୁଥାଏ ମେଘଫୁଲ ପରି

ଆଖି ଆଇନା, ଓଠର ଝରଣା ସେ
କା ' ମନକୁ ରାଧା ପରି ଚୋରି କରି ।

ଭାବକୁ ବୁଣିବୁଣି, ସେ ଅଫଟ ଶ୍ରାବଣୀ,
ଛାତି ତଳେ ଜହ୍ନରାତିର
ବର୍ଷ ବର୍ଷର ପବିତ୍ର ପାପର କାହାଣୀ,

ମଧୁମାସର ବନ୍ଧନ ପରି
ବେଶ୍ ଆପଣାର ଲାଗୁଥାଏ
ତା ବଧୂବେଶୀ ଚୋରା ଚାହାଣୀ ।

ଛିଟପକା ନୀଳ ଶାଢୀର ଆକର୍ଷଣ ସେ
ଆଖିର ସଖୀ ସାଜି ନାଚୁଥାଏ ଗାଉଥାଏ
ନବରାଗର କାବ୍ୟଗୀତି ରସେ ।

ମାଗୁଥାଏ ସେ ଚିରକାଳ
ଯାହା ମାଗି ହୁଏନି
ହାଟରେ ବାଟରେ ହୋଇ
ଆଷାଢ଼ ଛଳଛଳ,
ପ୍ରେମିକା ବରଗଛର ଦେହ ବୋଲି ତ
ତା ଛାଇ ବଦାନ୍ୟ କୋଳାହଳ ।

ପ୍ରେମିକାର ଶ୍ରଦ୍ଧା ଚୁମ୍ବନରରେ
ସଜେଇ ହୁଏ ଆପଣାପଣର ମହୁଫେଣା,
ଯେଉଁଠି ଦରଦୀ ରତୁର ଦେହ ପରି
ଲାଗେ ଚିଠି ଆଉ
ତା ଓଦା ସପନର ଠିକଣା,
ସେ ଚିହ୍ନା ଚିହ୍ନା ଜାଗାଟିଏ, ଆଶାର ପୁଲକ
ମେଞ୍ଚା ମେଞ୍ଚା ମଲ୍ଲୀବାସ ଭରା
ପ୍ରୀତି ପଖଳା ଆଶ୍ୱାସନା ।

ଶୀତ ଯେବେ ଦେହକୁ କ୍ଷତାକ୍ତ କରୁଥାଏ
ସେ କଅଁଳ ଖରାର ରଙ୍ଗରେ ଝଟକୁଥାଏ,
ତମାମ୍ ଯାତନାକୁ ଶୋଷୁଥାଏ ।

ନା ଥାଏ କାମନାର ବେଶଭୂଷା
ନା ଫଡଫଡ ଆଡରକ୍ଷା,
ଅଭିମାନର ବର୍ଷାରାତି ସେ ଝରୁଥାଏ ଅହରହ
ଆଞ୍ଜୁଳା ଆଞ୍ଜୁଳା ଶୂନ୍ୟତାକୁ କରି ମଧୁ ନିଶା ।

ପ୍ରେମ ଓ ପ୍ରେମିକା
ପୃଥିବୀର ଅପଢା ଅଲେଖା ବହି,
ତୁମେ ନ ପଢିଲେ ବି ପଢା ହେଉଥାଏ
ନୂପୁର ସ୍ପନ୍ଦିତ ଝଙ୍କାରକୁ ଅବଗାହି ।

ସବୁଜ କ୍ଷେତ ପରି ଚିର ଯୌବନା ପ୍ରେମିକା
ଲୁହର ଲାସ୍ୟ ସେ ବିଦେହୀ ଅନାମିକା ।

ଲାଜ ଓଢଣା ତଳେ ଲୁଚିଥିବା ପ୍ରେମିକା
ଖୋଜିପାରେ ପ୍ରେମକୁ
ଆଦରିନିଏ ପ୍ରେମକୁ ତା ସର୍ବସ୍ୱ କରି
ତମାମ୍ ଜୀବନ
କ୍ଳାନ୍ତ ନୟନରେ ଝୁରି ଝୁରି
ସେ ହିଁ ତ ତା ନାୟକର ଅଛିଣ୍ଡା ଡୋରି ।

ପ୍ରେମିକା ବିନା ଡାକରାରେ
ଯେଉଁ ବସା ବାନ୍ଧେ କାଠିକୁଟାର ବୈଭବରେ,
ସହଜେ କଣ ଭାଙ୍ଗିପାରେ ?

❤ ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
(ମୋ) ୭୬୮୩୮୬୭୭୪୨

# ॥ ଭିଡର ଭିତରେ ମୁଁ ॥

**ବାବାଜୀ ଚରଣ ଜେନା**



ଫସି ଯାଇଥିବା ଭିଡ ଭିତରେ ମୁଁ
ବାଟ କେବେ ଭୁଲି ଯାଏ
ଅନ୍ଧ ଗଳିରୁ ମୁକୁଳିବା ପାଇଁ
ସୁଯୋଗ ମୁଁ ଖୋଜୁ ଥାଏ
ସତ୍ୟ ଏଠି ସଜା ପାଏ ।

ମାୟା ମରୀଚିକା ଆଗକୁ ନିଅଇ
ଆଖି ଝଲସାଇ ଦେଇ
କେତେ ସ୍ୱପ୍ନ ମୋର ଅଧା ରହିଯାଏ
ଥଳକୂଳ ମିଳେ ନାହିଁ
ଆପଣାର ବୋଲି ଦାବି କରନ୍ତି ଯେ
କେହି ଆପଣାର ନୁହେଁ
ସ୍ୱାର୍ଥବାଦୀ ତ ସିଏ... ।୧।

ମନ ଭାବନାକୁ ବୁଝନ୍ତିନି କେହି
କରୁଥାନ୍ତି ଅଭିନୟ
ସୁବିଧା ବାଦକୁ ଆପଣେଇ ନେଇ
କରୁଥାନ୍ତି ଜୟଜୟ
ଭୟ ନାହିଁ ମୋର କା'ନାଲି ଆଖିକୁ
ଏକାଏକା ଚାଲୁ ଥାଏ
ସମୟ ପରଖୁ ଥାଏ...।୨।

❤ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର, କଟକ-୪
(ମୋ) ୯୪୩୭୮୩୪୭୧୯

# ॥ ମୋ ସହରକୁ ଶୀତ ଆସିଚି ॥

**ନିହାରିକା ରାୟ ବରାଳ**



ମୋ ସହରକୁ ଶୀତ ଆସିଚି
ପସରା ମେଲିଚି
ସେବତୀ, ଡାଲିଆ, ଗେଣ୍ଡୁ, ପେଟୋନିଆ
ବିନ୍ଦୁ ସାଗରରେ ଢ଼େଉ ଭାଙ୍ଗୁଛି
ମୋ ଅସ୍ମିତାର କିମ୍ବଦନ୍ତୀ
ଲିଙ୍ଗରାଜ ମନ୍ଦିରରୁ
ଘଣ୍ଟା, ଘଣ୍ଟିର ଶବ୍ଦ
ସ୍ୱାଗତ କରୁଚି ସକାଳର
ନିଃଶବ୍ଦତାକୁ

ସୂର୍ଯ୍ୟ କିରଣ ବିଛାଇ ହୋଇ ପଡିଚି
ରାଜଧାନୀର ରାଜ ରାସ୍ତାରେ
ଧୋଉଳିର ମଥାନରୁ ଧୂଆଁ ଉଠୁଛି
ରାତିର କାକରମାନେ
ଏଯାଏ ବି ଉଠି ନାହାନ୍ତି
ମୁଲାୟମ ଘାସ ଶେଜରୁ

ଉତ୍ତରା ପବନରେ ବାରମ୍ବାର ଉଡି ଯାଉଚି
ମୋ ସ୍ମୃତିର ଚାଦର
ଚା 'କପଟେ ଧରି ମୁଁ ଭାବି ଚାଲିଚି
କେବେ ଦିନେ ଆସିଥିଲି ଏ ସହରକୁ
ଛାଡି ଦେଇ ପଛେ ମୋର ଯେତେ ସବୁ
ଆତ୍ମୀୟ ସୋଦର

ମୋ ସହର ସାରା ଉଷୁମ ପ୍ରେମ,
ହୃଦୟ ଦିଆନିଆ
ପ୍ରେମିକର ପ୍ରଶସ୍ତ ଛାତିରେ ମୁଣ୍ଡ ଗୁଂଜି
ଦେଖା ଯାଏ ସ୍ୱପ୍ନ
ଫରେଷ୍ଟ ପାର୍କ, ଇନ୍ଦିରା ପାର୍କ,
ଏକାମ୍ର କାନନ ଅବା ଏକାମ୍ର ହାଟରେ
ପୁଣି କେତେବେଳେ ଗଢ଼ା ଯାଏ
ମିଛ ବାଲିଘର
ଫାଷ୍ଟ ଫୁଡ଼, ଗୁପଚୁପ, ଚାଟ୍‌ର ବାସ୍ନାରେ
କେବେ ପୁଣି ଭାଙ୍ଗିଯାଏ,
ଧୋକାଖାଏ ପ୍ରେମ
ମାଉସୀମା ମନ୍ଦିର ବେଢାରେ...

ଏଠି ଶୀତବି ଆସିଛି ଫୁଟପାଥରେ
ଥୁରୁ ଥୁରୁ ଥରୁଥିବା
ନିରୀହ ମଣିଷମାନଙ୍କ ଭାଗ୍ୟ ରେଖାରେ
ମା ଛାତିରୁ ଉଷୁମ ଟାଣୁଥିବା
କୁନି ପିଲାଟିର ଖୋଲା ଦେହ
ଅବା ସାତସିଆଁ କାନି ପଣତରେ
ଟାୟାର ଜାଳି ଶୀତ ସହ ମିତ ବସୁଥିବା
ରେଲ ଷ୍ଟେସନରେ ରାତି ପୁହାଇ ଦେଉଥିବା
କିଛି ଆପାଂକ୍ତେୟଙ୍କ
ଛିଣ୍ଡା ଗଂଠୁଳିରେ...

ମୋ ସହର ଦେଖୁଥାଏ
ଏସବୁକୁ ନୀରବ ଦୃଷ୍ଟିରେ
କିଛି ନ କରିପାରିବକ୍ଷର
ନିପାରିଲା ପଣରେ
କେବେ ଦୁଆ ମାଗୁଥାଏ ଈଶ୍ୱରଙ୍କୁ
ତା ଚକ୍ୟଚକ୍ୟର ଅଣନିଶ୍ୱାସୀ ଚକ୍ରବ୍ୟୁହ୍ୟରେ
ଅବା ଅନନ୍ତ ବାସୁଦେବଙ୍କ
ପହିଲି ଭୋଗରେ ।

❤ ବି ୧୦/ପ୍ରତିଭା ଏନକ୍ଲେଭ
ବିଜେବି ନଗର
ଭୁବନେଶ୍ୱର

# ଓଡ଼ିଆ ଅସ୍ମିତା କେବଳ ଏକ ସ୍ଲୋଗାନ ନହୋଇ, ସବୁ ଓଡ଼ିଆଙ୍କ ଜୀବନର ଅଂଶ ହେଉ : ଅରବିନ୍ଦ ଦାସ

**ଅରବିନ୍ଦ ଦାସ** ଓଡିଆ ଗଳ୍ପ ଜଗତରେ ଜଣେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ । ବାସ୍ତବତାର କଥା କହିବାର ନିଷ୍ଠା ଓ ଅନୁଭବର ପ୍ରତିଶ୍ରୁତିରେ ତାଙ୍କ ସୃଜନ ବେଶ୍ ଆବେଗ ଛଳଛଳ। କେତେବେଳେ ଗଭୀର ସମୁଦ୍ର ପରି ଗଭୀର ତ କେତେବେଳ ଛଳଛଳ ଭାବୋଚ୍ଛ୍ୱାସକୁ ତାଙ୍କର ସର୍ଜନା । ଜଣେ କୁଶଳୀ ସ୍ରଷ୍ଟା ଭାବରେ ସେ ନିଜ ପାଇଁ ତିଆରି କରିସାରିଛନ୍ତି ନିଜର ପରିଚୟ । ନିତିଦିନିଆ ସମାଜର ନିଛକ ଚିତ୍ର ତାଙ୍କ ସୃଜନର ଅନ୍ତଃସ୍ୱର । "ଆଲୋଚନା, ସମାଲୋଚନାକୁ ଭ୍ରୁକ୍ଷେପ ନକରି, ସ୍ରଷ୍ଟା ସବୁବେଳେ ସାହିତ୍ୟ ସାଧନା ଜାରି ରଖିବା ସହ ବିନୟୀ ହେବା ନିହାତି ଦରକାର" ବୋଲି କହୁଥିବା ଅରବିନ୍ଦଙ୍କ ସହ ଏଥରର ଆଳାପ...

**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**





ଅରବିନ୍ଦଙ୍କ ପ୍ରେରଣା: ପୂଣ୍ୟପ୍ରଭା ଦେବୀ

### ■ ଅଳ୍ପରେ ଅରବିନ୍ଦ ଦାସ

ଜନ୍ମ: ୧୩.୦୭.୧୯୬୮
ବାପା- ରାମମୋହନ ଦାସ
ମାତା- ଅନ୍ନପୂର୍ଣ୍ଣା ଦାସ
ଜନ୍ମସ୍ଥାନ- ଭୁବନେଶ୍ୱର
ବର୍ତ୍ତମାନର ଠିକଣା- ବିଶାଖାପାଟଣା
ମୋ: ୮୬୩୯୦୪୧୫୪୯

ପ୍ରକାଶିତ ପୁସ୍ତକ

ଗଳ୍ପ
୧-'ପ୍ରଜାପତିର ନୂଆ ଠିକଣା'
୨-'ବିଅର'
୩-'ପେଦାପୁରମର ପଦ୍ମା'
୪-'ବିଧର୍ମୀ'
୫-'ବୋଉ'
୬-'ଲିପଷ୍ଟିକ'
୭-'ବିଥୋବେନ'ଙ୍କ ପଞ୍ଚମ ସିମ୍ଫୋନି'
୮-'ଡିସେମ୍ବର ଫୁଲ'
୯-'ଭାଇରସ'ର ଭାଇଚାରା'
୧୦-'ବୟସ୍କବାପାଙ୍କ ତାଲିମ କେନ୍ଦ୍ର'
୧୧-'ଗୁରୁଡିଆମ୍ବ ଓ ସାବିତ୍ରୀଭାଉ'
୧୨-'ମୋନାଲିସାର ହସ'
୧୩-'କଣ୍ଢେଇଘର'

ଉପନ୍ୟାସ
୧-'ସୁନ୍ଦରୀଆମ୍ବ ଓ ପ୍ରେମାକର୍ଷଣ'
୨-'ରେନକୋଟ'

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ପିଲାବେଳୁ ଗପ ଶୁଣିବାକୁ ଓ ପଢ଼ିବାରେ ବହୁତ ଆଗ୍ରହ ଥିଲା। ଅଜା, ଆଈ, ବାପା, ମା'ଙ୍କ ଠାରୁ ଗପ ଶୁଣିବାର ମଜା ଥିଲା ନିଆରା। ମୋ ମା ଅନେକ ଓଡ଼ିଆ, ହିନ୍ଦୀ, ବଙ୍ଗଳା ପତ୍ରିକା ସହ ଗଳ୍ପ ଉପନ୍ୟାସ ବି ପଢୁଥିଲେ। ତେଣୁ ବହୁତ ପତ୍ରିକା, ବହି କିଣା ହୋଇ ଅଥବା ଲାଇବ୍ରେରୀରୁ ଘରକୁ ଆସୁଥିଲା। ଗପ ପଢ଼ିବାରେ ଏତେ ଆଗ୍ରହ ଥିଲା ଯେ, ପାଠ ବହି ଭିତରେ ଗପ/ ଉପନ୍ୟାସ ବହି ଲୁଚାଇ ରଖି ପଢା ହେଉଥିଲା।

ସ୍କୁଲ ସମୟରେ ମୁଁ ଜହ୍ନମାମୁଁ, ଶିଶୁଲେଖା, ମନପବନ ଇତ୍ୟାଦି ଶିଶୁ ପତ୍ରିକାଠୁ ଆରମ୍ଭ କରି ପୌରୁଷ, ସୁଚରିତା, ଝଙ୍କାର ଇତ୍ୟାଦି ପଢିଲା ବେଳେ ଇଛା ହେଉଥିଲା ଏମିତି ଗପ/ କାହାଣୀ ମୁଁ କେମିତି ଲେଖିପାରନ୍ତି ଭଲା ! ବୋଧହୁଏ ମନ ଭିତରେ ସାଇତା ସେଇ ଭାବନା ମୋତେ ଭବିଷ୍ୟତରେ ଲେଖିବାକୁ ଖୋରାକ ଯୋଗାଇଥିଲା।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଓଡ଼ିଆ ସାହିତ୍ୟର ଅନେକ ସୁନାମଧନ୍ୟ ଲେଖକ/ଲେଖିକା ମୋ ପ୍ରେରଣା ସ୍ରୋତ। ସ୍କୁଲ, କଲେଜ ସମୟରେ ଲେଖାଲେଖି କରୁଥିଲି । ହେଲେ କେବେ ସିରିଅସ ହୋଇ ଲେଖୁ ନଥିଲି। ଚାକିରୀ କଲା ପରେ ଲେଖିବା ପ୍ରତି ଟିକେ ଅଧିକ ଧ୍ୟାନ ଦେଲି। ପ୍ରକୃତରେ ମୋ ସାହିତ୍ୟ ଗୁରୁ ହେଲେ ସୁଲେଖିକା ପୁଣ୍ୟପ୍ରଭା ଦେବୀ। ସେ ହିଁ ମୋତେ ଅସଲ ପ୍ରେରଣା ଦେଇଥିଲେ।ସାହିତ୍ୟ ଆଲୋଚନା ଆମ ଦୁହିଁଙ୍କ ଭିତରେ ସବୁଦିନ ଘଣ୍ଟା ଘଣ୍ଟା ଧରି ଚାଲେ। ଅନେକ ଲେଖକ ଲେଖିକାଙ୍କ ଗପ ପଢ଼ି ଆମେ ଦୁହେଁ ଆଲୋଚନା କରୁ। ମୋ ଗପକୁ ପୁଣ୍ୟପ୍ରଭା ମାଉସୀ ପଢ଼ି, ସଂଶୋଧନ କରନ୍ତି । ଗପ କେମିତି ଆହୁରି ଭଲ ହେବ ତା ମଧ୍ୟ ସେ ବତାଇ ଦେଉଥିଲେ। ଗପ ଲେଖି ସାରିଲା ପରେ ଓଡ଼ିଶାରେ ବିଭିନ୍ନ ପତ୍ରିକାକୁ ପଠାଇବାରେ ମୁଁ ବହୁତ ଅଳସୁଆ ଥିଲି ବୋଲି ସେ ନିଜ ଲେଖା ପତ୍ରିକା ପାଇଁ ପଠାଇଲା ବେଳେ ମୋ ଲେଖାକୁ ବି ପଠାଉଥିଲେ। ଧୀରେ ଧୀରେ ବିଭିନ୍ନ ପତ୍ରିକାରେ ମୋ ଲେଖା ପ୍ରକାଶିତ ହେଲା ପରେ ଆତ୍ମବିଶ୍ୱାସ ବଢିଲା। ସେଇଠୁ ଆରମ୍ଭ ହେଲା ମୋର ଅସଲ ଲେଖକ ଜୀବନ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀ, ସମସ୍ୟା, ପରିସ୍ଥିତିକୁ ନେଇ ପ୍ରାୟତଃ ସୃଜନାତ୍ମକ ସୃଷ୍ଟି କରନ୍ତି ସ୍ରଷ୍ଟାମାନେ।

କେଉଁ ସମସ୍ୟା ଘଟଣାକୁ ନେଇ ଲେଖା ଲେଖିବେ ତାହା ସଂପୂର୍ଣ୍ଣ ଭାବେ ସ୍ରଷ୍ଟା ଉପରେ ନିର୍ଭର କରେ। ତେବେ ସାହିତ୍ୟ ଓ ସମ୍ବାଦ ଭିତରେ ପାର୍ଥକ୍ୟ ରହିବା ଉଚିତ। ତେବେ ନିର୍ଭୀକ ହୋଇ କୌଣସି ସାମାଜିକ ଘଟଣା/ସମସ୍ୟାକୁ ନେଇ ଲେଖିବାକୁ ଅନେକ କୁଣ୍ଠା ପ୍ରକାଶ କରୁଛନ୍ତି। ସାହିତ୍ୟ ପ୍ରତି ବିମୁଖ ହେଉଥିବା ଆଜିକା ଯୁବପିଢି ଓ ସମାଜରେ, ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ ବୋଲି ହଁ ଅବା ନା କହିହେବନି। ତେବେ ଚେଷ୍ଟା ଜାରି ରହିବା ଦରକାର।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ଜନସଂଖ୍ୟା ବଢ଼ିଛି, ତେଣୁ ତୁଳନାତ୍ମକ ଭାବେ ପାଠକ ବଢିବା ଉଚିତ। ହେଲେ ପରିସଂଖ୍ୟାନ ଭିନ୍ନ କଥା କହୁଛି। ଗପ, ଉପନ୍ୟାସ, କବିତା ବହି ତଥା ପତ୍ରପତ୍ରିକା ବିକ୍ରୀ'ର ବହୁତ ହ୍ରାସ ହୋଇଥିବାରୁ ପଢ଼ିବା ପ୍ରତି ଲୋକଙ୍କ ବିମୁଖତା ଯୋଗୁଁ ପାଠକ ସଂଖ୍ୟା ବି କମୁଛି ବୋଲି ଧାରଣା ସୃଷ୍ଟି ହେଉଛି, ଯାହା କି ଅନେକାଂଶ ରେ ସତ୍ୟ। ତେବେ ମୁଁ ଭାବେ, ଆଜିକାଲି ଇଣ୍ଟରନେଟ ଯୁଗ ତଥା ସ୍ମାର୍ଟଫୋନର ବହୁଳ ବ୍ୟବହାର ଯୋଗୁଁ ଛାପା ସାହିତ୍ୟ ଅପେକ୍ଷା, ଡିଜିଟାଲ ସାହିତ୍ୟ ପ୍ରତି ଆଗ୍ରହୀ ହେଉଛନ୍ତି ଲୋକେ। ବିଭିନ୍ନ ସୋସିଆଲ ମିଡ଼ିଆରେ ପ୍ରକାଶିତ ଗପ, କବିତା ପଢୁଛନ୍ତି ଲୋକେ। ଫେସବୁକ, ହ୍ୱାଟସଆପରେ ପ୍ରସାରିତ ସାହିତ୍ୟର ଆଦର ବଢୁଛି। ତେଣୁ ଲୋକେ ପଢୁଛନ୍ତି। ଯେଉଁ ମାଧ୍ୟମ ହେଉ ପଛେ, ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ହେଉ। ସରକାରୀ ସ୍ତରରେ ସ୍କୁଲ, କଲେଜରେ ପିଲାଙ୍କ ପାଇଁ ବାଧ୍ୟତାମୂଳକ ଭାବେ ସପ୍ତାହରେ ଥରେ ଗପ/କବିତା ଆବୃତ୍ତି/ ଆଲୋଚନା କ୍ଲାସ ରଖିବା ସହ ପିଲାଙ୍କୁ ସ୍ୱଳ୍ପ ମୂଲ୍ୟ କିମ୍ବା ମାଗଣାରେ ଓଡ଼ିଆ ଗପ, କବିତା ବହି ଯୋଗାଇ ଦେବା ଉଚିତ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ସଙ୍କଟକୁ ଦୂର କରିବାକୁ ହେଲେ ସାହିତ୍ୟକୁ ଆଧାର କରି ଆଗେଇବା ଅପେକ୍ଷା ଆମମାନଙ୍କ ଓଡ଼ିଆ ଭାଷା ପ୍ରତି ଆଦର ବଢ଼ାଇବା ସହ, ଆମ ଚିନ୍ତାଧାରା, ମାନସିକତା ବଦଳିବା ଉଚିତ। ପ୍ରଥମେ ଆମକୁ ଓଡ଼ିଆ ସାହିତ୍ୟ ପଢ଼ିବା ଦରକାର। ଇଂରାଜୀ ମାଧ୍ୟମରେ ପଢୁଥିବା ଆମ ପିଲାଙ୍କୁ ଆମେ ଓଡ଼ିଆ ଭାଷାର ତାଲିମ ଦେବା ସହ ପିଲାଙ୍କୁ ଓଡ଼ିଆ ଗପ, କବିତା, ପୌରାଣିକ ବହି ପଢ଼ି ଶୁଣାଇବା ଆବଶ୍ୟକ। ତା' ସହ ସହ ପିଲାଙ୍କୁ ଓଡ଼ିଆ ସିନେମା, ନାଟକ ଦେଖାଇବା ସହ ପିଲାଙ୍କୁ ଓଡ଼ିଆ ବହି କିଣି ଉପହାର ଦେବା, ଘରେ ପିଲାଙ୍କ ସହ ଓଡ଼ିଆରେ କଥା ହେବା ମଧ୍ୟ ଉଚିତ୍ । ଯେ କୌଣସି ସଙ୍କଟରୁ ମୁକୁଳିବାର ଉପାୟ ଆମ ହାତରେ ଅଛି, ଦରକାର କେବଳ ଦୃଢ଼ ଇଚ୍ଛାଶକ୍ତି।

■ ସମାଜରେ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି, ଲେଖକଟିଏ ଚାହିଁଲେ ସେସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ମୁଁ କହିବି ଲେଖକ କେବେ ବି ସମାଜ ସୁଧାରକ ନୁହେଁ। ତେବେ ସାମାଜିକ ଅବ୍ୟବସ୍ଥା ସୁଧାରିବା ପାଇଁ କଲମକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଏ। ସମସ୍ତଙ୍କ ଭଳି ମୁଁ ବି ଆଶାବାଦୀ।

■ ଆପଣଙ୍କ ଗପରେ ଯୋଉ କାହାଣୀକୁ ଆମେ ଭେଟୁ ସେଥିରେ ଥାଏ ଗୋଟେ ନିଛକ ଅନୁଭବ । ଏମିତି କେମିତି ? ଆପଣ ଯାହା ଲେଖନ୍ତି ତାହା ଆପଣଙ୍କର ଜୀବନୀ ବୋଲି ପାଠକ ମନେକରନ୍ତି । ଏହା ସତ କି ? ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଗପ ସବୁବେଳେ କଳ୍ପନାପ୍ରସୂତ। ଗପକୁ ଯଦି ପାଠକ ସତ ଭାବେ ତେବେ ଲେଖକର ପ୍ରୟାସ ସଫଳ ହୁଏ। ତେବେ ଆଜି ବି ଭାବେ 'ଗପ ଲେଖିବା କଳା'ର ମୁଁ ଜଣେ ଛାତ୍ର , ମୋର ଅନେକ କିଛି ଶିଖିବା ବାକି ଅଛି। ବିଭିନ୍ନ ସ୍ରଷ୍ଟାଙ୍କ ଗପ ପଢ଼ି ଭାବେ, ମୁଁ କେମିତି ଏମିତି ଭଲ ଗପ ଲେଖିପାରିବି ? ତେବେ ମୋ ଗପ ପ୍ରତି ପାଠକୀୟ ଶ୍ରଦ୍ଧା ଦେଖି କୃତଜ୍ଞତାରେ ମୁଁ ନତମସ୍ତକ ହୁଏ। ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତା ନେଇ ମୁଁ ସବୁବେଳେ ଯୁକ୍ତାତ୍ମକ ଭାବେ ଆଶାବାଦୀ। ମୋର ଆଶା ଦିନେ ନା ଦିନେ ଗୋଟେ ଭଲ ଗପ ଲେଖିବି।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ କେବଳ ପୁରସ୍କାର ପାଇବା ପାଇଁ କେହି ଲେଖେନା। ତେବେ ପୁରସ୍କାର ଆହୁରି ଅଧିକ ତଥା ଭଲ ଲେଖିବା ପାଇଁ ପ୍ରେରଣା ଦିଏ, ଟନିକ ଭଳି କାମ କରେ ପୁରସ୍କାର। ଆଜିକାଲି ପୁରସ୍କାର ପାଇଲା ପରେ ଲେଖକ ଓ ପୁରସ୍କୃତ ବହି ଚର୍ଚ୍ଚାର ବିଷୟ ହୁଏ।

କିନ୍ତୁ ବେଳେ ବେଳେ ଦେଖାଯାଏ କିଛି ବଡ ପୁରସ୍କାର ପାଇଲାପରେ ସ୍ରଷ୍ଟାର କଲମ ନିରବିଯାଏ। ସତ କଥା କହିବି, ଯେବେ ବି ମୋତେ କୌଣସି ପୁରସ୍କାର ମିଳେ ଛୋଟ ପିଲାଙ୍କ ଭଳି ଖୁସି ହୁଏ ଓ ମୋ ସାହିତ୍ୟ ଗୁରୁ ପୂଣ୍ୟପ୍ରଭା ମାଉସୀଙ୍କୁ ସମର୍ପିତ କରେ। ତେବେ ପାଠକୀୟ ପ୍ରତିକ୍ରିୟା, ଶ୍ରଦ୍ଧା ହିଁ ଅସଲ ପୁରସ୍କାର।

ସାହିତ୍ୟ ମାଧ୍ୟମରେ ଏତିକି କହିବି; ଆଲୋଚନା, ସମାଲୋଚନାକୁ ଭ୍ରୁକ୍ଷେପ ନକରି, ସ୍ରଷ୍ଟା ସବୁବେଳେ ସାହିତ୍ୟ ସାଧନା ଜାରି ରଖିବା ସହ ବିନୟୀ ହେବା ନିହାତି ଦରକାର। ପାଠକମାନେ ଓଡ଼ିଆ ସାହିତ୍ୟକୁ ଆପଣେଇ ଓଡ଼ିଆ ବହି ପଢ଼ିବା ଓ କିଣିବା ସହ ଅନ୍ୟକୁ ଉପହାର ଦିଅନ୍ତୁ। ଓଡ଼ିଆ ସାହିତ୍ୟର ପ୍ରଗତି ପ୍ରତିଟି ଓଡ଼ିଆ ଙ୍କ ହାତରେ। ସରକାରୀ ବେସରକାରୀ ଉତ୍ସବରେ ଫୁଲତୋଡା, ମାଳ ବଦଳରେ 'ଓଡ଼ିଆ ବହି ଉପହାର'ର ପ୍ରଚଳନ ହେଉ। ପୁସ୍ତକ ମେଳାରୁ ସବୁ ଲେଖକଙ୍କ କିଛିକିଛି ବହି ସରକାର କିଣି, ପାଠକଙ୍କୁ ବାଣ୍ଟନ୍ତୁ। ଓଡ଼ିଆ ଅସ୍ମିତା କେବଳ ଏକ ସ୍ଲୋଗାନ ନହୋଇ, ସବୁ ଓଡ଼ିଆଙ୍କ ଜୀବନର ଅଂଶ ହେଉ। ଆସନ୍ତୁ ଓଡ଼ିଆ ସାହିତ୍ୟର ପ୍ରଗତି, ପ୍ରସାର ପାଇଁ ଆମେ ସମସ୍ତେ ହାତ ବଢ଼ାଇବା।

♥♥




ଗାଳ୍ପିକ ଅରବିନ୍ଦ ଦାସଙ୍କ ସୃଷ୍ଟି ସମ୍ଭାର....






ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ....

ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା

ଭାଗ-୭



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

"ଆବଶ୍ୟକ ମଣିଲି ନାହିଁ।" କିଛିକ୍ଷଣ ଚିନ୍ତା କରି ପୁଣି "ପ୍ରତାରଣାରେ ମନ ଥରେ ବିଷାକ୍ତ ହୋଇଗଲା ପରେ, ସେ ବିଷ ପ୍ରକ୍ରିୟା ଯେତେଦିନ ଭିତରେ ଆସ୍ଥାନ ଜମେଇ ରହିଥିବ, ସେତେଦିନ ପର୍ଯ୍ୟନ୍ତ ତାହା ସଂଭବ ହେଉଛି କେଉଁଠୁ ?"

ଆନନ୍ଦର ନାରୀ ପ୍ରତି ଏ ଘୃଣାଭାବ ଓ ପ୍ରତିକୂଳ ମାନସିକତା ଜେନିକୁ ଆଦୌ ଭଲ ଲାଗିଲା ନାହିଁ। ସେ ରୋଗିଣୀ, ଦୂରାରୋଗ୍ୟରେ ପୀଡ଼ିତା। ଆଉ ମାତ୍ର ଦେଢ଼ମାସ ରହିଛି ଅବଶିଷ୍ଟ ଆୟୁ। ତା' ନ ହୋଇଥିଲେ ଡେଭିଡ୍ କେବେ ବି ଲୁସି ପାଲରେ ପଡ଼ି ନ ଥାନ୍ତା ! କିମ୍ବା ସେମିତି କିଛି ସଂଭାବନା ସୃଷ୍ଟି ହୋଇଥିଲେ, ସେ ହୁଏତ ବାଛି ନେଇଥାନ୍ତା ଆଉ କାହାକୁ। ରିଚାର୍ଡ୍, ସାମୁଏଲ୍ କିମ୍ବା ଜନ୍ ପରି ଆହୁରି କେତେ ବି ତା'ର ବନ୍ଧୁ ଥିଲେ। ସେମାନଙ୍କ ଭିତରୁ କାହାକୁ ବି ବାଛି ନେଇଥାନ୍ତା ସେ। ଇଂଲଣ୍ଡରେ ଏ ସବୁ ଚଳେ। ବିବାହ ବିଚ୍ଛେଦ ଘଟେ। ପୁଣି ସେମାନେ ନୂଆ ସାଥୀ ବାଛି ନେଇ ନୂଆ ଜୀବନ ଆରମ୍ଭ କରନ୍ତି। ବୃଥା ଅଭିମାନ କରି କେହି କେଉଁଠି ଜୀବନର ଧାରାକୁ ବନ୍ଧା ପକେଇ ଦିଏନା। ଏ ଭାରତ, ଏଠି ଜୀବନ ଧାରା ବି ଅଲଗା। ଆନନ୍ଦ ଭିତରେ ନିଶ୍ଚୟ ଏକ ଅଭିମାନ ଜମାଟ ବାନ୍ଧି ରହିଛି ଦୃଢ଼ହୋଇ, ଯାହା ଭାଙ୍ଗିବା ଏତେ ସହଜ ନୁହେଁ। ଏଇ କାରଣରୁ ସେ ନିଜକୁ ଖୁବ୍ ଦମ୍ଭିଲା କରି ନେଇଛନ୍ତି।

ଜେନି ବିଷୟରେ ଆନନ୍ଦ କିଛି ଅଲଗା ଭାବୁଥିଲା। ତାକୁ ସେ ଆଦୌ ପଢ଼ିପାରୁ ନାହିଁ ଯେମିତି। ସବୁ ସତ୍ତ୍ୱେ ଜେନି କହିବା ମୁତାବକ, କେଉଁ ଦୂରାରୋଗ୍ୟରେ ସେ ପୀଡ଼ିତା, ଯାହା ଆଉ ତାକୁ ମାତ୍ର ଦେଢମାସ ବଞ୍ଚେଇ ରଖିବ ? ତା' ଜାଣିବାରେ ପୃଥିବୀରେ ଦୁଇଗୋଟି ରୋଗ - କ୍ୟାନ୍‌ସର୍ ଓ ଏଡସ୍ ମଣିଷକୁ ଧୀରେଧୀରେ କବଳିତ କରି ମୃତ୍ୟୁର ଗହ୍ୱର ଭିତରକୁ ଠେଲିଦିଏ। ଏ ଦୁଇଟି ଭିତରୁ କେଉଁ ରୋଗରେ ଆକ୍ରାନ୍ତ ହୋଇଛି ଜେନି ?

ବଡ଼ ଗୋଲକଧନ୍ଦାରେ ପଡ଼ିଗଲା ଆନନ୍ଦ ଏବଂ ବିସ୍ମିତ ହେଲା, ଏମିତି ଏକ ଘଟଣା ଓ ଜେନି ପରି ଜଣେ ଅଜଣା ଅଶୁଣା ବିଦେଶିନୀ ସହିତ ଜଡ଼ିତ ହୋଇ ପଡ଼ିବା କ'ଣ ଅବଧାରିତ ଥିଲା ତା' ପାଇଁ ? ନା ଆକସ୍ମିକ ? ୟା' ପଛରେ କି ଉଦ୍ଦେଶ୍ୟ ଅଛି କାଳିଆର ? ଏହାର ପରବର୍ତ୍ତୀ ଘଟଣାକ୍ରମ ଉପରେ କିଛି ଅନୁମାନ ଲଗେଇ ପାରୁ ନ ଥିଲା ଆନନ୍ଦ । ତା' ଆଖିରେ ସବୁକିଛି ଦିଶୁଥିଲା ଜାଲ ଜାଲୁଅ ଓ ମେଘାଚ୍ଛନ୍ନ।

ଖୁବ୍ କରୁଣ ଓ ଉଦାସ ଦିଶୁଥିଲା ଜେନିର ମୁଖମଣ୍ଡଳ। ଅନୁରୂପ ଚାହାଣୀ ତୋଳି କହିଲା "ପ୍ରିୟ ଆନନ୍ଦ ! କେଡ଼େ ଅଭିଶପ୍ତ ଜୀର୍ଣ୍ଣ ଜୀବନଟିଏ ବଞ୍ଚିଛି ମୁଁ ! ମୃତ୍ୟୁ ମୋତେ ହାତଠାରି ଡାକୁଛି। ଖୁବ୍ ଅସହାୟ ଓ ବିକଳ ଭାବେ ମୁଁ ଚାହିଁ ରହିଛି ତାକୁ। ପ୍ରତି ମୁହୂର୍ତ୍ତରେ ଡରଉଛି ସେ ମୋତେ। ତେବେ ଜୀବନରେ ଯେଉଁ ଅଭିଳାଷ ଟିକକ ମନରେ ଚାପି ଧରି ମୁଁ ସୁଦୂର ଇଂଲଣ୍ଡରୁ ଧାଇଁ ଆସିଛି, ସେ ଅଭିଳାଷ ମୋର କ'ଣ ପୂରଣ ହେବନାହିଁ ?"

"ଯେ କୌଣସି ଇଚ୍ଛା ଓ ଅଭିଳାଷରେ ଏକାଗ୍ରତା ଥିଲେ ମଣିଷକୁ ତାହା ଅଚିରେ ପ୍ରାପ୍ତ ହେବା ଆଦୌ ଅସଂଭବ ନୁହେଁ। ଆଉ ମାତ୍ର ଦେଢ଼ମାସ ରହିଲା ଗୁଣ୍ଡିଚା। ତୁମେ ନିଜ ମନକଥା ତାଙ୍କୁ ଜଣେଇ ଦିଅ। ନିଶ୍ଚିତ ରୂପେ ସେ ତୁମକୁ ଦର୍ଶନ ଦେବେ। ଏହା ମୋର ଦୃଢ଼ ବିଶ୍ୱାସ।"- କହିଲା ଆନନ୍ଦ।

"ତୁମ ତୁଣ୍ଡ ସୁତୁଣ୍ଡ ହେଉ ଆନନ୍ଦ। ତୁମ କଥା ଉପରେ ମୋର ସଂପୂର୍ଣ୍ଣ ବିଶ୍ୱାସ ରହିଛି। ତାଙ୍କୁ ମୁଁ କେବେ ସଶରୀରେ ଦେଖିନାହିଁ। କେବଳ ଦେଖିଛି ଚିତ୍ରରେ ଓ ଛବିରେ। ଭାରି ଆଗ୍ରହ ଜାଗିଲାଣି, ତାଙ୍କୁ ଥରେ କେମିତି ରତ୍ନ ସିଂହାସନ ଉପରେ ଦର୍ଶନ କରନ୍ତି !" - ଆନନ୍ଦ ମୁହଁକୁ ଚାହିଁ କହିଲା ଜେନି।

ସ୍ୱଗତୋକ୍ତି କଲା ଭଳି ଜେନି ପୁଣି କହିଲା- "ଥରେ ଦେଖିଲେ ତାଙ୍କ ମୋହନ ରୂପକୁ, ହୃଦୟ-କନ୍ଦରରେ ସାଇତି ରଖନ୍ତି ମୁଁ । କେବେ ବି ଛାଡ଼ି ଦିଅନ୍ତି ନାହିଁ।" ପୁଣି ଆନନ୍ଦ ଆଡ଼କୁ ଅନେଇ " କିଛି ଗୋଟେ ବ୍ୟବସ୍ଥା ହୋଇ ପାରନ୍ତାନି ଆନନ୍ଦ ?" ଶେଷ ଆଡ଼କୁ ଜେନିର ହୃଦୟ କେମିତି କଂପିତ ହେଉଥିଲା।

"ଏହା ସଂପୂର୍ଣ୍ଣ ଅସମ୍ଭବ ଜେନି। ଜଗତର ନାଥ ଜଗନ୍ନାଥ ସେ। ହେଲେ ତାଙ୍କ ମନ୍ଦିର ଭିତରକୁ ଜଗତଯାକର ସବୁ ଲୋକଙ୍କୁ ଅନୁମତି ମିଳେ ନାହିଁ। କେବେଠାରୁ କେଜାଣି, ଏ ନିୟମ ଚଳି ଆସୁଛି ଏ ଯାବତ୍। ପ୍ରୟାସ କରି କେହି କେବେ ଏ ନିୟମ ଓ ଶୃଙ୍ଖଳାକୁ ଭାଙ୍ଗି ପାରିନାହିଁ। ଏଇଥିପାଇଁ ତ ସେ ବାହାରନ୍ତି ଗୁଣ୍ଡିଚା ଯାତ୍ରାରେ। ଜଗତଜନଙ୍କୁ ଦର୍ଶନ ଦେବାର ଏକ ଅଭିନବ ବ୍ୟବସ୍ଥା। ପୃଥିବୀରେ ଆଉ କୌଣସି ଦିଅଁଙ୍କଠାରେ ଏ ବ୍ୟବସ୍ଥା ନାହିଁ। ବରଂ ଏତକ ହୋଇପାରିବ, ତାଙ୍କର ଅବିକଳ ପ୍ରତିକୃତି ସଂହଦ୍ୱାର ପରେ ଗୁମୁଟ ଭିତରେ ବିରାଜମାନ ଅଛନ୍ତି। ଚାହିଁଲେ ସେଇଠାରେ ତାଙ୍କୁ ଦର୍ଶନ କରିପାରିବ। ମନ୍ଦିର ଭିତରେ ରତ୍ନବେଦୀରେ ଦର୍ଶନ କରିବା ଏବଂ ଗୁମୁଟ ଭିତରେ ଦର୍ଶନ କରିବା ଏକାଭଳି କଥା ହେବ। ଏଇଠାରେ ତାଙ୍କ ପାଇଁ ଯେତିକି ଲୁହ ଢାଳି ପାରିବ, ସେ ସେତିକି ତୁମ ଭିତରେ ପ୍ରତିଫଳିତ ହେବେ"। କହିଲା ଆନନ୍ଦ।

"ଗୁମୁଟ ଭିତରେ ଜଗନ୍ନାଥ ?" ଏ କଥାକୁ ଭଲ ଭାବରେ ବୁଝି ପାରିଲା ନାହିଁ ଜେନି। ଅବୁଝା ଭଳି ଚାହିଁ ରହିଲା କିଛିକ୍ଷଣ ଆନନ୍ଦର ମୁହଁକୁ। ପଚାରିଲା- "ତାହା କେଉଁଠି ଓ ସେ କିପରି ବିରାଜମାନ ଅଛନ୍ତି ? ମୋତେ ଏବେ ଟିକେ ସେଠାକୁ ନେଇଯାଇ ପାରିବ ?

"ନିଶ୍ଚୟ।"- କହିଲା ଆନନ୍ଦ। "ଏବେ ଯିବା ?"

ଜେନି ଚଟାପଟ ଉତ୍ତର ଦେଲା- "ହଁ, ଏବେ ହିଁ ଯିବା।"

ଅଲଗା କୌଣସି ଗାଡ଼ି କରିବାର ଆବଶ୍ୟକତା ପଡ଼ିଲା ନାହିଁ ଆନନ୍ଦକୁ । ଆନନ୍ଦର ବାଇକ୍‌ରେ ଯାଇ ପାରିବ ବୋଲି ଜେନି ସମ୍ମତି ଦେଲା। ଆନନ୍ଦ ବିଶ୍ୱସ୍ତ, ହୋଇଥାଉ ପଛେ ଦୁଇଦିନର ସଂପର୍କ।

ଅରୁଣ ସ୍ତମ୍ଭ ସାମ୍ନାରେ ବାମ କଡ଼କୁ ଛିଡ଼ାହେଲା ଜେନି, ପାଖକୁ ଲାଗି ଆନନ୍ଦ। "ଏଇଟା ହେଲା ଅରୁଣ ସ୍ତମ୍ଭ, ଖଣ୍ଡେମାତ୍ର ପଥରରେ ନିର୍ମିତ। ପୂର୍ବେ ଥିଲା କୋଣାର୍କ ମନ୍ଦିର ସାମ୍ନାରେ। ଭାରତରେ ଇଂରେଜ ଶାସନ ଅମଳରେ ସ୍ଥାନାନ୍ତରିତ ହୋଇଛି ଏଠିକି।"

ଜେନି ଚକିତ ହେଲା ଅରୁଣ ସ୍ତମ୍ଭ ଦେଖି। ବେକ ଭାଙ୍ଗି ଉପରକୁ ଚାହିଁଲା। "ଓଃ ଏତେ ଉଚ୍ଚ ! ପୁଣି ଖଣ୍ଡେ ପଥରରେ ନିର୍ମିତ ! ଆନନ୍ଦ ଧୀର ଗଳାରେ କହିଲା- "ଆଉ ଟିକେ ଆଗକୁ ଆସ ଜେନି। ଦେଖିବ ଗୁମଟ ଭିତରେ ପ୍ରଭୁ ଜଗନ୍ନାଥଙ୍କୁ। ଆଖି ପବିତ୍ର ହୋଇଯିବ।"

ପିମ୍ପୁଡ଼ିର ଧାର ପରି ସିଂହଦ୍ୱାର ସାମ୍ନାରେ ନିରବଚ୍ଛିନ୍ନ ଗତିରେ ଲାଗି ରହିଛି ଲୋକଙ୍କ ଭିଡ଼। ସେମାନେ ସମସ୍ତେ ଭକ୍ତ,ଶ୍ରଦ୍ଧାଳୁ ଓ ଦର୍ଶନ ଅଭିଳାଷୀ। ପୃଥିବୀର କୋଣ ଅନୁକୋଣରୁ ଆସିଛନ୍ତି ଏ ପବିତ୍ର ଧାମକୁ। କେବଳ ଗୋଟିଏ ହିଁ ଆକର୍ଷଣ। ରତ୍ନବେଦୀରେ ଦର୍ଶନ କରିବେ କାଳିଆକୁ। ବାଇଶ ପାହାଚରେ ଗଡ଼ିବେ। ପ୍ରସାଦ ଖାଇବେ ଆନନ୍ଦ ବଜାରରେ। ଅନ୍ତତଃ କିଛି ସମୟ ଭୁଲିଯିବେ ନିଜକୁ। କାଳିଆ ଭାବରେ ପୁଲକିତ ହେବ ମନ। ପବିତ୍ର ହେବ ଦେହ। ଲାଘବ ହେବ ପାପତାପ, ଦୁଃଖ ଓ ସନ୍ତାପ।

ଜେନି ଦେଖିଲା, ଲୋକମାନଙ୍କର ଯିବା ବି ଯେମିତି ଲାଗିଛି, ଫେରିବାର ସୁଅ ବି ସେମିତି। ଧନ୍ୟ ପ୍ରଭୁ, ଧନ୍ୟ ତୋର ମହିମା। ଇଂଲଣ୍ଡରେ ମରିଯାଇଥିଲେ, ଆଖିରେ ପଡ଼ି ନଥାନ୍ତା ଏ ଦୃଶ୍ୟ। କେଡ଼େ ମହିମାବନ୍ତ ଏ ପ୍ରଭୁ ଜଗନ୍ନାଥ ? ମନ ଉଚ୍ଚାଟ ହେଉଛି। ବ୍ୟଗ୍ର ହେଉଛି ଜେନି। ଗୁମଟ ଭିତରେ ଦର୍ଶନ କରିବ ସେ ତାଙ୍କୁ। କୌତୁହଳ ବଢ଼ି ବଢ଼ି ସୀମା ଲଂଘି ଯାଉଛି। ଉଦ୍‌ବେଳିତ ହେଉଛି ମନ ଆଉ ହୃଦୟ।

ଆନନ୍ଦ ଆଉ ଟିକେ ଆଗକୁ ଯାଇ ବାଁପଟେ ଛିଡ଼ା ହେଲା ଟିକେ ଉଚ୍ଚ ସ୍ଥାନ ବାଛି। ପଛକୁ ଅନେଇ କହିଲା "ଆସ ଜେନି ! ଏଇଠିକି, ଏଇ ପାଖକୁ ଚାଲି ଆସି ସାମନାରେ ଛିଡ଼ା ହେଲେ ଦୃଶ୍ୟ ହେବେ ଗୁମଟ ଭିତରେ ଜଗନ୍ନାଥ"।

ଜେନି ଆଗେଇ ଗଲା ଆନନ୍ଦ ପାଖକୁ। ଲମ୍ବଗ୍ରୀବା ତୋଳି ଅନେଇଲା ଭିତରକୁ। ଡାହାଣ ପାର୍ଶ୍ୱ କାନ୍ଥରେ ଦୃଶ୍ୟ ହେଲେ ପ୍ରଭୁ। ଝଲସିଗଲା ଜେନିର ଚକ୍ଷୁ ଯୁଗଳ। କି ଅପୂର୍ବ ରୂପକାନ୍ତି ! କ୍ଷଣେ ସ୍ତବଧ୍ ହୋଇଗଲା ସେ। ଗଭୀର ଅନ୍ତର୍ଦୃଷ୍ଟି ଦେଇ ଦେଖିବ ସେ ପ୍ରଭୁଙ୍କୁ। କିନ୍ତୁ ଏକାନ୍ତରେ, ନିବିଷ୍ଟ ଚିତ୍ତରେ।

" ଏଇ ନିରାପଦ ସ୍ଥାନରେ ଛିଡ଼ା ହୋଇ ମୁଁ ତାଙ୍କର ସ୍ପଷ୍ଟ ଦର୍ଶନ ପାଉଛି ଆନନ୍ଦ। ମୋ ପାଇଁ ଗୋଟେ କାମ କରିବ ? ଦେଖୁଛି ଏଠି ସମସ୍ତେ ଭୋଗ ଆଉ ପ୍ରସାଦ ଧରି ଫେରୁଛନ୍ତି ମନ୍ଦିର ଭିତରୁ। ମୋ ପାଇଁ ସେଇଥିରୁ କାଣିଚାଏ ଆଣି ଦିଅନ୍ତି ନି ?"

ଆନନ୍ଦ ଏକୁଟିଆ ଜେନିକୁ ସେଇଠି ଛିଡ଼ା ହେବାକୁ କହି ଦର୍ଶନାର୍ଥୀଙ୍କ ଧାଡ଼ି ଭିତରେ ମିଶି ଗଲାଣି। ଜେନି ସେମିତି ଅବିଚଳିତ ଭାବେ ଛିଡ଼ା ହୋଇ ଦେଖୁଛି ପ୍ରଭୁଙ୍କୁ। ଧୀରେ ଧୀରେ ସମ୍ମୋହିତ ହୋଇ ଯାଉଛି ସେ। ଆଖି କୋଣରେ ଲୁହ ଜକେଇ ଆସୁଛି। ଅନନ୍ଦ କହୁଥିଲା ଯେଉଁମାନେ ମନ୍ଦିର ଭିତରକୁ ଯାଇ ପାରିବେ ନାହିଁ କିମ୍ବା ଯାହାଙ୍କୁ ଅନୁମତି ମିଳେନାହିଁ ଯିବାକୁ, ସେଇମାନେ ହିଁ ଏଇଠାରେ ଛିଡ଼ା ହୋଇ ଦର୍ଶନ କରି ପାରିବେ ଜଗନ୍ନାଥଙ୍କୁ। ପତିତଜନଙ୍କ ଉଦ୍ଧାର ନିମନ୍ତେ ବିରାଜିତ ଅଛନ୍ତି ପ୍ରଭୁ ପତିତପାବନ ରୂପରେ।"

ଦର୍ଶନର ଆକାଂକ୍ଷା ପୂର୍ଣ୍ଣ ହେଲା ଜେନିର। ଆନନ୍ଦରେ ଭିଜିଗଲା ମନ। ରୋମାଞ୍ଚିତ ହୋଇ ଆସିଲା ପୁଲକରେ ସାରା ଶରୀର। ସ୍ୱତଃ ହାତ ଯୋଡିକ କପାଳରେ ଲାଗିଲା ଯାଇଁ ଆପଣା ଛାଏଁ। ନା', ହେଲାନାହିଁ। ନିଜ ଭିତରେ ଥାଇ କିଏ ଯେମିତି ବତେଇ ଦେଲା, ସେଇଠି ଆଣ୍ଠୁମାଡ଼ି ବସିପଡ଼ ଜେନି। ଭୂମିରେ ମୁଣ୍ଡ ଲଗେଇ ସଷ୍ଟାଙ୍ଗ ପ୍ରଣିପାତ କର ପ୍ରଭୁଙ୍କୁ। ଅନ୍ତର୍ଯ୍ୟାମୀ ସେ। ତୋର ଦୁଃଖ ଆଉ ବେଦନା ସେ ଜାଣିଛନ୍ତି। ଜାଣିଛନ୍ତି ବି ତୋର ଅଭିଳାଷ। ଏତେ ଦୂରରୁ ଦଉଡ଼ି ଆସିବାର ଅଭିପ୍ରାୟ ?

ତାହାହିଁ ହେଲା। ସେଇଠି ଚଟାଣ ଉପରେ ମୁଣ୍ଡ ଲଗେଇ ପ୍ରଣାମ କରୁ କରୁ ଲମ୍ବ ହୋଇ ଶୋଇଗଲା ସେ ଧୂଳି ଧୂସରିତ ଏତେ ଟିକେ ସଂକୀର୍ଣ୍ଣ ଚଟାଣରେ। ଆଡ଼ ହୋଇଗଲେ ମନ୍ଦିର ପ୍ରବେଶ ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ଭକ୍ତ ଆଉ ଶ୍ରଦ୍ଧାଳୁଗଣ। ସମସ୍ତଙ୍କର ଚକ୍ଷୁ ନିବଦ୍ଧ ଥିଲା ଜେନି ଉପରେ, ଏଇ ବିଦେଶିନୀ ମହିଳାଟି ଉପରେ। କାହାର କାହାର ଅନ୍ତରାତ୍ମା ବି ସମବେଦନାରେ ସିକ୍ତ ହୋଇ ଯାଇଥିଲା। "ଆହା- ହା- ବିଦେଶିନୀ ଭକ୍ତଟିଏ। ନିଜ ଅନ୍ତରର ବେଦନା ଜଣାଉଛି ପ୍ରଭୁଙ୍କୁ।" ଜଣେ ସେବକ ସେଇ ପାଖ ଦେଇ ମନ୍ଦିର ଭିତରକୁ ପ୍ରବେଶ କରୁ କରୁ କହି ଦେଇଯାଉଥିଲା " ହେ ବଳିୟାର ଭୁଜ, ମହାବାହୁ, ପତିତପାବନ ପ୍ରଭୁ ! ପତିତଜନଙ୍କ ଉଦ୍ଧାର କର ହେ କାଳିଆ ସାଆନ୍ତ !" ଅଦୂର ନିକଟରୁ ଭକ୍ତି ସଂଗୀତର ଅପୂର୍ବ ମୂର୍ଚ୍ଛନା ସାରା ଭକ୍ତ ଚିତ୍ତକୁ ଉଦ୍‌ବେଳିତ କରୁଥିଲା ସେତେବେଳେ। "ମାନ ଉଦ୍ଧାରଣ କର ହେ ତାରଣ, ଶରଣ ମୁଁ ତୁମ୍ଭ ପଦତଳେ।" ସତରେ କି ଅପୂର୍ବ ପରିବେଶଟିଏ ଅଚାନକ ସୃଷ୍ଟି ହୋଇଗଲା ଏ ବିଦେଶିନୀ ଭକ୍ତଟି ପାଇଁ !

(କ୍ରମଶଃ)

❤ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

## ପଢ଼ିବା ପରେ...

# ରାଧାମାଧବ ରଥଙ୍କ 'ସୁହାସିନୀ'






ଓଡ଼ିଆ ସାହିତ୍ୟର ପାରିବାରିକ ଉପନ୍ୟାସ ଧାରାରେ "ସୁହାସିନୀ" ଏକ ସରଳ, ସଂଯମୀ ଓ ମାନବୀୟ ସ୍ପର୍ଶରେ ଭରପୂର କୃତି । ଔପନ୍ୟାସିକ ରାଧାମାଧବ ରଥ ଜଣେ ଶିଶୁ ସାହିତ୍ୟିକ ଏବଂ ଶିଶୁ ଉପନ୍ୟାସ ରଚୟିତା ରୂପେ ପ୍ରସିଦ୍ଧି ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ସାମାଜିକ ଭିତ୍ତିଭୂମି ନେଇ ବୟସ୍କଙ୍କ ପାଇଁ ଏହି ଉପନ୍ୟାସ ରଚନା କରିଛନ୍ତି। ଏହି ଉପନ୍ୟାସରେ ସେ କୌଣସି ଘଟଣାକୁ ଅତିରଞ୍ଜିତ ନ କରି , ଦୈନନ୍ଦିନ ପାରିବାରିକ ଜୀବନର ସାଧାରଣ ସତ୍ୟକୁ ସାବଲୀଳ ଓ ସହଜ ଭାଷାରେ ଉପସ୍ଥାପନ କରିଛନ୍ତି ।

ଉପନ୍ୟାସର କେନ୍ଦ୍ରବିନ୍ଦୁରେ ଅଛନ୍ତି ସୁହାସିନୀ—ଏକ ସାହସୀ, ସଂଯମୀ ଓ କର୍ତ୍ତବ୍ୟନିଷ୍ଠ ନାରୀ । ସ୍ୱାମୀଙ୍କ ଅକାଳ ମୃତ୍ୟୁ ପରେ ଦୁଇଟି ଯାଆଁଳା ସନ୍ତାନଙ୍କୁ ମଣିଷ କରିବା ପାଇଁ ସେ ଯେପରି ସଂଘର୍ଷ କରିଛନ୍ତି, ସେଥିରେ ମାତୃତ୍ୱର ତ୍ୟାଗ, ଧୈର୍ଯ୍ୟ ଓ ନିରବ ବେଦନା ସ୍ପଷ୍ଟ ଭାବରେ ପ୍ରତିଫଳିତ । ପିଲାମାନଙ୍କୁ ଉଚିତ ସଂସ୍କାର ଓ ଶିକ୍ଷା ଦେଇ ତାଙ୍କୁ ଜଣେ ଡାକ୍ତର ଓ ଜଣେ ଇଞ୍ଜିନିୟର ଭାବେ ପ୍ରତିଷ୍ଠିତ କରିବା ତାଙ୍କର ଜୀବନର ସର୍ବୋଚ୍ଚ ସାଧନା । କାହାଣୀଟି ସାତଟି ମୁଖ୍ୟ ଚରିତ୍ର ଉପରେ ଆଧାରିତ ହୋଇ ସାମାଜିକ ସମ୍ପର୍କ, ପରିବାରିକ ମୂଲ୍ୟବୋଧ ଓ ପିଢ଼ି ମଧ୍ୟରେ ଥିବା ମାନସିକ ଦୂରତାକୁ ସଂବେଦନଶୀଳ ଭାବେ ଉଦ୍‌ଘାଟିତ କରେ । ପିଲାମାନଙ୍କ ବିବାହ ପରେ ବୋହୂମାନଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ମାଧ୍ୟମରେ ଲେଖକ ଆଧୁନିକ ପାରିବାରିକ ଜୀବନର ଏକ କଠୋର ସତ୍ୟକୁ ଦେଖାଇଛନ୍ତି ।

ଉପନ୍ୟାସରେ ଲେଖକଙ୍କର କିଛି ଧାଡ଼ି ପାଠକଙ୍କୁ ନିଶ୍ଚୟ ଘଡ଼ିଏ ରହି କିଛି ଚିନ୍ତା କରିବା ପାଇଁ ବାଧ କରିବ, ଯେପରିକି : 'ଆଶା ହିଁ ମରୀଚିକା । ମଣିଷ ଏହି ମରୀଚିକା ପଛରେ ଧାଇଁ ଧାଇଁ ଶେଷରେ ଥକି ପଡ଼େ । ତଥାପି ତାର ଆଶା ସରେ ନାହିଁ । ମଣିଷ ମନରେ ପ୍ରଶ୍ନ ଉଠେ ଏହି ଆଶା କରିବା କଣ ନିହାତି ଆବଶ୍ୟକ ? କିନ୍ତୁ ମଣିଷ ଜାଣେ ଆଶା ବିନା ଜୀବନ ଜୀବନ ନୁହେଁ !' ଏଭଳି ଅନେକ ଧାଡ଼ି ଉପନ୍ୟାସ ଭିତରେ ଥିବା ଗଭୀର ଜୀବନ ଦର୍ଶନର କଥା କହିବ ଯାହାକୁ ପାଠକ ପ୍ରତ୍ୟକ୍ଷ କଲେ ହିଁ ଅନୁଭବ କରିପାରିବେ ।

ଉକ୍ତ ଉପନ୍ୟାସରେ ମୁଖ୍ୟ ନାୟିକା ସୁହାସିନୀଙ୍କର କୌଣସି ଅଭିଯୋଗ ନୁହେଁ, ବରଂ ନିରବ ଗ୍ରହଣ ଓ ବିରକ୍ତିହୀନ ସମାଧାନ ଦେଖିବାକୁ ମିଳେ । ସୁହାସିନୀଙ୍କ ନିଜ ସ୍ୱାମୀଙ୍କ ଗାଁକୁ ଫେରିଯିବା ନିଷ୍ପତ୍ତି ଉପନ୍ୟାସକୁ ଏକ ଦାର୍ଶନିକ ଉଚ୍ଚତା ଦେଇଥାଏ । ଏହା ନିଜ ଜୀବନକୁ ସଂସାରୀକ ଆସକ୍ତିରୁ ମୁକ୍ତ କରି କର୍ତ୍ତବ୍ୟବୋଧରେ ସୀମିତ ରଖିବାର ଏକ ମୌନ ସନ୍ଦେଶ । ସୁହାସିନୀ ଚରିତ୍ର ମାଧ୍ୟମରେ ଲେଖକ ନାରୀମାନଙ୍କୁ ଏହି ଶିକ୍ଷା ଦେଇଛନ୍ତି ଯେ, ସଂସାର ପ୍ରତି ଅତିରିକ୍ତ ଆଶ୍ରୟ ନ ରଖି, ନିଜ କର୍ତ୍ତବ୍ୟକୁ ସତ୍ୟନିଷ୍ଠାର ସହ ପାଳନ କରିଚାଲିବା ହିଁ ଜୀବନର ସର୍ବୋତ୍ତମ ପଥ ।

ସମଗ୍ରରେ "ସୁହାସିନୀ" ଗୋଟିଏ ନିରବ କିନ୍ତୁ ଗଭୀର ପ୍ରଭାବଶାଳୀ ପାରିବାରିକ ଉପନ୍ୟାସ । ଏହା ପାଠକଙ୍କୁ ଆତ୍ମ ପର୍ଯ୍ୟାଲୋଚନା କରିବାକୁ ବାଧ କରେ ଓ ସମାଜରେ ମା' ଓ ନାରୀଙ୍କ ଅବଦାନ ପ୍ରତି ଗଭୀର ସମ୍ମାନ ଜାଗ୍ରତ କରେ । ସର୍ବଶେଷରେ ଉପନ୍ୟାସଟି ବହୁ ପାଠକୀୟତା ଲାଭ କରୁ ବୋଲି ପରମେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛି । ❤



ଶ୍ରୁତକୀର୍ତ୍ତି ତ୍ରିପାଠୀ
(ମୋ) - ୬୩୭୦୫୧୬୪୭୮
ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର

# ତ୍ରିବେଣୀ ଅମାବାସ୍ୟା ଓ ଦେବୀ ବିରଜାଙ୍କ ଜୟନ୍ତୀ

## ବିକ୍ରମ କେଶରୀ ବିଶ୍ୱାଳ



ଗଙ୍ଗା, ଯମୁନା, ସରସ୍ୱତୀଙ୍କର ମିଳନ ସ୍ଥଳରେ ମାଧବ ଉପସ୍ଥିତ ଥିବାରୁ ତାକୁ ତ୍ରିବେଣୀ ସଙ୍ଗମ କୁହାଯାଏ । ତାକୁ ସ୍ମରଣ କରିବା ପାଇଁ ଏହି ଅମାବାସ୍ୟାର ନାମ କରଣ କରାଯାଇଅଛି । ସୂର୍ଯ୍ୟମହତି ସ୍ନାନ ଯୋଗ ଯାହା ବୁଝାଏ ସୂର୍ଯ୍ୟ ନାରାୟଣ (ପ୍ରତ୍ୟକ୍ଷ ଦର୍ଶନ ଦେଉଥିବା ଦେବତା)ଙ୍କ ଉଦ୍ଦେଶ୍ୟରେ ସୂର୍ଯ୍ୟୋଦୟ ପୂର୍ବରୁ ଅର୍ଥାତ୍ ୩.୩୦ରୁ ୪ ଟା ମଧ୍ୟରେ ମହୋଦଧିରେ ସ୍ନାନ କିମ୍ବା ନଦୀ ଓ ଝରଣାରେ ସ୍ନାନ କରି ସୂର୍ଯ୍ୟାର୍ଘ୍ୟ ଦେବାର ବିଧି ରହିଛି । କାରଣ ନମସ୍କାର ପ୍ରିୟ ସୂର୍ଯ୍ୟ ଅଳଙ୍କାର ପ୍ରିୟ ବିଷ୍ଣୁ ଜଳ ପ୍ରିୟ ମହାଦେବ ବ୍ରାହ୍ମଣ ଭୋଜନ ପ୍ରିୟ ଯାହା ଶାସ୍ତ୍ର କୁହନ୍ତି । ଓଡ଼ିଶାରେ ରହିଥିବା ପ୍ରମୁଖ ଶକ୍ତିପୀଠ ମଧ୍ୟରେ ମା' ବିରଜାଙ୍କ ଶକ୍ତିପୀଠ ଅନ୍ୟତମ। ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ମା'ବିରଜାଙ୍କ ମନ୍ଦିର, ଖୁବ୍ ପୁରାତନ ଦେବୀ ମନ୍ଦିର। ଏହି କ୍ଷେତ୍ର ବିରଜାକ୍ଷେତ୍ର ନାମରେ ମଧ୍ୟ ପରିଚିତ। ଏଠାରେ ଦେବୀ ଦ୍ୱିଭୁଜା ଦୁର୍ଗା ରୂପରେ ପୂଜା ପାଆନ୍ତି। ଗୋଟିଏ ଭୂଜରେ ତ୍ରିଶୂଳ ଓ ଅନ୍ୟ ଭୂଜରେ ଦେବୀ ମହିଷାସୁରର ଲାଙ୍ଗୁଳ ଧରିଥିବାର ଦେଖାଯାଏ। ଦେବୀ ନିଜ ମୁକୁଟରେ ଗଣେଶ, ଶିବଲିଙ୍ଗ, ଯୋନି, ନାଗରାଜ ଓ ଅର୍ଦ୍ଧଚନ୍ଦ୍ର ଧାରଣ କରିଥାନ୍ତି। ପୁରାଣ ଅନୁସାରେ ଦେବୀ ସମସ୍ତ ରଜୋଗୁଣକୁ ଧୋଇ ଦେଉଥିବାରୁ ତାଙ୍କର ନାମ ବିରାଜ ହୋଇ ଏହି କ୍ଷେତ୍ରର ନାମ ବିରଜାକ୍ଷେତ୍ର ହୋଇଛି। ମା'ବିରଜା ଏହି ପୀଠରେ ଅଧିଷ୍ଠାତ୍ରୀ ଦେବୀ। ସେ ବିଭିନ୍ନ ସମୟରେ ବିଭିନ୍ନ ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ପବିତ୍ର ତ୍ରିବେଣୀ ଅମାବାସ୍ୟା ମା' ବିରଜାଙ୍କ ଜନ୍ମଦିନ।

ମାଘ ମାସର ଅମାବାସ୍ୟାକୁ ତ୍ରିବେଣୀ ଅମାବାସ୍ୟା ବା ମୌନୀ ଅମାବାସ୍ୟା କୁହାଯାଏ। ଏହି ଦିନରେ କୁମ୍ଭମେଳାର ପବିତ୍ର ସ୍ଥାନରେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁମାନେ ଅଧିକ ପସନ୍ଦ କରିଥାନ୍ତି। ଏହି ଦିନରେ ତ୍ରିବେଣୀ ସଙ୍ଗମରେ ସ୍ନାନ ପୂର୍ବକ ମୌନବ୍ରତ ପାଳନ କରାଯାଇଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ମକର ସଂକ୍ରାନ୍ତିରେ ସୂର୍ଯ୍ୟ ମକର ରାଶିକୁ ଗମନ କରିଥାନ୍ତି। ଶନି ହେଉଛନ୍ତି ମକରର ସ୍ୱାମୀ ବା ପ୍ରଭୁ ଏବଂ ଚନ୍ଦ୍ରଙ୍କ ବିରୋଧୀ। ମକରରେ ସୂର୍ଯ୍ୟଙ୍କ ଅବସ୍ଥାନ ଦ୍ୱାରା ଶନିଙ୍କ ପ୍ରଭାବ ବୃଦ୍ଧି ପାଇଥାଏ। ଫଳରେ ଚନ୍ଦ୍ର ଦୁର୍ବଳ ହୋଇଥାନ୍ତି। ଚନ୍ଦ୍ରଙ୍କ ଦ୍ୱାରା ଆମର ମନ ଓ ଭାବ ନିୟନ୍ତ୍ରଣ ହେଉଥିବାରୁ ମୌନୀ ଅମାବାସ୍ୟା ଦିନ କଥା କହିବା ଏବଂ ନିଷ୍ପତ୍ତି ନେବାର ଶକ୍ତି ଅପେକ୍ଷାକୃତ ଦୁର୍ବଳ ହୋଇଥାଏ। ତେଣୁ ମୌନୀ ଅମାବାସ୍ୟାରେ ମୌନ ବ୍ରତ ଅବଲମ୍ବନ କରିବା ଭଲ। ମାଘ ସ୍ନାନ ଦ୍ୱାରା ପୂଣ୍ୟ ଅର୍ଜନ ହୁଏ ବୋଲି ବିଶ୍ୱାସ ରହିଛି। ମୌନୀ ଅମାବାସ୍ୟାରେ ତୀର୍ଥସ୍ଥଳରେ ବୁଡ଼, ଉପବାସ ପାଳନ ଓ ବିଷ୍ଣୁଙ୍କ ପୂଜା ଦ୍ୱାରା ମହାପୂଣ୍ୟ ଲାଭ ହୋଇଥାଏ। ଏହି ଦିନ ଅଶ୍ୱତ୍ଥ ବୃକ୍ଷ ପ୍ରଦକ୍ଷୀଣ କରିବାର ମଧ୍ୟ ବିଧି ରହିଛି। ମକର ମାସ ସାରା ପ୍ରୟାଗର ସଂଗମସ୍ଥଳରେ ହିନ୍ଦୁଭକ୍ତ ଓ ଶ୍ରଦ୍ଧାଳୁମାନେ ସ୍ନାନ, ଦାନ ଓ ପୂଜାର୍ଚ୍ଚନା ବା କଳ୍ପବାସ କରି ମୌନୀ ଅମାବାସ୍ୟାକୁ ଅପେକ୍ଷା କରି ରହିଥାନ୍ତି। ମାସବ୍ୟାପୀ କେତେକ ସାଧୁସନ୍ଥ ଜଳପାନ କରନ୍ତି ଏବଂ ଆଉ କେତେ ଦିନକୁ ଥରେ ହବିଷ ପାଳନ କରନ୍ତି। ଏକଥା ମଧ୍ୟ କୁହାଯାଏ, ସୃଷ୍ଟିର ଆରମ୍ଭରେ ସବୁ ଶାନ୍ତ, ନିରବ ଥିଲା। ତାପରେ ଶବ୍ଦ ସୃଷ୍ଟି ହେଲା ଏବଂ ଏହି ଶବ୍ଦ ଥିଲା ଓଁ ବା ବ୍ରହ୍ମନାଦ। ପ୍ରତ୍ୟେକ ଶବ୍ଦରେ ଶକ୍ତି ରହିଛି। ଏହି ଶକ୍ତି ହିଁ ଚତୁଃପାର୍ଶ୍ୱର ସ୍ଥିତିକୁ ପରିବର୍ତ୍ତନ କରିପାରେ। ମୌନୀ ଅମାବାସ୍ୟାରେ ମୌନ ରହିଲେ ଶରୀରରେ ପ୍ରାଣ ସଞ୍ଚରିତ ହୋଇ ରହେ। ଏହା ଶକ୍ତି ସାମର୍ଥ୍ୟ ପ୍ରଦାନ କରିଥାଏ। ମୌନୀ ଅମାବାସ୍ୟାକୁ ବିରଜା ଅମାବାସ୍ୟା ମଧ୍ୟ କୁହାଯାଏ।

ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ କରି ନିତ୍ୟକର୍ମ ସାରି ତିଳ, ତିଳଲଡ୍ଡୁ, ତିଳତେଲ, ଅଁଳା ଆଉ ବସ୍ତ୍ର ଆଦି ଦାନ କଲେ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ। ଏହି ଅମାବାସ୍ୟା ଠାରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ କି ଗୋଟିଏ ବର୍ଷ ମୌନବ୍ରତ ଧାରଣ କଲେ ମାନସିକ ଓ ଶାରୀରିକ କଷ୍ଟ ନାଶ ହୁଏ। ପବିତ୍ର ତ୍ରିବେଣୀ ସଂଗମ ସ୍ଥଳରେ ସ୍ନାନ କଲେ ହଜାର ରାଜଯଜ୍ଞର ସମାନ ଫଳ ମିଳେ। ସଂଗମସ୍ଥଳରେ ସ୍ନାନ କରିବାର ସୁଯୋଗ ନଥିଲେ ତେବେ ଗୃହ କିମ୍ବା ପୁଷ୍କରିଣୀରେ ଗଙ୍ଗାଜଳ ମିଶ୍ରିତ ପାଣିରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଉପାସନା କରି ଦାନ ଧର୍ମ କଲେ ଦେବତା ଓ ପୂର୍ବ ପୁରୁଷମାନଙ୍କର ଆଶୀର୍ବାଦ ମିଳେ। ଆଉ ଲକ୍ଷେ ବର୍ଷର ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି। ମୁନି ଋଷିମାନଙ୍କର ମାନ୍ୟତା ଅନୁସାରେ ତ୍ରିବେଣୀ ଅମାବାସ୍ୟାର ବହୁତ ମହତ୍ତ୍ୱ ଅଛି। ମୌନ ଅମାବାସ୍ୟା ଠାରୁ ମହାଶିବରାତ୍ରି ଯାଏ ସେମାନେ ମୌନବତ୍ର ଧାରଣ କରନ୍ତି। ସେମାନେ ମାନନ୍ତି ଯେ, ଯେତେବେଳେ ସୂର୍ଯ୍ୟଚକ୍ର ପୁରା ହେଉଥାଏ ସେତେବେଳେ ସବୁ ଜଳରାଶି ଉପରେ ଏହାର ବହୁତ ପ୍ରଭାବ ପଡ଼ିଥାଏ। ଆମ ଜାଣୁ ଯେ, ମାନବ ଶରୀରର ୭୦ ଭାଗ ଜଳ। ତେଣୁ ସୂର୍ଯ୍ୟଚକ୍ରର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ। ଏହି ପବିତ୍ର ଅମାବାସ୍ୟାକୁ ମୌନ ରହି ପାଳନ କଲେ ମନୁଷ୍ୟ ଶରୀରକୁ ବହୁତ ଉପକାର ମିଳିବା ସହ ମାନସିକ ଶାନ୍ତି ମଧ୍ୟ ମିଳିଥାଏ।

❤ ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ଦେଶର ପ୍ରଗତିରେ ଜନଜାତିଙ୍କ ଭୂମିକା

## ରାଜସ୍ମିତା ବାରିକ୍



ଧରିତ୍ରୀ ମାତାର ସୁପୁତ୍ର ଓ ସୁକନ୍ୟା ରୂପେ ଜନଜାତି ବର୍ଗ ପରିଚିତ । ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ପାଇଁ ହେଉ ଅବା ସ୍ୱାଧୀନତା ସଂଗ୍ରାମରେ ଜନଜାତିଙ୍କ ଭୂମିକା ଅବିସ୍ମରଣୀୟ । ପ୍ରକୃତି ମାତା ର ସୁରକ୍ଷା ପାଇଁ ସର୍ବଦା ତତ୍ପର। ଜନଜାତି କହିଲେ ଏକ ପ୍ରାଚୀନ ସାମାଜିକ ଗୋଷ୍ଠୀକୁ ବୁଝାଇଥାଏ। ଜନଜାତି ସମ୍ପ୍ରଦାୟକୁ ଆଦିମ ଅଧିବାସୀ ବା ଆଦିବାସୀ ବୋଲି କୁହାଯାଏ। ଏହା ଇଂରାଜୀ ଶବ୍ଦ ଟ୍ରାଇବ ବୋଲି କୁହାଯାଏ। ସେମାନଙ୍କର ସଂସ୍କୃତି, ପ୍ରଥା ଏବଂ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ଜୀବନକୁ ପ୍ରକୃତିର କୋଳରେ ଉପଭୋଗ କରନ୍ତି। ସେମାନଙ୍କର କର୍ମ ତାଙ୍କୁ ଆଜି ବିଶ୍ୱମାନସରେ ପରିଚିତ କରାଇଛି। ଭଗବାନ ବିର୍ସାମୁଣ୍ଡାଙ୍କ ଠାରୁ ଶହିଦ ଲକ୍ଷ୍ମଣ ନାୟକଙ୍କ ଯାଏଁ ଅନେକ ବିପ୍ଳବୀ ନେତୃତ୍ୱଙ୍କ ଜୀବନୀ ଆମ ପାଇଁ ଆଦର୍ଶ କ୍ଷସେହିପରି ଚିପକୋ ଆନ୍ଦୋଳନ ହେଉ ଅବା ଅପିକୋ ଆନ୍ଦୋଳନ ସମୟରେ ଜନଜାତି ବର୍ଗର ମହିଳାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା ।

ସାମ୍ପ୍ରତିକ ସମୟରେ ଆମ ମୟୂରଭଞ୍ଜ ମାଟିର ତିନି ଜଣ ବ୍ୟକ୍ତିତ୍ୱ ଏହାର ଜ୍ୱଳନ୍ତ ଉଦାହରଣ । ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ପୂର୍ବତନ ଜାମ୍ମୁ କାଶ୍ମୀରର ପ୍ରଥମ ଉପ ରାଜ୍ୟପାଳ,ପୂର୍ବତନ ଉଇଏ ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ମୁର୍ମୁ ଏବଂ ଡେପୁଟି ଗଭର୍ଣ୍ଣର ଭାବେ ଆରବିଆଇରେ ନିଯୁକ୍ତି ପାଇଥିବା ଶ୍ରୀଯୁକ୍ତ ଶିରିସ ଚନ୍ଦ୍ର ମୁର୍ମୁ। ଦ୍ରୌପଦୀ ମୁର୍ମୁ ମହିଳା ସଂଘର୍ଷ ଓ ସଶକ୍ତିକରଣର ପ୍ରତୀକ ହୋଇଥିଲା ବେଳେ ଗିରିଶ ଚନ୍ଦ୍ର ମୁର୍ମୁ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିବା ଦିଗରେ ବ୍ୟାପକ ନେତୃତ୍ୱ ନେବା ସହ ବର୍ତ୍ତମାନ ଶ୍ରୀମନ୍ଦିର ଶୃଙ୍ଖଳା କମିଟିର ଅଧକ୍ଷ ଭାବେ ଉଭୟ ଭକ୍ତ ଓ ସେବାୟତଙ୍କ ପାଇଁ ଅନେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଉଛନ୍ତି । ତତ୍ ସଙ୍ଗେ ଶିରିସ ଚନ୍ଦ୍ର ମୁର୍ମୁ ଦେଶର ବିତ୍ତୀୟ ଅଭିବୃଦ୍ଧି ଏବଂ ପ୍ରଗତି କ୍ଷେତ୍ରରେ ନିଜର ପ୍ରତିଭାକୁ ବିନିଯୋଗ କରୁଛନ୍ତି ।

ଓଡ଼ିଶାର ଅଗ୍ରଣୀ ଜନଜାତି ନେତା ରୂପେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଦେଶର ଜନଜାତି ବର୍ଗଙ୍କ ସଶକ୍ତିକରଣ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ବିକାଶ ପାଇଁ ଅହରହ ପରିଶ୍ରମ କରୁଛନ୍ତି । କ୍ରୀଡ଼ା କ୍ଷେତ୍ରରେ ଲକ୍ଷ୍ୟ କରିଲେ ଓଡ଼ିଆ ହକି ତାରକା ଦିଲ୍ଲୀପ ତିର୍କୀ,ବୀରେନ୍ଦ୍ର ଲାକ୍ରା, ଫୁଟବଲ ଖେଳାଳି ବାଇଚୁଙ୍ଗ ଭୂଟିଆ, କ୍ରୀଡ଼ା ପ୍ରତିଭା ଆମ ଦେଶର ନାମକୁ ଉଜ୍ଜ୍ୱଳ କରିଛନ୍ତି । ସଦ୍ୟ ସମାପ୍ତ ପ୍ରଥମ ମହିଳା ଦୃଷ୍ଟି ବାଧିତ ବିଶ୍ୱକପରେ ବିଜେତା ଭାରତୀୟ ଦଳରେ ସାମିଲ ଓଡିଆ ଖେଳାଳି ଫୁଲ ସୋରେନ,ବାସନ୍ତୀ ହାଁସଦା, ପାର୍ବତୀ ମାର୍ଣ୍ଡି ଏବଂ ଯମୁନାରାଣୀ ଟୁଡୁଙ୍କ ଖ୍ୟାତି ଆମ ସମସ୍ତଙ୍କୁ ଗୌରବାନ୍ୱିତ କରିଛି ।

କନ୍ଧମାଳ ଜିଲ୍ଲାର ସିମବାଲି ଗ୍ରାମର ଯୁବ ବୈଜ୍ଞାନିକ ଅଭିମନ୍ୟୁ ମଲ୍ଲିକ ଆଜି ଇସ୍ରୋର ବୈଜ୍ଞାନିକ ଭାବରେ କାର୍ଯ୍ୟ କରୁଛନ୍ତି । ଜୈବିକ କୃଷି ଦ୍ୱାରା ସମାଜରେ ବିପ୍ଳବ ଆଣିଥିବା କୋରାପୁଟ ଜିଲ୍ଲାର ମହିଳା ଚାଷୀ ଓ ବିଜ୍ଞାନୀ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଅବଦାନ ଯୁବ କୃଷି ବିଜ୍ଞାନୀଙ୍କ ପାଇଁ ପ୍ରେରଣା । ସେହିପରି ବଲାସିଂଘାରୁ ବର୍ଲିନ ଯାଏଁ ନିଜର ସଂଘର୍ଷମୟ ଜୟଯାତ୍ରା ଦ୍ୱାରା ଓଡିଶାର ଘରେ ଘରେ ପରିଚିତ ଯୁବ ବୈଜ୍ଞାନିକ ଶେଷ କିଷାନଙ୍କ ଜୀବନୀ କାହାକୁ ଅଛପା ନାହିଁ ।

ସାହିତ୍ୟ କ୍ଷେତ୍ରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅଲିଚିକି ଲିପିଙ୍କ ଠାରୁ ଆରମ୍ଭ କରି ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶୀ ଦମୟନ୍ତୀ ବେଶ୍ରାଙ୍କ ପର୍ଯ୍ୟନ୍ତ ଅଗଣିତ ସାରସ୍ୱତ ସାଧକଙ୍କ ଅବଦାନ ଅବିସ୍ମରଣୀୟ । ପର୍ବପର୍ବାଣୀ, ସଙ୍ଗୀତ, ନୃତ୍ୟ, ବାଦ୍ୟ ଏବଂ କଳା ଜଗତ ରେ ସେମା ନଙ୍କ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛଉ, ଢେମସା, ଦଣ୍ଡାହୁଲିଆ, ଢାପ ନୃତ୍ୟ, ଦାସାୟାଁ ନୃତ୍ୟ, ଦଙ୍ଗ୍ ନୃତ୍ୟ ଠୁ ନେଇ ସମରକଳା ନୃତ୍ୟ କ୍ଷେତ୍ରରେ ଜନଜାତିଙ୍କ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ ।

❤ ନୀଳଗିରି, ବାଲେଶ୍ୱର

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୮ ଜାନୁଆରୀ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com






# ମଧୁରୋକ୍ତି...( ୧୫ )


♥ ମଧୁମିତା ମିଶ୍ର


(ପୂର୍ବ ପ୍ରକାଶିତ ଉତ୍ତାରୁ) ସୁଗ୍ରୀବ ସୀତା ମାତାଙ୍କ ସନ୍ଧାନ କରିବା ପାଇଁ ଏକମାସ ସମୟ ମାଗିଥିଲେ ଲକ୍ଷ୍ମଣଙ୍କ ନିକଟରୁ। ଆଉ ସେହି ଏକମାସ ପୂର୍ଣ୍ଣ ହୋଇ ଆସୁଥାଏ। ଏପଟେ ଅନ୍ୟ ଦିଗକୁ ଯାଇଥିବା ବାନରଦଳ ମାତାଙ୍କ ଖୋଜ ଖବର ନପାଇ ନିରାଶ ହୋଇ ଫେରି ଆସିଥିଲେ। ସମସ୍ତଙ୍କ ଆଶା, ବିଶ୍ୱାସ କେବଳ ହନୁମାନଙ୍କ ଉପରେ ହିଁ ବାକି ରହିଥିଲା। ସେ ଯିବା ପରଠାରୁ ବାନର ଓ ଭଲ୍ଲୁକ ମାନେ ସେହି ସମୁଦ୍ର କୂଳରେ ହିଁ ଜଗି ବସି ରହିଥିଲେ। ଏତିକିବେଳେ ଦୂରରୁ ପବନ ସୂତଙ୍କ ଆଗମନ ଦେଖି ପାରି ସମସ୍ତେ ଖୁସିରେ ନାଚି ଉଠିଥିଲେ। ହନୁମାନ ମାତା ସୀତାଙ୍କୁ ଖୋଜି ପାରିବେ କି ନାହିଁ ସେକଥା କେହି ଜାଣି ନଥିଲେ କିନ୍ତୁ ତୁମ ନାମ ନେଇ ହନୁମାନ ଉଡ଼ିବା ଆରମ୍ଭ କରିଥିବାରୁ ସମସ୍ତେ ଆଶାୟୀ ମଧ ଥିଲେ। ତା ଛଡା ହନୁମାନଙ୍କ କୁଶଳ ସମାଚାର ମଧ ମିଳିବା ସେମାନଙ୍କ ପାଇଁ ଯଥେଷ୍ଟ ଥିଲା। ହନୁମାନଙ୍କ ପ୍ରତ୍ୟାବର୍ତ୍ତନ ସହିତ ସୁଗ୍ରୀବଙ୍କ ପ୍ରତ୍ୟେକ ସେନା ଆନନ୍ଦରେ କୁରୁଳି ଉଠିଲେ।

ହନୁମାନ ଫେରି ଆସିବା ସମାଚାର ଶୁଣି ତୁମେ ମଧ ସାଧାରଣ ମନୁଷ୍ୟ ପରି ଆଗ୍ରହର ସହିତ ତାଙ୍କର ପ୍ରତୀକ୍ଷା କରିବାକୁ ଲାଗିଲ। ତୁମ ପାଦତଳେ ପ୍ରଣାମ ଜଣେଇ ହନୁମାନ ନିଜର ସବୁ ଅନୁଭୂତି ବର୍ଣ୍ଣନା କଲେ। ମାତାଙ୍କର ସନ୍ଧାନ କରିସାରି ତାଙ୍କୁ ଭେଟ କରିଥିବା ଖବର ଦେଇ ହନୁମାନ ମାତାଙ୍କଠାରୁ ଆଣିଥିବା ମଥାମଣି ତୁମ ହାତକୁ ଦେଇଥିଲେ। ମାତାଙ୍କ ମଥାମଣି ପାଇ ତୁମେ ଯେତିକି ଖୁସି ହୋଇଥିଲ ତା ଠାରୁ ଅଧିକ ଦୁଃଖୀ ହୋଇଥିଲ ଏଇ କଥା ଭାବି ଯେ ମାତା କେତେ କଷ୍ଟ ସହିଲେ ସତରେ...!! ରାବଣ ଯେପରି ନୀଚ କର୍ମ କରିଥିଲା ତାହା ଜମାରୁ କ୍ଷମା ଯୋଗ୍ୟ ନଥିଲା। ତା ଅଧର୍ମ ସମସ୍ତଙ୍କୁ କ୍ରୋଧିତ କରି ଦେଉଥିଲା। ଆଉ ହନୁମାନ ଯେତେବେଳେ ରାବଣର ଲଙ୍କା ଦହନ ସମାଚାର ଦେଲେ ତାହା ଶୁଣି ସମସ୍ତେ ବହୁତ୍ ଖୁସି ହେଲେ। ହନୁମାନଙ୍କ ବୀରତ୍ୱର ଅଦ୍ଭୁତ ଗାଥା ଶୁଣି ବାନର ମାନଂକର ମନ ଉତ୍ସାହରେ ଭରି ଯାଇଥିଲା।ମାତାଙ୍କର ଠାବ ହେବା ପରେ ପ୍ରଶ୍ନ ଥିଲା ତାଙ୍କୁ ସେହି ରାକ୍ଷସ କବଳରୁ ଉଦ୍ଧାର କିପରି କରାଯାଇ ପାରିବ...!! ସୁଗ୍ରୀବ ଏବଂ ଅଙ୍ଗଦ ସମେତ ଅନ୍ୟ ବାନରମାନେ ନିଜ ନିଜ ଶକ୍ତି ନେଇ ଆଶାୟୀ ଥିଲେ। ଠିକ୍ ସେହିପରି ଆଶାରେ ମନ ଭରି ହୋଇ ରହିଥିଲା ଭାଲୁ ମାନଂକର। ଯେଉଁମାନେ ଜାମ୍ବବନଙ୍କ ନେତୃତ୍ୱରେ ଆଗେଇ ଆସିଥିଲେ।

କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ଥିଲା ସମସ୍ତେ ଲଙ୍କା ଯାଏଁ କିପରି ଯିବେ...!! ହନୁମାନ ସିନା ଅତୁଳିତ ବଳର ଅଧିକାରୀ ତେଣୁ ସେ ସମୁଦ୍ର ଲଂଘି ଚାଲି ଯାଇ ପାରିଲେ। ହେଲେ ସାଧାରଣ ବାନର ଆଉ ଭାଲୁ ମାନଂକ ପାଇଁ ଏ ପରିକଳ୍ପନା ମଧ ହାସ୍ୟାସ୍ପଦ। ଏହି ପ୍ରଶ୍ନ ଆଗରେ ଆଉ କାହାରି ବୁଦ୍ଧି କାମ କରି ପାରିଲାନି। ଏହି ସମସ୍ୟାର ସମାଧାନ ଖୋଜୁ ଖୋଜୁ କେହି ମଧ କିଛି ବି ରାସ୍ତା ପାଉ ନଥିଲେ।

ତୁମେ ଶେଷରେ ଚିନ୍ତା କଲ ଯେ ନିଜେ ସାଗରରାଜଙ୍କୁ ଆହ୍ୱାନ କରିବ ଆଉ ଲଙ୍କା ଯିବା ପାଇଁ ରାସ୍ତା ଦେଖେଇ ଦେବାକୁ କହିବ। ସେଇୟା ହେଲା। ସମୁଦ୍ର କୂଳରେ ବସି ତୁମେ ଦୀର୍ଘ ସାତଦିନ ଧରି ସମୁଦ୍ର ରାଜାଙ୍କୁ ଆବାହନ କଲେ ମଧ ସେ ଉପସ୍ଥିତ ହେଲେ ନାହିଁ। ଧିରେ ଧିରେ ତୁମର ମଧ ଧୈର୍ଯ୍ୟଚ୍ୟୁତି ଘଟିବାକୁ ଲାଗିଲା ଆଉ ହେ ଶାନ୍ତମୂର୍ତ୍ତି...ତୁମେ ମଧ କ୍ରୋଧିତ ହୋଇ ଉଠିଲ। ଆଉ ସମୁଦ୍ରକୁ ଶୁଖେଇ ଦେବା ପାଇଁ ନିଜ କୋଦଣ୍ଡରେ ବାଣ ସନ୍ଧାନ କଲ।

ରାମବାଣ ଯୋଖା ହୋଇଯିବା ଦେଖି ସମୁଦ୍ର ରାଜା ଡରି ଯାଇ ନିଜ ସ୍ୱରୁପରେ ପ୍ରକଟ ହୋଇ ହାତ ଯୋଡ଼ି ଠିଆ ହେଲେ। ତୁମର ସ୍ତୁତି କରି ତୁମକୁ କ୍ଷାନ୍ତ ହେବାକୁ କହିଲେ। କ୍ରୋଧ ସମ୍ବରଣ କରିବାକୁ ନିବେଦନ କଲେ। ସେ ଏହା ମଧ କହିଲେ ଯେ ଅନେକ ଜଳଚର ପ୍ରାଣୀ ତାଙ୍କ ଆଶ୍ରୟ ନେଇଛନ୍ତି। ଆଉ ଯଦି ତାଙ୍କ ଜଳ ଶୁଖିଯାଏ ତେବେ ସେ ସମସ୍ତେ ମୃତ୍ୟୁ ମୁଖରେ ପଡ଼ିବେ। ତୁମେ ତ କରୁଣାର ସାଗର। ତୁମେ ଭଲା ଜୀବ ଜଗତର ସଂହାରକୁ କିପରି ଗ୍ରହଣ କରି ନିଅନ୍ତ...!! କିନ୍ତୁ ମାତାଙ୍କ ପାଖକୁ ଯିବା ପାଇଁ ନିଜର ସମସ୍ତ ସେନା ସହିତ ସମୁଦ୍ର ରାସ୍ତା ଦେଇ ଲଙ୍କାରେ ପହଞ୍ଚିବା ମଧ ଅବଶ୍ୟମ୍ଭାବୀ ଥିଲା। ସାଗର ଦେବ ତୁମ କଥା ଶୁଣିବା ପରେ ନିଜ ଉପର ଦେଇ ଏକ ବନ୍ଧ ବାନ୍ଧିବାକୁ ତୁମକୁ ମିନତି କରିଥିଲେ। ଆଉ କହିଥିଲେ ସେହି ସେତୁ ବନ୍ଧ ଦେଇ ତୁମ ବୀର ସେନାନୀ ଲଙ୍କା ଦିଗରେ ଅଗ୍ରସର ହୁଅନ୍ତୁ।

କିନ୍ତୁ ଥରେ ରାମବାଣ ଯୋଖା ହୋଇଯିବା ପରେ ତାକୁ ଫେରେଇ ନେବା ସଂପୂର୍ଣ୍ଣ ଅସମ୍ଭବ କଥା। ଏଣୁ ତୁମେ ସେହି ଶରର ନିକ୍ଷେପ ଦିଗ ସାଗରଙ୍କୁ ଦେଖେଇବାକୁ କହିଥିଲ। ସାଗର ପ୍ରଦେଶରେ ଥିବା ମରୁ ଅଞ୍ଚଳ ଅସାମାଜିକ ପ୍ରବୃତ୍ତିର ଲୋକଙ୍କ ଦ୍ୱାରା ପୂର୍ଣ୍ଣ ଥିଲା। ସେମାନେ ସମୁଦ୍ର ଜଳର ଅପଚୟ କରିବା ସହିତ ଅନେକ ଅସୁବିଧା ସୃଷ୍ଟି କରୁଥିଲେ। ଏଣୁ ସାଗର ଦେବ ଚାହିଁଲେ ଯେ ତୁମେ ସେହି ଦିଗରେ ନିଜର ଶର ନିକ୍ଷେପ କରି ସେ ସ୍ଥାନକୁ ଶୁଖାଇ ତାଙ୍କୁ କୃତାର୍ଥ କରିବ। ଅଳ୍ପ ହସି ତୁମେ ତାଙ୍କ ମନୋବାଞ୍ଛା ପୂର୍ଣ୍ଣ କଲ ପ୍ରଭୁ। ସେହି ମରୁ ଅଞ୍ଚଳ ଆଜିର ମରୁ ମରୁଭୂମି ହୋଇ ରହିଲା। କିନ୍ତୁ ହେ କୃପାନିଧାନ...ତୁମର ଅପାର କରୁଣାରୁ ମରୁଭୂମି ହୋଇ ମଧ ତାହା ମରୁ ଉଦ୍ୟାନ ହୋଇ ରହିଲା ଯାହା ଫଳରେ କାହାରି କିଛି ଅସୁବିଧା ହେଲା ନାହିଁ।

ସେତିକିରେ କଥା ସମାପ୍ତ ହେଲାନି। ବରଂ ଧର୍ମ ସ୍ଥାପନା ଦିଗରେ ତୁମର ଅଗ୍ରୀମ ପଦକ୍ଷେପର ବୀଜ ବପନ କରିଥିଲା। ସମୁଦ୍ର ଉପରେ ସେତୁ ବାନ୍ଧିବା ଏକ ଅକଳ୍ପନୀୟ ବ୍ୟାପାର ଥିଲା। ବାନର ବୀର ମାନେ ଯେତେ ପଥର ପକେଇଲେ ମଧ ସବୁ ବୁଡି ଯାଉଥିଲା। ଏ ସମୟରେ ଜାମ୍ବବାନ ମନେ ପକେଇଲେ ଯେ ବାନର ମାନଙ୍କ ମଧ୍ୟରେ ଦୁଇଜଣ ଅଦ୍ଭୁତ ବାନର ମଧ ଅଛନ୍ତି ଯାହା ହାତ ବାଜିଲେ ପାଣିରେ ଜିନିଷ ସବୁ ବୁଡ଼ିବା ଜାଗାରେ ଭାସି ଉଠେ। ସେମାନେ ନଳ ନୀଳ ଥିଲେ। ନଳ ଆଉ ନୀଳ ଦୁହେଁ ଗୁରୁକୂଳରେ ଶିକ୍ଷା ଅର୍ଜନ କରିବା ସମୟରେ ବହୁତ୍ ଦୁଷ୍ଟାମୀ କରୁଥିଲେ। ଗୁରୁଦେବ ଯେପରି ପାଠ ନ ପଢ଼ାନ୍ତୁ ତେଣୁ ସେମାନେ ବେଦ ପୁସ୍ତକ ସବୁକୁ ପାଖରେ ଥିବା ଜଳାଶୟରେ ଫୋପାଡି ଦେବା ପରି ବଦମାସୀ ମଧ କରୁଥିଲେ। ଯେତେ ବୁଝାଇଲେ କି ଦଣ୍ଡ ଦେଲେ ସେମାନଙ୍କର ଏପରି ବୁଦ୍ଧି ଠିକ୍ ହେଉ ନଥିଲା। ଅତଏବ ଋଷି ତାଙ୍କୁ ଅଭିଶାପ ଦେଇଥିଲେ ଯେ ସେମାନେ ଯେଉଁ ପଦାର୍ଥକୁ ସ୍ପର୍ଶ କରିବେ ତାହା ପାଣିରେ ନ ବୁଡି ଭାସିବାରେ ଲାଗିବ। ଏହି ଅଭିଶାପ ଆଜି ଆଶୀର୍ବାଦରେ ପରିବର୍ତ୍ତିତ ହୋଇ ଯାଇଥିଲା।

ପ୍ରତ୍ୟେକ ପ୍ରସ୍ତର ଖଣ୍ଡକୁ ନଳ ନୀଳ ହାତ ଲଗେଇବା ପରେ ହନୁମାନ ନିଜେ ସେ ସବୁ ଉପରେ 'ରା' ଏବଂ 'ମ' ଅଲଗା ଅଲଗା ଲେଖୁଥିଲେ। ଆଉ ଏପରି କରି ସେହି ପଥର ସବୁକୁ ପାଣିରେ ଫୋପାଡ଼ିବା ପରେ ସେମାନେ ଯାଇ ପରସ୍ପର ଦେହରେ ଲାଗିଯାଏ ଏବଂ ଭାସମାନ ଅବସ୍ଥାରେ ରୁହେ। ଏହିପରି ଭାବରେ ଗୋଟିଏ ପରେ ଗୋଟିଏ ପରସ୍ତ ପଥର ଯୋଡ଼ି ଦିଆଯାଇ ସମୁଦ୍ର ଉପରେ ତିଆରି କରାଗଲା...'ରାମ ସେତୁ' ଯାହା ଆଜି ମଧ ଶ୍ରୀଲଙ୍କା ସହିତ ଯୋଗସୂତ୍ର ତିଆରି କରିବାରେ ସକ୍ଷମ ହୋଇ ପାରିଛି।

ପୁରାଣ କଥା ଅନୁସାରେ ଏହି ବିଶାଳ ପଥର ବନ୍ଧ ସୃଷ୍ଟି ହେଲା ସମୟରେ ତୁମେ ଦେଖିବାକୁ ପାଇଲ ଯେ ଗୋଟିଏ ଛୋଟ ଗୁଣ୍ଡୁଚି ମୂଷା ସମୁଦ୍ର ଭିତରକୁ ଯାଇ ପାଣି ସରସର ହୋଇ ଆସି ବାଲିରେ ନିଜ ଶରୀରକୁ ଗଡ଼ାଇ ଦେଉଥିଲା ଆଉ ତା ପରେ ପୁଣି ଯାଇ ଟିକେ ଓଦା ହୋଇ ଆସି ଯାଉଥିଲା। ତାର ଏପରି କାମ ଦେଖି ତୁମେ ତାକୁ ପାଖକୁ ଡାକି ପଚାରିଥିଲ ସେ କଣ କରୁଛି। ଉତ୍ତରରେ ସେ କହିଥିଲା ଯେ ତୁମର ଏ ପବିତ୍ର ଧର୍ମଯାତ୍ରାରେ ସେ ନିଜ ସହଯୋଗ କରୁଛି। ଛୋଟ ହେଲେ ମଧ ତା ସାଧ ମୁତାବକ ସେ ରାମକାର୍ଯ୍ୟ କରୁଛି। ତାର ଏ ପ୍ରକାରର ଆତ୍ମବିଶ୍ୱାସ ଭରା ଉତ୍ତରରେ ତୁମେ ଏତେ ଖୁସି ହୋଇ ଯାଇଥିଲ ଯେ ତାକୁ ନିଜ କୋଳରେ ବସେଇ ତା ପିଠିକୁ ସ୍ନେହରେ ଆଉଁସି ଦେଇଥିଲ। ଆଉ ତୁମ ଶ୍ରୀଅଙ୍ଗ ଛୁଆଁର ସ୍ମାରକୀ ସ୍ୱରୂପ ତା ପିଠିରେ ତିନୋଟି ସଦୃଶ ଗାର ବା ରେଖାଙ୍କିତ ହୋଇ ଯାଇଥିଲା। ତାହା ଅଦ୍ୟାବଧି ଦେଖିବାକୁ ମିଳୁଛି ଆଉ ପ୍ରମାଣ ଦେଉଛି ରାମ ନାମରେ କି ଯାଦୁ ଅଛି...!!


(ଆରଥରକୁ)



♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭


## ଚେତନାର ଚୌହଦୀ



# ମଦ୍ୟପାନର ମାୟାଜାଲ: ଉତ୍ସବର ପିଆଲାରୁ ସର୍ବନାଶର ପଥ


ଡ. ଗୋଲକ ବିହାରୀ ଆଚାର୍ଯ୍ୟ


ମଣିଷ ସମାଜରେ ମଦ୍ୟପାନ କେବଳ ଏକ ନିଶା ନୁହେଁ, ବରଂ ଶତାବ୍ଦୀ ଶତାବ୍ଦୀ ଧରି ଏହା ପରମ୍ପରା ଓ ଉତ୍ସବର ଏକ ଅଂଶ ଭାବେ ରହିଆସିଛି। ଖୁସିର ମୁହୂର୍ତ୍ତ ହେଉ ବା ସାମାଜିକ ମିଳନ, ଅନେକ ସମୟରେ ମଦ୍ୟପାନକୁ ଏକ ଆନନ୍ଦର ମାଧ୍ୟମ ଭାବେ ଗ୍ରହଣ କରାଯାଇଥାଏ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, କାଜୁଆଲ୍ ବା ସାମାଜିକ ମିଳାମିଶାରୁ ଆରମ୍ଭ ହେଉଥିବା ଏହି ଅଭ୍ୟାସ କେତେବେଳେ ଯେ ମାରାତ୍ମକ ନିଶାରେ ପରିଣତ ହୋଇଯାଏ, ତାହା ଜଣାପଡ଼େ ନାହିଁ। ଆଧୁନିକ ଭାରତରେ ଏହି ସୀମାରେଖା ଆଜି ଅସ୍ପଷ୍ଟ, ଯାହା ସ୍ୱାସ୍ଥ୍ୟ, ସମାଜ ଓ ଅର୍ଥନୀତି ପାଇଁ ଏକ ଭୟଙ୍କର ଚେତାବନୀ। ବିଶେଷକରି ଓଡ଼ିଶା ଏବଂ ଏହାର ରାଜଧାନୀ ଭୁବନେଶ୍ୱରର ସାମ୍ପ୍ରତିକ ସ୍ଥିତି ଏହି ସମସ୍ୟାର ଗଭୀରତାକୁ ସ୍ପଷ୍ଟ କରୁଛି।

### ନିଶା ପଛର ମାନସିକତା ଓ ଭୌଗୋଳିକ ଚିତ୍ର

ଲୋକେ ମଦ୍ୟପାନ କାହିଁକି କରନ୍ତି ? ଏହା ପଛରେ ରହିଛି ସାମାଜିକ ଚାପ ଓ ନିଜକୁ ଆଧୁନିକ ଦେଖାଇବାର ଏକ ମିଥ୍ୟା ପ୍ରୟାସ। ପର୍ବପର୍ବାଣୀ, ବିବାହ କିମ୍ବା ନୂତନ ବର୍ଷର ଉତ୍ସବରେ ମଦ୍ୟପାନକୁ ଆଜି ଏକ ସ୍ୱାଭାବିକ ଘଟଣା ଭାବେ ଗ୍ରହଣ କରାଗଲାଣି। ଅନ୍ୟପଟେ, ଅନେକ ଲୋକ ମାନସିକ ଚାପ, ଏକାକୀପଣ କିମ୍ବା ଦୁଃଖ ଭୁଲିବା ପାଇଁ ଏହାର ସାହାରା ନେଇଥାନ୍ତି। ଜୈବିକ ଦୃଷ୍ଟିକୋଣରୁ ଦେଖିଲେ, ମଦ୍ୟପାନ ମସ୍ତିଷ୍କରେ 'ଡୋପାମାଇନ୍' ନାମକ ରାସାୟନିକ ପଦାର୍ଥ କ୍ଷରଣ କରେ, ଯାହା କିଛି ସମୟ ପାଇଁ ମିଥ୍ୟା ଶାନ୍ତି ଓ ଆନନ୍ଦ ପ୍ରଦାନ କରିଥାଏ।

ଭୌଗୋଳିକ ପରିବେଶ ମଧ ମଦ୍ୟପାନର ଶୈଳୀକୁ ପ୍ରଭାବିତ କରେ। ଶୀତ ପ୍ରଧାନ ଦେଶରେ ଶୀତରୁ ରକ୍ଷା ପାଇବା ପାଇଁ ଏହାର ବ୍ୟବହାର ହେଉଥିବା ବେଳେ ଭାରତ ପରି ଗ୍ରୀଷ୍ମ ପ୍ରଧାନ ଦେଶରେ ଏହାକୁ କେବଳ ମଉଜ-ମଜଲିସ୍ ଓ ବିଳାସିତା ଭାବେ ଦେଖାଯାଉଛି। ଉଚ୍ଚବିତ୍ତ ଶ୍ରେଣୀରେ ଏହା 'ଆଭିଜାତ୍ୟ'ର ପ୍ରତୀକ ହୋଇଥିବା ବେଳେ ଗରିବ ଶ୍ରେଣୀରେ ଏହା କେବଳ ଦୁର୍ଦ୍ଦଶା ଓ ଦାରିଦ୍ର୍ୟର କାରଣ ସାଜିଛି।

### ସରକାରୀ ରାଜସ୍ୱ ବନାମ ସାମାଜିକ ଦାୟିତ୍ୱ

ଭାରତୀୟ ଅବକାରୀ ନୀତିର ସବୁଠାରୁ ବଡ଼ ଦ୍ୱନ୍ଦ୍ୱ ହେଉଛି— ରାଜସ୍ୱ ଆଦାୟ। ସରକାରମାନେ ଆଜି ମଦ ବିକ୍ରିରୁ ମିଳୁଥିବା ମୋଟା ଅଙ୍କର ରାଜସ୍ୱ ଉପରେ ଅତ୍ୟଧିକ ନିର୍ଭରଶୀଳ। ଓଡ଼ିଶାର ପରିସଂଖ୍ୟାନ ଅନୁଯାୟୀ, ଅବକାରୀ ରାଜସ୍ୱ ୨୦୨୦-୨୧ ମସିହାରେ ୫,୪୦୦ କୋଟି ଥିବା ବେଳେ ୨୦୨୫-୨୬ ସୁଦ୍ଧା ଏହା ୧୩,୩୩୦ କୋଟି ଟଙ୍କାରେ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଛି।

ଏହି ଆର୍ଥିକ ଲୋଭ ଯୋଗୁଁ ହିଁ ଗଳି କନ୍ଦିରେ ମଦ ଦୋକାନ ଖୋଲୁଛି ଏବଂ ସାଧାରଣ ଲୋକଙ୍କ ପାଇଁ ମଦ ଅତି ସହଜରେ ଉପଲବ୍ଧ ହେଉଛି। କରୋନା ମହାମାରୀ ସମୟରେ ଯେତେବେଳେ ସବୁ ବଜାର ବନ୍ଦ ଥିଲା, ସେତେବେଳେ ମଦର 'ହୋମ୍ ଡେଲିଭରି' ଏହାର ଅପରିହାର୍ଯ୍ୟତାକୁ ପ୍ରମାଣିତ କରିଥିଲା। ଗଣମାଧ୍ୟମରେ ମଦ୍ୟପାନକୁ ଚମକପ୍ରଦ ଭାବେ ଉପସ୍ଥାପନ କରାଯାଉଥିବା ବେଳେ ବୈଧାନିକ ସତର୍କତା କେବଳ ନାମକୁ ମାତ୍ର ରହିଯାଇଛି।

### ଓଡ଼ିଶାର ବିକଳ ଚିତ୍ର: ଭୁବନେଶ୍ୱରରୁ ବିହାର ପର୍ଯ୍ୟନ୍ତ

ଓଡ଼ିଶାର ସ୍ଥିତି ଆଜି ଅତି ସଙ୍ଗୀନ। କେବଳ ଭୁବନେଶ୍ୱରରେ ମାତ୍ର ଏକ ସପ୍ତାହ ମଧ୍ୟରେ ୩୨.୫୬ କୋଟି ଟଙ୍କାର ମଦ ପିଇଯିବା ଏକ ସାଧାରଣ ଘଟଣା ନୁହେଁ। ଏହା ସ୍ପଷ୍ଟ କରୁଛି ଯେ ମଦ୍ୟପାନ କେବଳ ନିମ୍ନବର୍ଗର ସମସ୍ୟା ହୋଇ ରହିନାହିଁ, ବରଂ ଶିକ୍ଷିତ ଓ ସମ୍ଭ୍ରାନ୍ତ ପରିବାରକୁ ମଧ କବଳିତ କରିସାରିଲାଣି। ମଦ୍ୟପାନ ଯୋଗୁଁ ସଡ଼କ ଦୁର୍ଘଟଣା ବଢ଼ିବା ସହ କଟକ ପରି ସ୍ଥାନରେ ବିଷାକ୍ତ ମଦ ମୃତ୍ୟୁର ତାଣ୍ଡବ ମଧ ଦେଖିବାକୁ ମିଳିଛି।

ଏହାର ସବୁଠାରୁ ବଡ଼ ଶିକାର ହେଉଛନ୍ତି ମହିଳା। ଘରୋଇ ହିଂସା, ଆର୍ଥିକ ଅନାଟନ ଏବଂ ମାନସିକ ନିର୍ଯାତନାରେ ସେମାନେ ଜଳୁଛନ୍ତି। ବିହାର ପରି ରାଜ୍ୟରେ ମହିଳା ମାନଙ୍କର ପ୍ରତିବାଦ ଯୋଗୁଁ ହିଁ ମଦ ନିଷେଧ ନିଷ୍ପତ୍ତି ନିଆଯାଇଥିଲା, ଯାହା ପ୍ରମାଣ କରେ ଯେ ଏହା କେବଳ ଏକ ମାନବିକ ସମସ୍ୟା ନୁହେଁ, ବରଂ ଏକ ବଡ଼ ରାଜନୈତିକ ସ୍ୱର।

### ସ୍ୱାସ୍ଥ୍ୟହାନି ଓ ଜୀବନର ମୂଲ୍ୟ

ମଦ୍ୟପାନ ଯୋଗୁଁ ଭାରତରେ ଦୈନିକ ହାରାହାରି ୩୩୬ ଜଣଙ୍କର ମୃତ୍ୟୁ ଘଟୁଛି। ଲିଭର ସିରୋସିସ୍, ହୃଦଘାତ, ଉଚ୍ଚ ରକ୍ତଚାପ ଏବଂ ମସ୍ତିଷ୍କର ଅକର୍ମଣ୍ୟତା ପରି ମାରାତ୍ମକ ରୋଗର ଏହା ମୂଳ କାରଣ। ଆଜି ସମାଜରେ ବଢ଼ୁଥିବା ଆତ୍ମହତ୍ୟା ମଧ୍ୟରୁ ଅନେକ ନିଶାଗ୍ରସ୍ତ ଅବସ୍ଥାରେ ହିଁ ସଂଘଟିତ ହେଉଛି।

### ସମାଧାନର ପଥ

ମଦ୍ୟପାନରୁ ସମାଜକୁ ମୁକ୍ତ କରିବା ପାଇଁ ଏକ ସନ୍ତୁଳିତ ଆଭିମୁଖ୍ୟର ଆବଶ୍ୟକତା ରହିଛି:

ସରକାରୀ ନିୟନ୍ତ୍ରଣ: କେବଳ ରାଜସ୍ୱ ନୁହେଁ, ବରଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଉଚିତ। ଶିକ୍ଷାନୁଷ୍ଠାନ ଓ ଜନବସତି ନିକଟରୁ ମଦ ଦୋକାନ ହଟାଯିବା ଦରକାର।

ସଚେତନତା: ବିଦ୍ୟାଳୟ ସ୍ତରରୁ ନିଶା ନିବାରଣ ପାଇଁ ଶିକ୍ଷା ଦିଆଯିବା ଉଚିତ।

ଥଇଥାନ: ଗ୍ରାମାଞ୍ଚଳରେ ନିଶା ମୁକ୍ତି କେନ୍ଦ୍ର ଓ କାଉନସ୍ଲିଂ ସୁବିଧାକୁ ବ୍ୟାପକ କରିବାକୁ ହେବ।

ମହିଳା ଶକ୍ତି: ନୀତି ନିର୍ଦ୍ଧାରଣରେ ମହିଳାଙ୍କ ସ୍ୱରକୁ ଗୁରୁତ୍ୱ ଦେବା ଜରୁରୀ।

### ଉପସଂହାର

ମଦ୍ୟପାନ କେବଳ ବ୍ୟକ୍ତିଗତ ଭୁଲ୍ ନୁହେଁ, ଏହା ଏକ ସାମାଜିକ ବ୍ୟାଧି। ଭୁବନେଶ୍ୱରର ଆକାଶଛୁଆଁ ମଦ ବିକ୍ରିର ପରିସଂଖ୍ୟାନ ଏକ ବିପଦର ଘଣ୍ଟି। ବିକାଶର ମାପକାଠି କୋଟି କୋଟି ଟଙ୍କାର ରାଜସ୍ୱ ନୁହେଁ, ବରଂ ଏକ ନିଶାମୁକ୍ତ ଓ ସୁସ୍ଥ ସମାଜ ହେବା ଉଚିତ। ଆସନ୍ତୁ, ଅନୁକମ୍ପା ଓ ସାମାଜିକ ଦାୟିତ୍ୱବୋଧ ସହ ଏହି ସାଂଘାତିକ ସମସ୍ୟାର ସମାଧାନ ପାଇଁ ସଙ୍କଳ୍ପବଦ୍ଧ ହେବା।


♥ କେଶଦୁରାପାଳ, କୁଶଳେଶ୍ୱର, କେଉଁଝର
ମୋ: ୯୯୩୮୧୭୫୧୦୦


# କୃଷି ବଞ୍ଚାଅରୁ କୃଷକ ବଞ୍ଚାଅ ଯାଏଁ


ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)




ଖାଦ୍ୟ ଉତ୍ପାଦନ କରିବାରେ ଚାଷୀ ତଥା କୃଷକମାନଙ୍କର ଭୂମିକା ହିଁ ପ୍ରଥମ । ଦୁଃଖ ହେଲା ବିନା ଚାଷବାସରେ କୌଣସି ଖାଦ୍ୟଶସ୍ୟ ଉତ୍ପାଦନ କରିବା ସମ୍ଭବ ନୁହେଁ । ପୁଣି ବିନା ଖାଦ୍ୟରେ କୌଣସି ଜୀବ କୀଟ ଠାରୁ ପଶୁ, ପକ୍ଷୀ, ସରୀସୃପରୁ ମନୁଷ୍ୟ ଯାଏ ଜୀବନଧାରଣ କରି ଚଳିବା ବି ଅସମ୍ଭବ । ଏମିତି ବେଳେ ବେଳେ କିଛି ସାଧୁ, ସନ୍ୟାସୀ, ତପସ୍ୱୀ ସାଧନ କରି ବିନା ଖାଦ୍ୟ ପାନୀୟରେ ବଂଚିବାର ଚେଷ୍ଟା କରିଥାଆନ୍ତି । କିନ୍ତୁ ସେମାନଙ୍କ ଶରୀର କଙ୍କାଳ ପ୍ରାୟ ଓ ବଳହୀନ ହୋଇଥାଏ ଓ ସେମାନେ ଏହି ସଂସାରର କୌଣସି କାର୍ଯ୍ୟ କରିବାରେ ଅକ୍ଷମତା ପ୍ରକାଶ କରି ଅତି ଦୁର୍ବଳ ଶରୀର ନେଇ କେବଳ ନାମକୁ ମାତ୍ର ଶରୀର ଧାରଣ କରି ଭଗବତ୍ ଧ୍ୟାନରେ ସଦା ଲିପ୍ତ ରହିଥାଆନ୍ତି । ପୁଣି ସେମାନେ ବାସ୍ତବରେ ବଂଚିବା ଆବଶ୍ୟକ କରୁଥିବା ସ୍ଥୂଳ ଖାଦ୍ୟାଦିକୁ ସିନା ଗ୍ରହଣ କରିନଥାନ୍ତି କିନ୍ତୁ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ସେମାନେ କେବଳ ନିଶ୍ୱାସ ପ୍ରଶ୍ୱାସ ଦେଇ କିଛି ସବୁଠୁଁ ସାର ସୂକ୍ଷ୍ମ ଖାଦ୍ୟ ତଥା ବୃକ୍ଷ ଉତ୍ପାଦନ କରୁଥିବା ସୁସ୍ଥ ଅମ୍ଳଜାନ ବାୟୁକୁ ଅହର୍ନିଶି ଗ୍ରହଣ ନ କରି ରହିପାରି ନଥାନ୍ତି । ତେଣୁ କୃଷି ହେଉଛି ଆମ ପ୍ରଥମ ଆବଶ୍ୟକତା ଆମ ଉପରେ ଆକାଶ ତଳେ ଧରିତ୍ରୀ ମା' । ସେମାନଙ୍କୁ ନେଇ ଏ ପୃଥିବୀ ଓ ଜୀବଜଗତ ସୃଷ୍ଟି । ସେମାନଙ୍କ ଜୀବନ ଧାରଣ ଓ ଚଳପ୍ରଚଳ ପାଇଁ କୃଷି ହିଁ ପ୍ରମୁଖ ଭୂମିକା ନିଭାଇଥାଏ । ତୁମେ ଯେଉଁଠି ଥାଅ କି ଯାହା ବି କର ଏ ସମ୍ପୂର୍ଣ୍ଣ ଜୀବ ସମାଜ କୌଣସି ନା କୌଣସି ଭାବରେ ଖାଦ୍ୟ, ପାନୀୟ ଓ ବାୟୁ ଅମ୍ଳଜାନ ଉପରେ ନିର୍ଭରଶୀଳ ଏଥିରେ ଦ୍ୱିମତ ନାହିଁ । ଏଣୁ ଆମକୁ ଏହି କୃଷିର ଉନ୍ନତି କରିବାକୁ ହିଁ ପଡ଼ିବ ନତୁବା ଆମର ଗତିମୁର୍ତ୍ତି ନାହିଁ । ଆମେ ଦେଖିବାରେ ଏ' ପୃଥିବୀରେ ବଞ୍ଚି ରହିଥିବା ମନୁଷ୍ୟମାନେ ନିଜ ଜୀବନଚର୍ଯ୍ୟାକୁ ଦୁଇ ତିନି ଭାଗରେ ବିଭକ୍ତ କରି ଓ ତନ୍ମଧ୍ୟରେ ନିଜ ଜୀବନକୁ ନିଯୁକ୍ତ କରି ଜୀବନ ଧାରଣ କରିଥାନ୍ତି । ସେହି ତିନୋଟି ବୃତ୍ତି ବ୍ୟବସାୟର ସଂସାର ହେଲା ସର୍ବପ୍ରଥମ କୃଷିଜ ବୃଦ୍ଧି ଓ ତତ୍‌ପରେ ଏହି କୃଷିଜ ସାମଗ୍ରୀକୁ ନେଇ ବିଶେଷରେ ଗଢ଼ି ଉଠିଥିବା ଶିଳ୍ପ କାରଖାନାରେ ଭିନ୍ନ ଭିନ୍ନ ଆବଶ୍ୟକୀୟ ସାମଗ୍ରୀର ଉତ୍ପାଦନ କର୍ମରେ ନିର୍ଲିପ୍ତ ଥିବା ଓ ସାଧାରଣରେ ସେବା ବୃଦ୍ଧିକୁ ଆପଣେଇ ନେଇଥିବା ଆଉ କିଛି ବୃତ୍ତି ସଂଶ୍ଳିଷ୍ଟ ମନୁଷ୍ୟ ଜୀବନ । ଯାହାର ଆଉ ପାଦେକରେ, ଅନୁଶୀଳନ ଆମକୁ ବୁଝାଇଦିଏ ଯେ, କିଛି ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ କୃଷି କରି ଜୀବନ ଧାରଣ କରନ୍ତି ତ' ଆଉ କିଛି ସେହି କୃଷିଭିତ୍ତିକ ସାମଗ୍ରୀକୁ ଶିଳ୍ପ କାରଖାନା ଦେଇ ଅନ୍ୟ କିଛି ରୂପାନ୍ତରୀଣ ଦ୍ରବ୍ୟ ଉତ୍ପାଦନ କରି ହେଉ କି ଆଉ କିଛି ମନୁଷ୍ୟ ସେ'ସବୁ ବିକ୍ରି ବଟ୍ଟା ବ୍ୟବସାୟ, ଦ୍ରବ୍ୟ ଯୋଗାଣ ଆଦି ସେବା ଯୋଗାଇ ନିଜ ଜୀବିକା ନିର୍ବାହ କରିଥାନ୍ତି । ବିଶେଷରେ ଆମ ଚତୁଃପାର୍ଶ୍ୱରେ ଥିବା ଏ' ବିଶ୍ୱ ସବୁ କିଛି କୃଷି ସର୍ବସ୍ୱ । ଆମେ ଗୋଡ଼ ଥାପି ଠିଆ ହୋଇଥିବା ଏ' ମାଟି ମା' ଆମ ମା' ଓ ତା'ରି ବୃକ୍ଷ ବିଦୀର୍ଣ୍ଣ ଦୁଗ୍ଧ ମୃତକୁ ଆସ୍ୱାଦନ କରି ଏ' ବିଶ୍ୱର ସକଳ ଜୀବ ସମାଜ ବଞ୍ଚି ରହିବାର ସୁଯୋଗ ପ୍ରାପ୍ତ କରିଛି । ପୁଣି ଜୀବର ବୃକ୍ଷ ମଧ୍ୟରୁ ଜୀବନ ଅବତରଣ କରିଗଲା ପରେ ଜଡ଼ରୂପୀ ଶରୀର ସବୁଆଡ଼େ ସୃଷ୍ଟି କରେ ଜଡ଼ତା । ଏଣୁ ବସ୍ତୁତଃ ଏ' ସୃଷ୍ଟିର ସେ' ଜଡ଼ ହେଉ କି ଜୀବ ହେଉ ସବୁଥିରେ ଭରି ଦେଇଛି କୃଷିଜ ବୈଭବ, ଯାହାଠାରୁ ସୃଷ୍ଟି ହେଇଛି ଏହି ରକ୍ତ, ମାଂସ, ଅସ୍ଥି, ଚର୍ମର ବିଭିନ୍ନ କଳେବର । ଯେଉଁଥିରେ ଭର୍ତ୍ତି ହେଉଛି ଏହି ଦୁନିଆର ପଶୁ, ପକ୍ଷୀ, କୀଟ- ପତଙ୍ଗ ଓ ନଦୀ, ହ୍ରଦ, ପାହାଡ଼, ପର୍ବତ ସହ ସକଳ ଗୋଡ଼ି, ମାଟି, ପଥର ଅମୃତୋପମ ସକଳ ବୃକ୍ଷରାଜି । ଏୟା ହିଁ ସଂସାର ଓ ସଂସାର ସର୍ବସ୍ୱ । ଏ' ଦୃଷ୍ଟିରୁ ଦେଖିଲେ ଜଣେ ଚାଷୀ ତଥା କୃଷକର ଜୀବନ ମହାର୍ଘ । ଯିଏ ସମସ୍ତ ପ୍ରାଣୀମାନଙ୍କୁ ଖାଦ୍ୟ ଯୋଗାଇଥାଏ । କେତେ ପରିଶ୍ରମ କରେ ସିଏ, ସକାଳରୁ ସକାଳ ଯାଏ । ଥଣ୍ଡା, କାକର, ଶୀତ, ବର୍ଷା, ଖରା, ଝାଞ୍ଜି ପବନର କୌଣସି ଫରକ ପଡ଼େନି ତା' ପାଖରେ । ଜୀବନକୁ ଉପଭୋଗ କରିବା, ବିଳାସ ବ୍ୟସନରେ ମଜା ନେବା, ଆୟସ କରିବା କିମ୍ବା ମଉଜ ମଜଲିସ୍‌ରେ ସମୟ କଟାଇବା ତା' ପାଖରେ ହୁଏନି । ସେ ଏ' ସୃଷ୍ଟିର ସମସ୍ତ ଜୀବସତ୍ତାଙ୍କୁ ବଂଚାଇ ରଖିବାର ଏକ କଳା, କୌଶଳ ଓ ନିଜେ ଜଣେ ପାଳନକର୍ତ୍ତା କହିଲେ ଜମା ଅତ୍ୟୁକ୍ତି ହେବ ନାହିଁ । ଧରିତ୍ରୀ ମାଆର କୃତି ସନ୍ତାନ । ମାଟିକୁ କର୍ଷଣ କରି ବିହନ ବୁଣି, ନୂଆରେ ଗଜୁରୁଥିବା ଭ୍ରୂଣ ସବୁକୁ ଜଳସେଚନ କରି ରୋଗପୋକ ଦାଉରୁ ଶସ୍ୟ ସଫଳା ବୃକ୍ଷ ସବୁକୁ ସୁରକ୍ଷିତ କରି ଫଳ, ପୁଷ୍ପ ଫଳାଇବା ତା'ର ଏକମାତ୍ର କାମ । ଫସଲ ଫଳାଇବା, ଲୋକଙ୍କୁ କାହିଁକି ସମସ୍ତ ଜୀବସତ୍ତାଙ୍କୁ ଆହର ଯୋଗାଇବା ତାର ବେଉସା । ନିଜେ ଖାଏ କି ନଖାଏ ତା'ର ହିସାବ ନଥାଏ ତା' ପାଖରେ କିନ୍ତୁ ସମସ୍ତଙ୍କ ତୁଣ୍ଡରେ ଆହାର ଦେବା, କ୍ଷୁଧା ତୃଷାର ନିବାରଣ କରି ହସି ହସାଇ ଜୀବନ ବଂଚାଇବା ତା'ର ହିଁ କର୍ମ । ବର୍ଷକୁ ବର୍ଷ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ଶତବର୍ଷ, ଦ୍ୱିଶତ ବର୍ଷ ତଳେ ଏ ବିଶ୍ୱର ଜନସଂଖ୍ୟା ମାତ୍ର କେଇ କୋଟିରେ ସୀମିତ ଥିଲା । ଆଜି ଶତ ସହସ୍ର କୋଟିରେ ପହଂଚି ଆହୁରି ଆଗକୁ ବଢ଼ିଲାଣି । ଏମାନେ ପୁଣି ବଂଚିବେ ତ ? ଖାଇଲେ ତ ବଂଚିବେ। କ'ଣ ବା ଖାଇବେ ? ମାଟି, ଗୋଡ଼ି, ପଥର, ବାଲି ତ ଖାଇବେନି । ଆଉ ଯଦି ଖାଇବେ ତା'ହେଲେ କୃଷିଜ ଫସଲରୁ ସମ୍ଭୂତ ଖାଦ୍ୟ ଶସ୍ୟ ହିଁ ଖାଇବେ ଆଉ ବଂଚିବେ । ସେ'ସବୁ କେଉଁଠୁ ଆସିବ ? ନିଜେ କଷ୍ଟକରି ବୃକ୍ଷରୋପି, ସେସବୁର ଯତ୍ନ ନେଇ ଗୋଟିଏରୁ କୋଟିଏ ଫଳାଇ ସମର୍ପି ଦେଲେ ସିନା ସିଭିଏଁ ଖାଇବେ ଆଉ ଏ' ଦୁନିଆରେ ନିଜ ଆୟୁଷତକ ବଂଚିବେ । ଆଜି କୋଟିଏ ଲୋକଙ୍କ ପାଇଁ ଖାଦ୍ୟ ଦରକାର ହେଉଛି ତ କାଲିକୁ ଦେଢ଼ କୋଟି, ଏମିତି ଦିନକୁ ଦିନ ମାସକୁ ମାସ ବର୍ଷ ବର୍ଷ ଧରି ବଢ଼ୁଥିବା ଜନସମୁଦାୟଙ୍କ ପାଇଁ ବର୍ଦ୍ଧିତ ଖାଦ୍ୟ ଶସ୍ୟର ଆବଶ୍ୟକତା ରହିଛି ଓ ତଦନୁଯାୟୀ ଖାଦ୍ୟ ସାମଗ୍ରୀର ଉତ୍ପାଦନ ବୃଦ୍ଧି କରିବାକୁ ପଡ଼େ । ଯଦି ସମତାଳରେ ଖାଦ୍ୟ ବୃଦ୍ଧି ପାଉଥିବା ଜୀବ ସମୁଦାୟଙ୍କୁ ଯୋଗାଇ ନ ଦିଆଯାଏ, ତା'ହେଲେ ତ' ମରୁଡ଼ିର ଆତଙ୍କ ସାଙ୍ଗକୁ କୋଟି କୋଟି ଲୋକଙ୍କ ମୃତ୍ୟୁ ଅନିବାର୍ଯ୍ୟ ହୋଇପଡ଼ିବ । ଖାଦ୍ୟ ବୃଦ୍ଧି ଉପରେ ସତର୍କ ଦୃଷ୍ଟି ରଖି କୃଷି କ୍ଷେତ୍ରରେ ଉତ୍ପାଦନ କରାଯାଉଥିଲେ ମଧ ବେଳେ ବେଳେ ଜଳବାୟୁ ପରିବର୍ତ୍ତନ, ବର୍ଷା ବିପ୍ଲାତ, ଅସାମଞ୍ଜସ୍ୟ, ଅଭାବ ତଥା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟାଦିର ଘନଘଟା ପାଇଁ ଅସମାହିତ ସଂକଟକୁ ସାମ୍ନା କରିବାକୁ ପଡ଼େ । କୃଷି କର୍ମାଣୀ ପାଇଁ ବିଶେଷରେ ଉର୍ବର ମୃତ୍ତିକା, ଜଳସେଚନ, ରୋଗ, ପୋକ ନିରାକରଣ ସହ ଫସଲ ଆମଦାନୀ ଯାଏ ଫସଲର ସୁରକ୍ଷା ନିହାତି ଆବଶ୍ୟକ ହୋଇଥାଏ । ଏଥିରେ କେଉଁଠି ବି କୋହଳ ମନୋଭାବ ପ୍ରଦର୍ଶନ କଲେ ଅର୍ଜିତ ଫସଲ ଗଣ୍ଡିକ ନଷ୍ଟ ହୋଇଯାଏ ଓ ଜମିଜମାରେ ଅକ୍ଲାନ୍ତ ପରିଶ୍ରମ କରିଥିବା ଚାଷୀକୁ କ୍ଷତି ସହିବାକୁ ପଡ଼େ । ସମୟ ଏମିତି ଆସେ ଯେ, ଅକ୍ଲାନ୍ତ ପରିଶ୍ରମ କରି ଫସଲ ଉପୁଜାଉଥିବା ଚାଷୀକୂଳ ନିସହାୟ ଅବସ୍ଥାରେ ଆତ୍ମହତ୍ୟା ଭଳି ମୃତ୍ୟୁକୁ ବରଣ କରି ନେଇଥାନ୍ତି । ଏମିତି କି କୃଷକ ପରିବାର ଦିବରାତ୍ରି ହନ୍ତସନ୍ତ ହୋଇ ହୋଇ ଜୀବନ ବଂଚିବାର ଆଶା ଛାଡ଼ି ଗୃହ କୁଟୁମ୍ବ ଚଳାଇ ନେବାରେ ଅସମର୍ଥ ହୋଇଯାଇଥାନ୍ତି । ପ୍ରଥମେ ମନୁଷ୍ୟ ଅନ୍ୟ ପଶୁପକ୍ଷୀମାନଙ୍କ ଭଳି ଆଦିମଯୁଗରେ ଜଙ୍ଗଲରୁ ଫଳମୂଳ, ମାଛ ମାଂସ ଖାଇ ଉଦର ପରିପୋଷଣ କରୁଥିଲା । ଏଥିରେ ବି ଖାଦ୍ୟ ସଂଗ୍ରହ ବେଳେ ଅନ୍ୟ ହିଂସ୍ର ପଶୁମାନଙ୍କ ଦ୍ୱାରା ଅନେକ ମୃତାହତ ହେଉଥିଲେ ସତ, କିନ୍ତୁ ପରବର୍ତ୍ତୀ କାଳରେ ବିଜ୍ଞାନୀ ମଣିଷ ଅନ୍ୟ ଜୀବମାନଙ୍କ ଠାରୁ ଅଲଗା ଭାବରେ ଗ୍ରାମ ଜନପଦମାନଙ୍କରେ ଅଲଗା ବାସ କରି ଶିଖିଲା ଓ ନିଜେ ସୁରକ୍ଷିତ ରହିବା ସହ ନିଜର ସାଧ୍ୟମତେ ପ୍ରାକୃତିକ ସମ୍ପତ୍ତିର ସଦ୍‌ବିନିଯୋଗ କରି କୃଷକ ଜୀବନ ନେଇ ଖାଦ୍ୟ ଶସ୍ୟ ଉତ୍ପାଦନ କରି ନିଜେ ଖୁସିରେ ବଂଚିବା ସହ ଅନ୍ୟମାନଙ୍କୁ ମଧ ବଂଚିବା ସୁଯୋଗ ଦେଲା । କିନ୍ତୁ କ୍ରମଶଃ ପରିଶ୍ରମ କାତର ହୋଇପଡ଼ିଲା ମନୁଷ୍ୟ। ହାଡ଼ଭଙ୍ଗା ପରିଶ୍ରମ ନକରି କମ ପରିଶ୍ରମରେ ଅଧିକ ଅର୍ଥ ଉପାର୍ଜନର ବାଟ ଖୋଜି ଖୋଜି ଶେଷରେ ବିଭିନ୍ନ କୌଶଳ କ୍ରିୟାକୁ ଆପଣେଇ ନେଲା । ବିଭିନ୍ନ ଜ୍ଞାନ, ବୈଷୟିକ କୌଶଳର ଉପଯୋଗ କରି ଅଧିକ ସୁବିଧା ସୁଯୋଗକୁ ମାନବ ସମାଜରେ ଖୁସିରେ ଚଳିବା ପାଇଁ ହାତେଇ ନେଲା । ଏଇଠୁ ଆରମ୍ଭ ହେଲା ଧନୀ, ଦରିଦ୍ର ତାରତମ୍ୟର ସମାଜ । ଶିକ୍ଷିତ ଅଶିକ୍ଷିତର ସମାଜ । କୁଶଳୀ ଅଣକୁଶଳୀଙ୍କ ଉପାର୍ଜନ ତାରତମ୍ୟ। ଶିକ୍ଷିତ ଲୋକେ ଜ୍ଞାନ କୌଶଳକୁ ପ୍ରୟୋଗ କରି ବିଭିନ୍ନ ସେବାକୁ ବିକ୍ରି କରି ଅଧିକାରୁ ଅଧିକ ଅର୍ଥ ଉପାର୍ଜନ କରିବାକୁ ଲାଗିଲେ, ପୁଣି କମ୍ ଶାରୀରିକ ପରିଶ୍ରମରେ । ଆଉ ଯେଉଁମାନେ ଏ'ସବୁରେ ପଛେଇଗଲେ ସେମାନେ ତାଙ୍କରି ସେହି ଚିରାଚରିତ ପନ୍ଥାକୁ ଆପଣେଇ ନେଇ ଆଗଭଳି ଜୀବନ କଟାଇ ପଛରେ ହିଁ ପଡ଼ିରହିଲେ । ଏ'ସବୁର ତାରତମ୍ୟକୁ ନେଇ ଆରମ୍ଭ ହେଲା କୃଷି ଓ କୌଶଳ, ଚାଷ ବାସ ପ୍ରତି ଅନାଗ୍ରହ, ଲୋକେ କୃଷି କ୍ଷେତ୍ରରେ ହାଡ଼ଭଙ୍ଗା ପରିଶ୍ରମ କରି ପେଟ ପୋଷିବାକୁ ନ ଚାହିଁ ଘରେ ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ଅଙ୍ଗୁଷ୍ଠି ପ୍ରାନ୍ତରେ କୃତ୍ରିମ ବୃଦ୍ଧିମତାର ପ୍ରୟୋଗ କରି ଲକ୍ଷ ଲକ୍ଷ ଡଲାର, ପାଉଣ୍ଡ, ଟଙ୍କା ଓ ରୁବେଲର ଉପାର୍ଜନ କରି ନିଜକୁ ଏକ ସଭ୍ୟ, ଶିକ୍ଷିତ, ଧନିକ, ବିଳାସୀ ଶ୍ରେଣୀର ମଣିଷ ବୋଲି ଘୋଷଣା କରିବାରେ ଲାଗିଲା ବେଳେ ଚାଷ କାର୍ଯ୍ୟରେ ଲିପ୍ତ ଥିବା କୃଷକମାନେ ନିଜକୁ ଗରିବ, ଦରିଦ୍ର, ଖଟିଖିଆ ଶ୍ରେଣୀୟ ବୋଲି ଭାବି ନିଜ ଜୀବନ ନିର୍ବାହକୁ ଅତ୍ୟନ୍ତ ଅସଂଗତ ଓ କଷ୍ଟଦାୟକ ମନେ କରି ବସ୍ତୁତଃ ଏହି କୃଷିକର୍ମରୁ ନିଜକୁ ଓହରାଇ ନେଲେ। ଏମିତି କି ସୃଷ୍ଟିର ଆରମ୍ଭ ଶତ ପ୍ରତିଶତ କୃଷିକର୍ମରେ ନିୟୋଜିତ ଥିବା ମଣିଷ ଆଜି ଦ୍ରୁତ ଭାବରେ ହ୍ରାସ ପାଇ ପାଇ ଆଜି ୨ରୁ ୩ ପ୍ରତିଶତରେ ପହଂଚିଛି ଓ ଆଉ କେତେକ ଆମ ଭାରତ ଭଳି କୃଷି ପ୍ରଧାନ ଦେଶରେ ମଧ କୃଷିକର୍ମଜ ଉତ୍ପାଦନକାରୀଙ୍କ ସଂଖ୍ୟା ବହୁ ଦ୍ରୁତ ଗତିରେ କମିବାରେ ଲାଗିଛି । ସେମାନଙ୍କ କୃଷି କର୍ମଣର ଉପାର୍ଜନ ହେଉଛି ସବୁଠାରୁ କମ୍ । ଚାଷୀଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଓ ଅଯାଚିତ ପରିଶ୍ରମକୁ କେହି ବୁଝନ୍ତି ନାହିଁକି ତା 'ମୂଲ୍ୟ ଦିଅନ୍ତି ନାହିଁ । ପୁଣି ଅନିଶ୍ଚିତ ପାଣି ପାଗ ଓ ଜଳବାୟୁ ତାକୁ ଓ ତା'ଉପାର୍ଜିତ ଫସଲକୁ ହିଁ ଶୀକାର ହେବାକୁ ପଡ଼େ । ଏଣୁ ସେମାନଙ୍କ ବିଚାର ହେଲା 'କେତେ ଦିନ ଏମିତି ଭୋକିଲା, ଅଭାବୀ, ଅନିୟନ୍ତ୍ରିତ ବ୍ୟବସ୍ଥା ମଧ୍ୟରେ ଡୁବାଇ ରଖି ନିଜ କୁଟୁମ୍ବକୁ ଦରିଦ୍ର କରି ରଖନ୍ତୁ, ତା' ବ୍ୟତୀତ କୃଷି କର୍ମରୁ ଅବ୍ୟାହତି ନେଇ ବରଂ ଦେଶ ବିଦେଶରେ ଦାଦନ ଖଟିବା ଭଲ। ଏଣୁ ବୋଧେ ଗାଁ କି ସହରାଞ୍ଚଳରେ ହଜାର ହଜାର ହେକ୍ଟର ଚାଷ ଜମି ବିନା ଚାଷବାସରେ ପଡ଼ିଆ ପଡ଼ିବାରେ ଲାଗିଛି । ଏହା ଯଦି ସତ୍ୟ ହୁଏ, ତା'ହେଲେ ଆମେ ସବୁ ଖାଇବା କ'ଣ ?' ଏଣୁ ଏବେ ବି ସମୟ ଅଛି, ଆମ ସରକାର ସହ ବିଶ୍ୱର ଅନ୍ୟ ସରକାରମାନେ କୃଷି ଉତ୍ପାଦନର ସହଜ ବୃଦ୍ଧିର ଉପାୟ ଖୋଜନ୍ତୁ ଆଗାମୀ ପିଢ଼ିର ଯୁବଶକ୍ତିଙ୍କ ଆଗରେ କୃଷି ଏକ ଅତି ଆବଶ୍ୟକୀୟ, ଅପରିହାର୍ଯ୍ୟ ସେବା ଭାବରେ ଚିହ୍ନିତ କରି ଏକ ଲାଭଦାୟକ ବୃତ୍ତି ଭାବରେ ରୂପାୟିତ କରନ୍ତୁ, ନତୁବା ଏହି ବିଶ୍ୱ ଖାଦ୍ୟାଭାବ ଜନିତ ମଡ଼କର ଶୀକାର ହେବ । ଜୟ କିସାନ ।


♥ ସଂସ୍କୃତି ସଦନ, ବୟାଳୀ, ମନ୍ତିଡ଼ି
ମୋ:୯୩୩୭୯୬୦୬୮୮

# ନଂଗା ସାଗ୍ରାମ ଯୁବକ ସଂଘ ଆନୁକୂଲ୍ୟରେ ୩୦ତମ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ବୈଶିଙ୍ଗା, ୧୭/୧ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ସଇତପୁର ସ୍ଥିତ ନଂଗା ସାଗ୍ରାମ ଯୁବକ ସଂଘ ଆନୁକୂଲ୍ୟରେ ଆଜି ଶନିବାର ପୂର୍ବାହ୍ନରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆଠ ଗୋଟି ଫୁଟବଲ ଟିମ୍ ଏଥିରେ ଭାଗ ନେଇଥିଲେ । ଫାଇନାଲ ଖେଳ ରାଜଘାଟ ଫୁଟବଲ କ୍ଲବ ସହିତ ସଞ୍ଜୟ ଏଣ୍ଡ ସଞ୍ଜୟ ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜଘାଟ ଫୁଟବଲ ଟିମ୍ ଚମ୍ପିଆନ ହୋଇଥିଲା । ଖେଳ ଶେଷରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ମୂଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଯୋଗ ଦେଇ ବିଜେତା ଟିମ୍ କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ୩୭ ନଂ ଜିଲ୍ଲାପରିଷଦ ସଦସ୍ୟା ଧାନୀ କିସ୍କୁ, ଯୁବ ନେତା ବିନୋଦ ସିଂହ, ଗଙ୍ଗାଧର ଜେନା, ସୁଜିତ୍ ମହାନ୍ତ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କିସ୍କୁ, ନାଏବ ସରପଞ୍ଚ କାଶୀନାଥ ମହାନ୍ତ, ସମିତି ସଭ୍ୟା ନମିତା ମହାନ୍ତ, ସମାଜସେବୀ ଭଗାନ ହାଁସଦା ପ୍ରମୂଖ ଉପସ୍ଥିତ ରହି ଫୁଟବଲ ଖେଳର ଉନ୍ନତି ପାଇଁ ସରକାରୀ ସହଯୋଗର ଆବଶ୍ୟକତା ବୋଲି ଅଭିହିତ କରିଥିଲେ । ସଂଘର ସଭାପତି ସାଗର ବିସ୍କୁ, ଉପ ସଭାପତି ସିଙ୍ଗରାୟ ସରେନ୍, ସମାୟ ସରେନ, ଭୁଜୁ କିସ୍କୁ, ବାଡୁ ହାଁସଦା, ବିରୁ କିସ୍କ, ବିଶ୍ୱେଶ୍ୱର ହାଁସଦା ପ୍ରମୂଖ ସହଯୋଗ କରିଥିଲେ ।

# ସୁବର୍ଣ୍ଣରେଖା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୀତକାଳୀନ ଶିବିର ଉଦ୍‌ଘାଟନ

ବାଲିଆପାଳ, ୧୭/୧ (ନି.ପ୍ର): ଓଡିଶା ଉଚ୍ଚ ମାଧ୍ୟମିକ ପରିଷଦ ପ୍ରସ୍ତାହାନ ରେ ସବର୍ଣ୍ଣରେଖ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ମହାବିଦ୍ୟାଳୟ ଅଧକ୍ଷ ଗୌରାଙ୍ଗ ରାଉତ ଙ୍କ ଅଧକ୍ଷତା ରେ ସାତଦିନ ବ୍ୟାପୀ ଜାତୀୟ ସେବା ଯୋଜନା ର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଉକ୍ତ ଉତ୍ସବରେ ଏ ଡି ଏନ୍ ଓ ରମେଶ ଚନ୍ଦ୍ର ପଣ୍ଡା, ଅଧ୍ୟାପକ ଡ଼.ରଞ୍ଜନ କୁମାର ପାଢୀ, ଡ. ସୁଦର୍ଶନ ରଣା, ଡ. ପ୍ରେମାନନ୍ଦ ସେଠୀ, ପ୍ରୋଗ୍ରାମ ଅଫିସର ପୂର୍ଣ୍ଣ ଚନ୍ଦ୍ର ଦାସ ଯୋଗଦାନ କରି ଶିବିରର ଉଦ୍ଦେଶ୍ୟ, ରାଷ୍ଟ୍ର ଗଠନରେ ପିଲାମାନଙ୍କର କର୍ତ୍ତବ୍ୟ, ଏନ ଏସ୍ ଏସ୍ ର ଉଦ୍ୟସ, ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲ । ଏହି ଶିବିରରେ ୨୫ଜଣ ଛାତ୍ର ଓ ୨୫ ଜଣ ଛାତ୍ରୀ ଯୋଗଦାନ କରିଥିଲେ। ଉକ୍ତ ଶିବିର ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ମଧ୍ୟରେ ଅନେକ ସଚେତନତା କାର୍ଯ୍ୟକ୍ରମ ସହିତ ରାସ୍ତା ଘାଟ ସଫେଇ କାର୍ଯ୍ୟକ୍ରମ ରହିଛି। +୩ ଛାତ୍ରଜୟ ପ୍ରକାଶ ଦାସ, ବର୍ଷା ରାଣୀ ପାତ୍ର, କିରାଣୀ ବିଶ୍ୱରଂଜନ ସାମଲ, ଅଧ୍ୟାପିକା ପାର୍ବତୀ ମୁର୍ମୁ ଶିବିର ପରିଚାଳନାରେ ସଂପୃକ୍ତ ଅଛନ୍ତି।

# ସ୍ୱର୍ଗତ ନାରାୟଣ ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ବୃଦ୍ଧ, ବୃଦ୍ଧାଙ୍କୁ ଶୀତ ବସ୍ତ୍ର ବଣ୍ଟନ




ବସ୍ତା ୧୭/୧(ନିପ୍ର ):ବିଶିଷ୍ଟ ମାର୍କ୍ସବାଦୀ କାମ୍ୟୁନିଷ୍ଟ ଚିନ୍ତାନାୟକ ସ୍ୱର୍ଗତ ନାରାୟଣ ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ନିଜ ଗାଁ ଅମରଦା ସ୍ଥିତ ବସଭାବନରେ ଶତାଧିକ ଗରିବ ବୃଦ୍ଧ ବୃଦ୍ଧାଙ୍କୁ ତାଙ୍କ ପୁଅ ମାନବ ମହାନ୍ତି,ସାମ୍ୟ ମହାନ୍ତି,ଝିଅ ରଶ୍ମି ମହାନ୍ତି ଶୀତ ବସ୍ତ୍ର (କମ୍ବଳ )ବଣ୍ଟନ କରିଛନ୍ତି !ସକାଳ ୯ଟା ସମୟରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ସ୍ୱର୍ଗତ ନାରାୟଣ ମହାନ୍ତିଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ସହ ସ୍ୱର୍ଗତ ମହାନ୍ତିଙ୍କ ସୁକର୍ମ,ଜାଣେ ସମାଜସେବୀ, ସଂଗଠକ,ବିଭିନ୍ନ ଅନୁଷ୍ଠାନ ଗଢିବାରେ ତାଙ୍କର ଅତୁଳ ଅବଦାନ ଅଛି ବୋଲି ବର୍ଣ୍ଣନା କରି ଥିଲେ। ଏହି ଅବସରରେ ବୃଦ୍ଧ,ବୃଦ୍ଧାଙ୍କୁ ଫଳ ଏବଂ ମିଠା ବଣ୍ଟନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ବୋହୂ, ଗାୟତ୍ରୀ, ମାମି, ନାତି ନାତୁଣୀ,ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ।

## ନୀଳଗିରି ସରସ୍ୱତୀ ଶିଶୁମନ୍ଦିରରେ ଅଘଟଣ: ପେଜପଡ଼ି ଛାତ୍ରୀ ଗୁରୁତର

ନୀଳଗିରି, ୧୭/୧ (ନି.ପ୍ର): ସରସ୍ୱତୀ ଶିଶୁମନ୍ଦିର ନୀଳଗିରିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗରମପେଜ ଢାଳିଯିବା କାରଣରୁ ଜୈନିକ ଚତୁର୍ଥଶ୍ରେଣୀ ଛାତ୍ରୀଙ୍କର ବେକରେ ପେଜପଡ଼ି ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ନୀଳଗିରି ସାନଅତା ଅଞ୍ଚଳର ଜୈନିକ ଛାତ୍ରୀ ପ୍ରତିଦିନ ଭଳି ଶିଶୁମନ୍ଦିରକୁ ପଢିବାକୁ ଯାଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨.୩୦ସମୟରେ ପରିସ୍ରା କରି ଫେରୁଥିବା ସମୟରେ ଶିଶୁମନ୍ଦିରର ରାନ୍ଧୁଣିଆ ଗରମପେଜ ନିକଟସ୍ଥ ନାଳରେ ଫିଙ୍ଗିବାକୁ ଯାଉଥିବା ସମୟରେ ଛାତ୍ରୀଜଣଙ୍କ ଦେହରେ ଉକ୍ତ ପେଜଢାଳଟି ବାଜିଯିବାରୁ ଛାତ୍ରୀଙ୍କ ବେକ ପାଖରେ ପେଜ ପଡିଯାଇଥିଲା। ଫଳରେ ଛାତ୍ରୀଜଣକ ଗୁରୁତର ହୋଇ ଚିତ୍କାର କରିଥିଲେ। ତୁରନ୍ତ ଶିଶୁମନ୍ଦିର କର୍ତ୍ତୃପକ୍ଷ ନୀଳଗିରି ହସ୍ପିଟାଲ ଆଣି ଚିକିତ୍ସା କରିଥିଲେ। ପରେ ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜ ନିଆଯାଇଥିବା ସୂଚନା ମିଳିଛି। ଏନେଇ ଶିଶୁମନ୍ଦିରର ପ୍ରଧାନଗୁରୁଜୀ ଜୟକୃଷ୍ଣ ବାରିକ ଘଟଣାରେ ସତ୍ୟତା ସ୍ୱୀକାର କରିବାସହିତ ଛାତ୍ରୀଙ୍କ ସୁସ୍ଥକାମନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସୁନ୍ଦରଗଡ଼ ଗୋଷ୍ଠୀ...

ଅଭିଯୋଗ ପରେ ଦୁଇ ଗୋଷ୍ଠୀ ମଧ୍ୟରେ ପଥର ମାଡ଼ ହୋଇଥିଲା । ଏଥିରେ ପୁଲିସ କର୍ମଚାରୀଙ୍କ ସମେତ ଦୁଇ ଗୋଷ୍ଠୀର ୧୨ରୁ ଅଧିକ ଲୋକେ ଆହତ ହୋଇଥିଲେ। ଉପଦ୍ରବୀମାନେ ଦୋକାନ, ଗାଡ଼ିମୋଟର ଭଙ୍ଗାରୁଜା କରିବା ସହ ଏକ ପିକଅପ.ଭ୍ୟାନକୁ ଜାଳି ଦେଇଥିଲେ। ଏହାପରେ ସହରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୧୬୩ ଧାରା ଜାରି କରିଥିଲା ପ୍ରଶାସନ। ସମସ୍ତ ଦୋକାନବଜାର, ସ୍କୁଲ କଲେଜ ବନ୍ଦ କରିଥିଲା। ଏହା ସହ ୨୪ ଘଣ୍ଟା ପାଇଁ ସୁନ୍ଦରଗଡ଼ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଥିଲା।

### ଛତିଶଗଡ଼ର ବିଜାପୁରରେ ...

ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିଲା । ଗତ କିଛି ମାସ ମଧ୍ୟରେ ସୁରକ୍ଷା ବାହିନୀ ବିଜାପୁରର କାନ୍ଦୁଲନାର ଜଙ୍ଗଲରେ ବଡ଼ ଧରଣର ଅପରେସନ କରିଥିଲେ । ଏହି ଏନକାଉଣ୍ଟରରେ ସୁରକ୍ଷା ବାହିନୀ ପାପା ରାଓଙ୍କ ପତ୍ନୀ ଉର୍ମିଳା, ଯିଏକି ଏରିଆ କମିଟିର ସମ୍ପାଦକ ଥିଲେ ,ତାଙ୍କ ସମେତ ଅନେକ ନକ୍ସଲଙ୍କୁ ମାରି ଦେଇଥିଲେ । ତେବେ ସେହି ସମୟରେ ପାପା ରାଓ ସେଠାରୁ ଖସି ପଳାଇବାରେ ସଫଳ ହୋଇଥିଲେ ।

### ମୁମ୍ବାଇରେ ପୁଣି ଫେରିଲା ...

ପହଞ୍ଚିବାପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସେଠାରେ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ରହିବାପାଇଁ କୁହାଯାଇଛି। ମୁମ୍ବାଇ ମହାନଗର ନିଗମରେ ଏବେ ନେତୃତ୍ୱକୁ ନେଇ କଥାବାର୍ତ୍ତା ଆରମ୍ଭ ହୋଇଯାଇଥିବାବେଳେ ହର୍ସ ଟ୍ରେଡିଂ ଭୟରେ ସିନ୍ଦେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କୁହାଯାଉଛି। ମୁମ୍ବାଇରେ ଦୀର୍ଘ ୨୮ ବର୍ଷ ପରେ ଠାକ୍‌ରେ ଗଡ଼କୁ ଭାଙ୍ଗି ମହାୟୁତି ମେଣ୍ଟ ବିଜୟ ହାସଲ କରିଛି। ତେବେ କୌଣସି ଗୋଟିଏ ବି ଦଳ ଏଠାରେ ନିଜସ୍ୱ ଭାବେ ସଂଖ୍ୟାଗରିଷ୍ଠତା ହାସଲ କରିନାହାନ୍ତି । ସିନ୍ଦେ ତାଙ୍କ ଦଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ହୋଟେଲକୁ ଡାକିବାର ୨ଟି କାରଣ ଥାଇପାରେ। ଏଥିମଧ୍ୟରୁ ଗୋଟିଏ କାରଣ ହେଉଛି ସମସ୍ତ ବିରୋଧୀ ଦଳ ଏକାଠି ହାତ ମିଳାଇବାର ସମ୍ଭାବନାକୁ ଏଡ଼ାଇ ହେବନାହିଁ। । ତେବେ ଏକାଠି ହାତ ମିଳାଇଲେ ମଧ୍ୟ ବିରୋଧୀ ମେଣ୍ଟକୁ ବିଏମ୍‌ସି ଦଖଲ ପାଇଁ ଆହୁରି ୮ ଜଣ ନିର୍ବାଚିତ ସଦସ୍ୟମାନଙ୍କର ସମର୍ଥନ ଦରକାର। ତେଣୁ ଏଥିପାଇଁ ହର୍ସ ଟ୍ରେଡିଂ ଆରମ୍ଭ ହୋଇପାରେ। ଏହି ଭୟରେ ଏକନାଥ ସିନ୍ଦେ ତାଙ୍କ ଦଳର ନିର୍ବାଚିତ କର୍ପୋରେଟରମାନଙ୍କୁ ହୋଟେଲକୁ ଡାକି ଥାଇପାରନ୍ତି ବୋଲି କୁହାଯାଉଛି। ଅନ୍ୟ କାରଣଟି ହେଉଛି ଦଳରେ ମଧ୍ୟ ମେୟର ପଦକୁ ନେଇ କୌଣସି ପ୍ରକାର ସାଲିସ ନକରିବାପାଇଁ ଚାପ ପଡୁଛି। ଏକନାଥ ସିନ୍ଦେ ଏବେ ବିଜେପି ସହ କ୍ଷମତାକୁ ନେଇ ବାର୍ଗେନିଂ ଆରମ୍ଭ କରିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଉଲ୍ଲେଖଯୋଗ୍ୟ ଯେ ୨୨୭ ୱାର୍ଡ ବିଶିଷ୍ଟ ମୁମ୍ବାଇରେ ମେଜୋରିଟି ମାର୍କ ହେଉଛି ୧୧୪। ବିଜେପି ଏଠାରେ ୮୯ ଆସନରେ ଜିତିଥିବାବେଳେ ସିନ୍ଦେ ସେନା ୨୯ ଆସନରେ ଜିତିଛି। ଉଭୟଙ୍କ ସଂଖ୍ୟା ମିଶିଲେ ୧୧୮। ତେଣୁ ଉଭୟ ଦଳ ସହଜରେ ସଂଖ୍ୟାଗରିଷ୍ଠତା ହାସଲ କରିଛନ୍ତି। ଏହାବାଦ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଏନସିପି ୩ଟି ୱାର୍ଡରେ ଜିତିଛି। ଅପରପାର୍ଶ୍ୱରେ ଶିବସେନା (ୟୁବିଟି) ଏବଂ ମହାରାଷ୍ଟ୍ର ନିର୍ମାଣ ସେନା (ଏମଏନଏସ) ଏବଂ ଏନ୍‌ସିପି (ଶରଦ ପାୱାର) ଏକାଠି ନିର୍ବାଚନ ଲଢ଼ିଛନ୍ତି। ସେନା (ୟୁବିଟି) ୬୫ ୱାର୍ଡରେ ଜିତିଥିବାବେଳେ, ଏମଏନଏସ ୬ ଆସନରେ ଏବଂ ଏନ୍‌ସିପି (ଏସ୍‌ପି) ଗୋଟିଏ ଆସନରେ ଜିତିଛି। ଏକାଠି ଏମାନଙ୍କ ସଂଖ୍ୟା ୭୨ ରହିଛି। ପୃଥକ ଭାବେ କଂଗ୍ରେସ ୨୪ ୱାର୍ଡରେ, ଏଆଇଏମ୍ଆଇଏମ୍ ୮ଟି ୱାର୍ଡ ଏବଂ ସମାଜବାଦୀ ପାର୍ଟି ୨ଟି ୱାର୍ଡରେ ଜିତିଛି। ଯଦି ବିଜେପି ନେତୃତ୍ୱାଧୀନ ମେଣ୍ଟ ହାତକୁ ବିଏମ୍‌ସି ନଦେବାପାଇଁ ସମସ୍ତ ବିରୋଧୀ ଦଳ ଏକାଠି ହୁହନ୍ତି ତେବେ ସେମାନଙ୍କ ସଂଖ୍ୟା ୧୦୬ରେ ପହଞ୍ଚିବ। ସଂଖ୍ୟାଗରିଷ୍ଠତା ପାଇଁ ଆହୁରି ୮ଟି ସଂଖ୍ୟା ଦରକାର। ଏଠାରେ ହର୍ସ ଟ୍ରେଡିଂର ଭୟ ଉପୁଜୁଛି। ଯଦି ବିରୋଧୀ ଦଳ ଗୁଡ଼ିକ ମହାୟୁତି ମେଣ୍ଟର ୮ ଜଣ କର୍ପୋରେଟରଙ୍କ ମନାଇବାରେ ସକ୍ଷମ ହୋଇଯିବେ ତେବେ ବାଜି ପୂରା ପଲଟିଯିବ।

### ଚୀନ୍‌ରେ ନୋରୋଭାଇରସ୍ ...

ଅଧିକ ଦେଖାଯାଇଥାଏ। ଏହା ଆମେରିକାରେ ଖାଦ୍ୟଜନିତ ରୋଗର ଏକ ନମ୍ବର କାରଣ । ପ୍ରତିବର୍ଷ, ସାରା ବିଶ୍ୱରେ ପ୍ରାୟ ୬୮୫ ନିୟୁତ ଲୋକ ନୋରୋଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥାନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ପ୍ରାୟ ୫ ବର୍ଷରୁ କମ୍ ବୟସର ୨୦୦ ନିୟୁତ ପିଲା ରହିଥାନ୍ତି। ଏହି ଭାଇରସ୍ ଯୋଗୁ ପ୍ରତିବର୍ଷ ପ୍ରାୟ ୨୦୦,୦୦୦ ମୃତ୍ୟୁ ଘଟାଇଥାଏ । ମୃତକଙ୍କ ମଧ୍ୟରେ ପ୍ରାୟ ୫୦,୦୦୦ ପିଲା ମଧ୍ୟ ରହିଥାନ୍ତି। ଏହାର ପ୍ରଭାବ ଗରିବ ଦେଶଗୁଡ଼ିକରେ ବିଶେଷ ଭାବରେ ଗୁରୁତର ହୋଇଥାଏ।ଏହା ବିଶ୍ୱକୁ ପ୍ରାୟ ୬୦ ବିଲିୟନ ଡଲାର କ୍ଷତି ପହଞ୍ଚାଇଥାଏ । ପ୍ରଥମ ମାମଲା ୧୯୬୮ ମସିହାରେ ଆସିଥିଲା। ନୋରୋଭାଇରସର ପ୍ରଥମ ମାମଲା ୧୯୬୮ ମସିହାରେ ଆମେରିକାର ଓହାଇଓର ନରୱାକରେ ରିପୋର୍ଟ ହୋଇଥିଲା। ଯେହେତୁ ସଂକ୍ରମଣ ପ୍ରଥମେ ନରୱାକ୍ ସହରରେ ଚିହ୍ନଟ ହୋଇଥିଲା। ତେଣୁ ପ୍ରଥମେ ଏହି ଭାଇରସକୁ ନରୱାକ୍ ଭାଇରସ୍ କୁହାଯାଉଥିଲା। ପରେ, ଏହି ଭାଇରସ ନୋରୋଭାଇରସ୍ ଭାବରେ ଜଣାଶୁଣା ହୋଇଥିଲା।

### ବାଂଲାଦେଶରେ ...

ମିଳିଥିବା ସୂଚନାନୁଯାୟୀ ହଶେମ ହେଉଛି ବିଏନ୍‌ପି (ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି)ର ରାଜବାଡ଼ି ଜିଲ୍ଲାର ପୂର୍ବତନ କୋଷାଧ୍ୟକ୍ଷ ଏବଂ ସେ ଜିଲ୍ଲା ଯୁବ ଦଳର ପୂର୍ବତନ ସଭାପତି । ବୃତ୍ତିରେ ସେ ଜଣେ କଣ୍ଟ୍ରାକ୍ଟର । ଉଲ୍ଲେଖଯୋଗ୍ୟ ଯେ ବାଂଲାଦେଶରେ ଗତ କିଛି ଦିନ ହେବ ହିନ୍ଦୁ ବିରୋଧୀ ହିଂସା ତେଜିଛି । କେବଳ ୨୦୨୫ ଡିସେମ୍ବରରେ ବାଂଲାଦେଶରେ ୫୧ଟି ସାମ୍ପ୍ରଦାୟିକ ହିଂସା ଘଟଣା ଦେଖିବାକୁ ମିଳିଛି । ପ୍ରାଣତୋଶ ସରକାର ନାମକ ଜଣେ ୪୨ ବର୍ଷୀୟ ଗହଣା ବ୍ୟବସାୟୀଙ୍କୁ ଡିସେମ୍ବର ୨ ତାରିଖରେ ନରଶିଙ୍ଗଡ଼ିରେ କିଛି ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ । ଡିସେମ୍ବର ୧୮ ତାରିଖରେ ମୟମନସିଂହରେ ୨୫ ବର୍ଷୀୟ ଫ୍ୟାକ୍ଟ୍ରି କର୍ମଚାରୀ ଦୀପୁ ଚନ୍ଦ୍ର ଦାସଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା ଏବଂ ତାଙ୍କ ମର ଶରୀରକୁ ଗଛରେ ବାନ୍ଧି ନିଆଁ ଲଗାଇ ଦିଆଯାଇଥିଲା । ଅନ୍ୟଜଣେ ହିନ୍ଦୁ ଯୁବକ ଅମୃତ ମଣ୍ଡଳଙ୍କୁ ଡିସେମ୍ବର ୨୪ ତାରିଖରେ ପିଟିପିଟି ହତ୍ୟା କରାଯାଇଥିଲା । ଡିସେମ୍ବର ୩୧ ତାରିଖରେ ଖୋକନ ଚନ୍ଦ୍ର ଦାସଙ୍କ ଉପରେ ଆକ୍ରମଣ ପରେ ତାଙ୍କ ଦେହରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲେ । ୩ ଦିନ ଚିକିତ୍ସା ହେବାପରେ ତାଙ୍କର ମୃତ୍ୟୁ ହୋଇଥିଲା । ଜାନୁଆରି ୫ ତାରିଖରେ ମୋନି ଚକ୍ରବର୍ତ୍ତିଙ୍କୁ ହତ୍ୟା କରାଯାଇଥିଲା । ଜାନୁଆରି ୫ ତାରିଖରେ ମଧ୍ୟ ଜଣେ ସାମ୍ବାଦିକ ରାଣା ପ୍ରତାପ ବୈରାଗୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଜାନୁଆରି ୬ ତାରିଖରେ ମିଥୁର ସରକାର ନାମକ ଜଣେ ବ୍ୟକ୍ତିଙ୍କ ଦେହରେ କିଛି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ । ତେବେ ସେ ପ୍ରାଣ ବଞ୍ଚାଇବାପାଇଁ କେନାଲକୁ ଡେଇଁ ପଡ଼ିଥିଲେ ।

### ଟିଏମ୍‌ସି ସରକାର ନିର୍ମମ...

ଟିଏମ୍‌ସିର ଲୁଟ୍ ଓ ଭ୍ରଷ୍ଟାଚାରରେ ଅତିଷ୍ଠ ହୋଇଯାଇଛନ୍ତି। ସେ କହିଛନ୍ତି ଯେ ବିଜେପି ପଶ୍ଚିମବଙ୍ଗରେ ସରକାର ଗଠନ କରି ବିକାଶ ଓ ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀଙ୍କ ବୟାନ ଏଭଳି ସମୟରେ ଆସିଛି ଯେତେବେଳେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ପ୍ରସ୍ତୁତି ଜୋରଦାର ହୋଇଛି। ବିଜେପି ଅନୁପ୍ରବେଶ ଓ ଭୋଟ୍ ବ୍ୟାଙ୍କ୍ ରାଜନୀତିକୁ ନିଜର ମୁଖ୍ୟ ପ୍ରସଙ୍ଗ ବନାଇଛି। ମୋଦୀ କହିଛନ୍ତି ଯେ ପଶ୍ଚିମବଙ୍ଗର ଲୋକେ ଏବେ ପରିବର୍ତ୍ତନ ଚାହୁଁଥିବାରୁ ଟିଏମ୍‌ସି ସରକାର ପତନ ନିଶ୍ଚିତ। ଅନ୍ୟପକ୍ଷରେ ଟିଏମ୍‌ସି ମୋଦୀଙ୍କ ବୟାନକୁ ଖଣ୍ଡନ କରି କହିଛି ଯେ ବିଜେପି ରାଜ୍ୟ ସରକାର ବିରୋଧରେ ମିଥ୍ୟା ପ୍ରଚାର ଚଳାଇଛି। ଟିଏମ୍‌ସି ପ୍ରବକ୍ତା କହିଛନ୍ତି ଯେ ପଶ୍ଚିମବଙ୍ଗରେ କୌଣସି ଅନୁପ୍ରବେଶ ହେଉନାହିଁ। ପ୍ରଧାନମନ୍ତ୍ରୀ କେବଳ ନିର୍ବାଚନୀ ଲାଭ ପାଇଁ ମିଛ କହୁଛନ୍ତି।

# ସେଲ ଆରଏସପିର ୫୮ ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ ଉଦ୍‌ଘାଟିତ




ରାଉରକେଲା, ୧୭/୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ବିଭାଗ ଆନୁକୂଲ୍ୟରେ ଜୁବୁଲି ପାର୍କଠାରେ ଆୟୋଜିତ ୫୮ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀକୁ ଭାରପ୍ରାପ୍ତ ନିର୍ଦ୍ଦେଶକ (ଡ଼ିଆଇସି) ଶ୍ରୀ ଆଲୋକ ବର୍ମା ଉଦଘାଟନ କରିଥିଲେ। ଏହି ଅବସରରେ ଦୀପିକା ମହିଳା ସଂଘଟିର ଅଧକ୍ଷା ଶ୍ରୀମତୀ ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିକାଶ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି କେ ଗିରି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ଓଜିଓଏମ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ଶ୍ରୀ ରାଜେଶ ଦାସଗୁପ୍ତା, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲାର ଆଞ୍ଚଳିକ ଅଧିକାରୀ ଡକ୍ଟର ଅନୁପ ମଲ୍ଲିକ, ଦୀପିକା ମହିଳା ସଂଘଟିର ଉପାଧ୍ୟକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର, ଡକ୍ଟର ପ୍ରତିଜ୍ଞା ପଲାଇ, ଶ୍ରୀମତୀ ରୀତା ରାଣୀ, ଶ୍ରୀମତୀ ବନ୍ଦନା ସିଂ, ଏବଂ ଶ୍ରୀମତୀ ନବନୀତା ଚୌଧୁରୀ, ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ଶ୍ରୀ ବି କେ ଯୋଜୋ, ଉଦ୍ୟାନ କୃଷି ବିଭାଗର ଜିଏମ ତଥା ଜେଡ଼ିପି ଇନ ଚାର୍ଜ ଡକ୍ଟର ଅଭିଜିତ ବିଶ୍ୱାସ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଡ଼ିଆଇସି ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଗହଣରେ ପ୍ରଦର୍ଶନୀ ବୁଲି ଦେଖିଥିଲେ ଏବଂ ପ୍ରଦର୍ଶିତ ପ୍ରବେଶିକାଗୁଡିକୁ ନେଇ ଆଗ୍ରହ ପ୍ରକାଶ କରିଥିଲେ। ସେ ବିଗତ ୫୮ ବର୍ଷ ଧରି ଏଭଳି ଏକ ବିଶାଳ ଆୟୋଜନ ନିମନ୍ତେ ଉଦ୍ୟାନକୃଷି ବିଭାଗର ଉଚ୍ଚ ପ୍ରଶଂସା କରିଥିଲେ ଯାହା ଏହି ସମଗ୍ର ଅଞ୍ଚଳରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହିତ ବିଭିନ୍ନ ସ୍ଥାନରୁ ଉଦ୍ୟାନପ୍ରେମୀଙ୍କୁ ଆକୃଷ୍ଟ କରୁଛି। ମଣିଷ ମନରେ ପ୍ରକୃତି ବିଶେଷକରି ଫୁଲର ଭୂମିକା ଉପରେ ଗୁରୁତ୍ୱାରୋପ କରି, ଡିଆଇସି ସମାବେଶକୁ ସମ୍ବୋଧିତ କରି କହିଥିଲେ ଯେ “ଫୁଲ ଏକ ପ୍ରଫୁଲ୍ଲିତ ଭାବନା ଉଦ୍ରେକ କରିବା ସହ ଚିନ୍ତାଧାରାକୁ ସତେଜ କରି ଶାନ୍ତି ଏବଂ ଆନନ୍ଦର ଭାବନା ଜାଗ୍ରତ ପୂର୍ବକ ମଣିଷ ମନକୁ ସ୍ପର୍ଶ କରିଥାଏ।’ ଏହି ପ୍ରଦର୍ଶନୀରେ ବିଭିନ୍ନ ବର୍ଗରେ ୯୬୦ରୁ ଅଧିକ ଏଣ୍ଟ୍ରି ସ୍ଥାନ ପାଇଛି । ଏଗୁଡିକ ମଧ୍ୟରେ କଟାଯାଇଥିବା ଫୁଲ,ପଟ ପ୍ଲାଣ୍ଟ,ଫଳ, ପନିପରିବା, ବନସାଇ, ଡିନର୍ ବୋଲ୍ ଆରେଞ୍ଜମେଣ୍ଟ, ବେଷ୍ଟ ଆରେଞ୍ଜଡ୍ ଫୁଲ, ବଟନ୍ ହୋଲ୍, ଫୁଲତୋଡା, ଫୁଲମାଳା ଏବଂ ଫୁଲ ଓ ପତ୍ରରେ ତିଆରି ମଡେଲ ସାମିଲ ରହିଛି। ବହୁ ସଂଖ୍ୟାରେ ଦର୍ଶକ ଜୁବିଲି ପାର୍କ ପରିଦର୍ଶନରେ ଆସି ବିଭିନ୍ନ ପ୍ରକାରର ଫୁଲ, ପନିପରିବା ଏବଂ ଫଳ, ବିଭିନ୍ନ ଗୋଲାପ, ସେବତୀ,ଡାଲିଆ, ଡାଏନ୍ଥସ, ସ୍ୱୀଟ ପିଜ, ଆଣ୍ଟିରିୟମ, କାନର୍ନ୍ସନ, କ୍ୟାଲେଣ୍ଡୁଲା, ଫ୍ଲକ୍ସ, ପେନ୍ସି, ଜରବେରା, ଲ୍ୟୁପୀନ, ମେରିଗୋଲ୍ଡ, ଆଷ୍ଟର, ସାଲଭିଆ, ଗ୍ଲାଡିଓଲି, କ୍ୟାଣ୍ଡିଟୁଫ୍ଟ ଆଦିର ପ୍ରଦର୍ଶନ ଉପଭୋଗ କରିବା ସହ ସେଗୁଡିକର ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ସବରେ ଛାତ୍ରଛାତ୍ରୀ ଓ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଆରଏସପି ଲୋକ ସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶ୍ରୀ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ ଯେ, ପୁରସ୍କାର ବିତରଣ ଉତ୍ସବ ସହ ଏହି ପ୍ରଦର୍ଶନୀ ଜାନୁଆରୀ ୧୮ ତାରିଖରେ ଶେଷ ହେବ।

**AFFIDAVIT**

I, Sudipta Dwibedy, age 44W/o-Rajkishor Rath, resident of At-Bhuinpada, PO-Sergarh, PS-Khantapada, District-Balasore, Pin-756060 state-odisha declared by this affidavit no. 282 dated 13/01/2026 that now onwards I shall be known as SUDEEPTA DWIBEDY for all future purposes.

# ବିଏମ୍‌ସି ଓ ସିଜିଏମ୍ ମଧ୍ୟରେ ଏନ୍‌ଏମ୍‌ଟି ପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୭/୧ (ନି.ପ୍ର): ସହର ମଧ୍ୟରେ ଯାତାୟତ ଓ ପରିବହନକୁ ସୁଗମ କରିବା ଏଥିପାଇଁ ସହରାଞ୍ଚଳ ନୀତିକୁ ମାନି ଚଳିବା, ବିଶେଷ କରି ଚଲାବୁଲା, ପାଦଚଲା ରାସ୍ତା, ସାଇକେଲିଂ ଇତ୍ୟାଦି ଅଣ-ମୋଟର ଗମନାଗମନକୁ ପ୍ରୋତ୍ସାହିତ କରିବା ପାଇଁ ବିଏମ୍ ସି କର୍ତ୍ତୃପକ୍ଷ ସେଣ୍ଟର୍ ଫର୍ ଗ୍ରୀନ୍ ମୋବିଲିଟି (ସିଜିଏମ୍) ସଂସ୍ଥା ସହିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରିଛନ୍ତି ।

ସାରା ବିଶ୍ୱରରେ ଜଳବାୟୁ ପରିବର୍ତ୍ତନ ଓ ସବୁଜିମା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଐତିହ୍ୟ ଏବଂ ଆଧୁନିକତାକୁ ଯୋଡି ଆଗେଇଥିବା ସ୍ମାର୍ଟ ସିଟି ଭୁବନେଶ୍ୱର ନିଜ ଅଂଚଳରେ ଅଣମୋଟର ଯାତାୟତକୁ ଗୁରୁତ୍ୱ ଦେଇଛନ୍ତି ।ବିଶେଷ କରି ଶିଶୁ, ମହିଳା, ବୃଦ୍ଧ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଦୁର୍ବଳ ଗୋଷ୍ଠୀଙ୍କ ନିମନ୍ତେ ଏହି ସୁବିଧା କରିବା ପାଇଁ ରଣନୀତି ପ୍ରସ୍ତୁତ ହେବ । ପ୍ରଶିକ୍ଷଣ, କର୍ମଶାଳା, ଏକ୍ସପୋଜର ପରିଦର୍ଶନ, ବୈଷୟିକ ମାର୍ଗଦର୍ଶନ ଏବଂ ଅଣମୋଟର ଗମନାଗମନ ଯୋଜନା, ଡିଜାଇନ୍, ସୁରକ୍ଷା ଓ ପରିଚାଳନା ଉପରେ ଜ୍ଞାନ ବିନିମୟ ମାଧ୍ୟମରେ ସଂସ୍ଥାଗତ ଦକ୍ଷତା ବୃଦ୍ଧି କରିବା ।

ପଥଚାରୀଙ୍କ ସୁରକ୍ଷା, ସାଇକେଲ ଚାଳନା ସଂସ୍କୃତି ଏବଂ ସ୍ଥାୟୀ ଗତିଶୀଳତା ଅଭ୍ୟାସ ଗ୍ରହଣ ଉପରେ ଧ୍ୟାନ ଦେଇ ଗୋଷ୍ଠୀ ଅଂଶଗ୍ରହଣ, ଜନ ସଚେତନତା ସାଙ୍ଗକୁ ଏହି ପ୍ରକାର ପରିବେଶ ଅନୁକୂଳ ଗମନାଗମନ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ତାଲିମ ପ୍ରଦାନ କରିବେ । ଏଥିରେ ବିଭିନ୍ନ ବର୍ଗଙ୍କୁ ସାମିଲ କରାଯିବ । ବିଏମ୍ ସି ଅଞ୍ଚଳରେ ଚାଲିବା, ସାଇକେଲ ଚାଳନା ଏବଂ ଅନ୍ୟାନ୍ୟ ଅଣ-ମୋଟର ଯୁକ୍ତ ଯାତାୟତ ପାଇଁ ଏକ ନିରାପଦ, ସୁଲଭ ଏବଂ ଲାଭ ଦାୟକ ଭିତ୍ତିଭୂମି ସୃଷ୍ଟି କରିବାରେ ବିଏମ୍ ସିକୁ ବୈଷୟିକ ସହାୟତା କରିବ ସିଜିଏମ୍ ।

ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଏମ୍ ସି କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ଡେପୁଟି କମିଶନର ଏନ୍ ଗଣେଶ ବାବୁଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ସିଜିଏମ୍ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବଙ୍କିମ କାର୍ଲା ଉପସ୍ଥିତ ଥିଲେ । ଏହି ଚୁକ୍ତିନାମାରେ ବିଏମ୍ ସି ପକ୍ଷରୁ କମିଶନର ଶ୍ରୀ ରାଣା ଏବଂ ସିଜିଏମ୍ ସିଇଓ ଶ୍ରୀ କାର୍ଲା ସ୍ୱାକ୍ଷର କରିଥିଲେ ।

# ସେବାରେ ସାତ ସୁପରହ୍ୟୁମ୍ୟାନ୍: କଟକରେ ପରିମଳ ସେବା ଓ ସମ୍ମାନକୁ ଏକ ନୂଆ ପରିଚୟ ଦେଉଛି ଗରିମା ଯୋଜନା

କଟକ/ଭୁବନେଶ୍ୱର, ୧୭/୧ (ନି.ପ୍ର): କଟକ ମହାନଗର ନିଗମ (ସିଏମସି) ଦ୍ୱାରା ପରିଚାଳିତ ‘ମଳ ପଙ୍କ ପରିଚାଳନା ପ୍ଲାଂଟ’ କେବଳ ଏକ ପରିମଳ ସେବା କେନ୍ଦ୍ର ନୁହେଁ, ବରଂ ଏହା କିଭଳି ଆତ୍ମସମ୍ମାନ, ସମାବେଶୀକରଣ ଏବଂ ସାମାଜିକ ପରିବର୍ତ୍ତନର ଏକ ମାଧ୍ୟମ ହୋଇପାରେ, ତାହାର ଏକ ଉଦାହରଣ ସାଜିଛି । ମତଗଜପୁରଠାରେ ଅବସ୍ଥିତ ଏହି ପ୍ଲାଂଟ ବୈଜ୍ଞାନିକ ପଦ୍ଧତିରେ ମଳ ପଙ୍କ ପରିଚାଳନା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଲୋକାଭିମୁଖୀ ତଥା ସମାବେଶୀ ସହରାଞ୍ଚଳ ଶାସନ ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ପ୍ରୟାସ ପଛରେ ଏକ ପ୍ରେରଣାଦାୟୀ କାହାଣୀ ରହିଛି। ଓଡ଼ିଶା ସରକାରଙ୍କ ‘ଗରିମା’ ଯୋଜନା ଅଧୀନରେ ଏହି ପ୍ଲାଣ୍ଟର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଟ୍ରାନ୍ସଜେଣ୍ଡରଙ୍କୁ ପ୍ରଦାନ କରାଯାଇଛି। ଦିନେ ସାମାଜିକ ବାସନ୍ଦ, କଳଙ୍କ ଏବଂ ଆର୍ଥିକ ଅନଗ୍ରସରତାର ସମ୍ମୁଖୀନ ହେଉଥିବା ଏମାନେ ଆଜି ଅତି ଆତ୍ମବିଶ୍ୱାସ, ବୃତ୍ତିଗତ ଦକ୍ଷତା ଏବଂ ଗର୍ବର ସହ ଏହି ଅତ୍ୟାବଶ୍ୟକ ସହରୀ ସେବାରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛନ୍ତି।ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ସୁଶ୍ରୀ ଶୀତଲ ବାସ୍ତିଆ, ସଭାପତି ତନୁଶ୍ରୀ ବେହେରା ଏବଂ ଗୋଷ୍ଠୀର ଅନ୍ୟ ସଦସ୍ୟ ଶିବାନୀ, ପ୍ରୀତମ ସିଂ, ସୁମନ, ଟିକି ଏବଂ ରଞ୍ଜନ କୁମାର ସାହୁ ଏହି ସାତଜଣ ‘ସୁପରହ୍ୟୁମ୍ୟାନ୍’ ହେଉଛନ୍ତି ପ୍ଲାଣ୍ଟ ପରିଚାଳନାର ମୁଖ୍ୟ ସ୍ତମ୍ଭ। ସେମାନେ ମିଳିତ ଭାବେ ସହରର ବିଭିନ୍ନ ସ୍ଥାନରୁ ସଂଗୃହିତ ମଳ ପଙ୍କର ସଠିକ୍ ଉପଚାର ନିଶ୍ଚିତ କରୁଛନ୍ତି, ଯାହା ସହରର ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବାରେ ସହାୟକ ହେଉଛି ।ଏହି ପ୍ଲାଣ୍ଟର ଦୈନିକ ୬୦ କେଏଲଡି ମଳ ପଙ୍କ ଉପଚାର କରିବାର କ୍ଷମତା ରହିଛି। ଏହା ସହିତ ୧୩ଟି ସେସପୁଲ୍ ଗାଡ଼ି ଓ ସେଥିରେ ନିୟୋଜିତ ତାଲିମପ୍ରାପ୍ତ ଚାଳକ ଏବଂ ହେଲପରଙ୍କ ସହାୟତାରେ କଟକ ସହରର ବିଭିନ୍ନ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରୁ ନିୟମିତ ଭାବେ ମଳ ସଂଗ୍ରହ କରାଯାଉଛି। ପ୍ରତିମାସରେ ଶତାଧିକ ଟ୍ରିପ୍ ମାଧ୍ୟମରେ ସଂଗୃହିତ ପଙ୍କର ବୈଜ୍ଞାନିକ ପଦ୍ଧତିରେ ଉପଚାର କରାଯାଇ ପରିବେଶ ଏବଂ ଜନସ୍ୱାସ୍ଥ୍ୟ ପ୍ରତି ଥିବା ବିପଦକୁ ରୋକାଯାଇ ପାରୁଛି।

ସମାଜର ମୁଖ୍ୟସ୍ରୋତରୁ ଦୂରେଇ ରହିଥିବା ଏହି ଟ୍ରାନ୍ସଜେଣ୍ଡରମାନଙ୍କ ସଫଳ ଯାତ୍ରା ସରକାରଙ୍କ ନୀତିର ପରିଚୟ ଦେଉଛି। ଦିନେ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ଏହି କିନ୍ନରମାନେ ଆଜି ଏକ ସମ୍ମାନଜନକ ଜୀବିକା ସହିତ ସାମାଜିକ ସ୍ୱୀକୃତି ଲାଭ କରିପାରିଛନ୍ତି।

ରବିବାର, ୧୮ ଜାନୁଆରୀ ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶଶଧର କ୍ଷୀରୋଦ ମଣି ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାସୁଦେବପୁର, ୧୭/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସ ପୁର ପଂଚାୟତ ରମାଟିପକା ଠାରେ ସସଧର କ୍ଷୀରୋଦ ମଣି ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଅଶୋକ କୁମାର ଦାସ, ମୁଖ୍ୟବକ୍ତା ଭାବେ ବସନ୍ତ ଲେଙ୍କା, ଅନ୍ୟତମ ଅତିଥିଭାବେ ପ୍ରଫୁଲ୍ଲ କୁମାର ଦାସ, ଅଭିମନ୍ୟୁ ଦାସ, ମନୋଜ ଅଗସ୍ତି, ସବିତା ବିଶ୍ୱାଳ, ସରପଞ୍ଚ ଜାନକୀ ବାରିକି, ସାମାଜିକ କର୍ମୀ ଜୟରାମ ବାରିକ, ବାଦଲ କୁମାର ପୁହାଣ,ପ୍ରମୁଖ ଯୋଗ ଦେଇଥିଲେ,ଛାତ୍ରୀ ଛାତ୍ର ମାନେ ଶିକ୍ଷା ଲାଭ କରି ସମାଜ ଗଠନ ରେ ସହାୟକ ହେବା ପାଇଁ ଅତିଥି ମାନେ ପରାମର୍ଶ ଦେଇ ଥିଲେ, ବାର୍ଷିକ ବିବରଣୀ ସୁନିତା ସେଠି ପାଠ କରିଥିଲେ, ବାସନ୍ତୀ ଲତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିତ୍ୟାନନ୍ଦ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ, ବାର୍ଷିକ କ୍ରୀଡା ପ୍ରତିଯୋଗିତା ରେ କୃତୀ ଛାତ୍ରୀ ଛାତ୍ର ମାନଙ୍କୁ ପୁର ସ୍କୃତ କରାଯାଇଥି ଲା, ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ବିଦ୍ୟାଳୟ ତରଫରୁ ଆୟୋଜିତ ଅଶ୍ୱନୀ ଗୌରାଙ୍ଗ ମେଧା




ପରୀକ୍ଷା ରେ କୃତୀ ପ୍ରତିଯୋଗୀ ଛାତ୍ରୀ ଛାତ୍ର ମାନଙ୍କୁ ଅର୍ଥ ରାଶି ସହ ପ୍ରମାଣ ପାତ୍ର ଦିଆ ଯାଇଥିଲା, ବର୍ଷା ରାଣୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ସ୍ମୃତିରେ ରକ୍ତଦାନ ଶିବିର : ମୋଟ ୪୧ୟୁନିଟ ରକ୍ତ ସଂଗୃହୀତ

ବାରିପଦା, ୧୭/୧ (ନି.ପ୍ର): ମୟୂରଭଞ୍ଜ ସାମ୍ବାଦିକ ପରିବାର ପକ୍ଷରୁ ଆଜି ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଳୟ ମହାନ୍ତଙ୍କ ନବମ ଶ୍ରାଦ୍ଧ ବାର୍ଷିକୀ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପାଳିତ ହେବା ଅବସରରେ ତାଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଶିବିରକୁ ଉଦଘାଟନ କରିଥିବା ବେଳେ ଶିବିରରେ ମୋଟ ୪୧ୟୁନିଟ ରକ୍ତ ସଂଗୃହିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ



ମହାନ୍ତି, କଳିଙ୍ଗ କେଶରୀ ଜେନା, ଇଂ ବିପ୍ଲବ ଭଞ୍ଜନ ବୁଗୁଡେଇ, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୌମ୍ୟରଞ୍ଜନ ମିଶ୍ର, ଅରୁଣ ବେହେରା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାତା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଆୟୋଜିତ ସ୍ମୃତି ଚାରଣ ସଭାରେ ସାମ୍ବାଦିକ ସ୍ୱର୍ଗତ ମହାନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସାମ୍ବାଦିକତା କ୍ଷେତ୍ରରେ ସ୍ୱର୍ଗତଃ ମହାନ୍ତ ଜଣେ ଅନୁଷ୍ଠାନଥିଲେ। ତାଙ୍କର ନିର୍ଭୀକ ସାମ୍ବାଦିକତା ସବୁଦିନ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ରେଡକ୍ରସର ଆଜୀବନ ସଭ୍ୟ ଅମରସେଠୀ ଶିବିର ପରିଚାଳନା କରିଥିବାବେଳେ, ତପନ କୁମାର ଦାସ, ସୋମନାଥ ସିଂ, ଡ. ନିରୋଜ କୁମାର ପୋଥାଳ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ଓ ବୈଷୟିକ ଟିମ ରକ୍ତ ସଂଗ୍ରହ କରିଥିବା ବେଳେ ଆୟୋଜକ ସାମ୍ବାଦିକ ପରିବାରର ସଦସ୍ୟବୃନ୍ଦ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବାଲିକୁଟି ଗ୍ରାମରେ "ଶିଶୁ ସଂସ୍କାର ଶାଳା"

## ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷାରେ ଗଢୁଛି ପିଲାଙ୍କ ଭବିଷ୍ୟତ

ବାଲିଆପାଳ , ୧୭/୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ବାଲିକୁଟି ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ "ଶିଶୁ ସଂସ୍କାର ଶାଳା" ନାମକ ଏକ ଅନନ୍ୟ ସଂସ୍କାରମୂଳକ ଅନୁଷ୍ଠାନ ଗଢ଼ି ଉଠିଛି। ଏହି ଅନୁଷ୍ଠାନ ଗ୍ରାମର ଜଣେ ଶିକ୍ଷିତ ମହିଳା ଶ୍ରୀମତୀ ବିଜୟଲକ୍ଷ୍ମୀ ଭୂୟାଁ ଏବଂ ଶିକ୍ଷିତ ଯୁବକ ଶ୍ରୀ ଚନ୍ଦନ ସେଠୀଙ୍କ ମିଳିତ ପ୍ରୟାସର ଆରମ୍ଭ ହୋଇଛି। ଗ୍ରାମର କୁନି କୁନି ପୁଅ ଓ ଝିଅ ମାନଙ୍କୁ ଆଧ୍ୟାତ୍ମିକ, ନୈତିକ ଓ ସଂସ୍କାର ମୂଳକ ଶିକ୍ଷା ଦେବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ। ପ୍ରତି ରବିବାର ସ୍ୱେଚ୍ଛାକୃତ ଭାବରେ ବହୁ ସମାଜପ୍ରେମୀ ଶିକ୍ଷକ ଏଠାରେ ଯୋଗଦେଇ ମାଗଣାରେ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ରାମାୟଣ, ମହାଭାରତ, ଭାଗବତ, ଚାଣକ୍ୟନୀତି ପରି ମହାନ ଗ୍ରନ୍ଥର ଆଲୋଚନା ସହିତ ଗଳ୍ପ, କାହାଣୀ, ନାଚ, ଗୀତ ଓ ଚିତ୍ରକଳା ମାଧ୍ୟମରେ ପିଲାମାନଙ୍କର ଚରିତ୍ର ଗଠନ ଓ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଗ୍ରାମବାସୀମାନେ ଏହି ଅନୁଷ୍ଠାନର ଶିକ୍ଷାଦାନ ପ୍ରଣାଳୀକୁ ପ୍ରଶଂଶା କରିବା ସହ ନିଜ ନିଜ ପିଲାମାନଙ୍କୁ ଏଠାରେ ଯୋଗଦେବା ପାଇଁ ଉତ୍ସାହିତ କରୁଛନ୍ତି। ଶ୍ରୀମତୀ ଭୂୟାଁ ଓ ଶ୍ରୀ ସେଠୀ ନିରନ୍ତର ଭାବେ ଏହି ଅନୁଷ୍ଠାନର ଉନ୍ନତି ଓ ବିସ୍ତାର ପାଇଁ ପ୍ରୟାସ ଜାରି ରଖିଛନ୍ତି । ବାଲିକୁଟି ଗ୍ରାମର ଏହି ଶିକ୍ଷିତ ମହିଳା ଓ ଯୁବକଙ୍କ ସାମାଜିକ ପ୍ରୟାସକୁ ବୁଦ୍ଧିଜୀବୀ ମହଲ ଉଚ୍ଚ ପ୍ରସଂଶା କରିବା ସହିତ "ଶିଶୁ ସଂସ୍କାର ଶାଳା"ର ଅଧିକ ବିକାଶ ନିମନ୍ତେ ସରକାର ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି।

# ମୟୂରଭଞ୍ଜ କୁଇଜ୍ ପ୍ରତିଯୋଗିତା

ମୟୂରଭଞ୍ଜ, ୧୭/୧ (ନି.ପ୍ର): ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ତତ୍ତ୍ୱାବଧାନରେ ସ୍ଥାନୀୟ ମହାରାଣୀ ପ୍ରେମ କୁମାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ୧୭ ଜାନୁୟାରୀ ୨୦୨୬ ଅପରାହ୍ନ ବାରିପଦା ସହର ତଥା ଆଖପାଖ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଲିଖିତ 'ମୟୂରଭଞ୍ଜ କୁଇଜ୍' ପ୍ରତିଯୋଗୀତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀ ଚଉରାର ୯ମ ଶ୍ରେଣୀ ଛାତ୍ର ଆୟୁଷ ସାମଲ ପ୍ରଥମ, ଏମ୍.କେ.ସି. ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ନୈତିକ ଦାସ ଦ୍ୱିତୀୟ ଏବଂ ହରି ବଳଦେବଜୀଉ ଶିଶୁ ବିଦ୍ୟାମନ୍ଦିର ୮ମ ଶ୍ରେଣୀ ଛାତ୍ର ପୂର୍ଣ୍ଣେନ୍ଦୁ କୁମାର ବେହେରା ତୃତୀୟ ସ୍ଥାନ ଲାଭକରି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ସାଧାରଣତନ୍ତ୍ର ଦିବସ ସନ୍ଧ୍ୟା ଜିଲ୍ଲାପାଳଙ୍କ କାଉନସିଲ୍ ହଲରେ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତା ପରିଚାଳନା କରିଥିଲେ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ, ସମ୍ପାଦକ ଇଂ.ମନୋଜ କୁମାର ଦଳବେହେରା, କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ଓ ବରିଷ୍ଠ ସଦସ୍ୟ ସର୍ବଶ୍ରୀ ନରସିଂହ ବାରିକ, ଶଙ୍କର ଜେନା, ଭାସ୍ୱତୀ ପଣ୍ଡା ଏବଂ ସ୍ନେହଲତା ନାୟକ ପ୍ରମୁଖ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ୬୩ ବର୍ଷ ବୟସ୍କ ଦିନମଜୁରିଆ 'ଧାନ'

ଉଦଳା , ୧୭/୧ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ରାଢ଼ୋ ପଂଚାୟତ ଅନ୍ତର୍ଗତ ମଉଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ସୁକୁଲ ସୋରେନଙ୍କ ପୁତ୍ର ଧାନ ସୋରେନ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଧାନ ସୋରେନଙ୍କୁ ବର୍ତମାନ ବୟସ ୬୩ ବର୍ଷ ଛୁଇଁଥିବା ବେଳେ ସେ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବାର କହିଛନ୍ତି । ଖବର ନେବାରୁ ଧାନ ସୋରେନଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ସେ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବାର ଜଣାଯାଇଛି । ତେବେ ଆଧାର କାର୍ଡ଼ ପାଇଁ ଧାନ ବାରମ୍ବାର ଫୋଟ ଉଠାଇଥିଲେ ମଧ ତାଙ୍କର ଆଧାର କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କହିଛନ୍ତି । ଏ ବାବଦରେ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି କର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । ତାଛଡ଼ା ଆଦିବାସୀ ଲୋକଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ



ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ଧାନ ଜଣେ ଆଦିବାସୀ ସମ୍ପ୍ରଦାୟର ଲୋକ ହୋଇଥିବା ବେଳେ ତାଙ୍କୁ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଉକ୍ତ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ରାଜ୍ୟସ୍ତରରେ ସଫଳତା: ପୂର୍ବାଞ୍ଚଳସ୍ତରରେ ଉଚ୍ଚ ପ୍ରଶଂସିତ ଦିବ୍ୟଦର୍ଶନ

ବୈଶିଙ୍ଗା , ୧୭/୧ (ନି.ପ୍ର): ନିକଟରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ କୃତିତ୍ୱ ଅର୍ଜନ କରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଲଦଲି ର ଛାତ୍ର ଦିବ୍ୟଦର୍ଶନ ମଣ୍ଡଳ ପୂର୍ବାଞ୍ଚଳ ବିଜ୍ଞାନ ମେଳା ଇଓଞ୍ଜଗ, କୋଲକାତା ରେ ଭାଗ ନେଇ ସମଗ୍ର ଜିଲ୍ଲା,ବ୍ଲକ ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି। ଦିବ୍ୟଦର୍ଶନଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ ' ସମନ୍ୱିତ ଜଳ ପରିଚାଳନା ' ଖୁବ୍ ଉଚ୍ଚକୋଟୀର ହୋଇଥିଲା, ଯାହାକି ବିଚାରକମାନଙ୍କ




ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହି ପ୍ରକଳ୍ପ ପ୍ରସ୍ତୁତିରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ଗାଇଡ୍ ଶିକ୍ଷକ ଶୁଭ୍ରାଂଶୁ କୁମାର ମିଶ୍ର , ନିଳାଦ୍ରୀ ଶେଖର ରଣା , ଅଭିଷେକ ମିସ୍ତ୍ରୀ ଙ୍କ ର ବିଶେଷ ମାର୍ଗଦର୍ଶନ ଓ ଅବଦାନ ରହିଛି। ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପୂର୍ଣ୍ଣଚନ୍ଦ୍ର ସେଠୀ, ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିପ୍ଳବ କର ଏବଂ ଗଡଦେଉଳିଆ ସିଆରସିସି ଶ୍ରୀଯୁକ୍ତ ପ୍ରଦୀପ କୁମାର ପରିଡ଼ା ଛାତ୍ର ଦିବ୍ୟଦର୍ଶନ ଓ ଗାଇଡ୍ ଶିକ୍ଷକ ଶ୍ରୀ ମିଶ୍ରଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି । ଏହି କୃତିତ୍ୱ ରେ ସମଗ୍ର ଅଞ୍ଚଳ ରେ ଖୁସିର ଲହରି ଖେଳିଯାଇଛି ।

# ନିଆଁ ଲାଗି ଜଳିଗଲା ଗଦି ଫ୍ୟାକ୍ଟ୍ରି

ବସ୍ତା୧୭/୧(ନିପ୍ର) ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବାଇପାସ୍ ନିକଟ ରେ ଥିବା ଗଦି ଫ୍ୟାକ୍ଟ୍ରି ରେ ନିଆଁ ଲାଗି ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ । ସୂଚନା ଅନୁଯାୟୀ ହଳଦୀପଦା ବାଇପାସ ନିକଟ ରେ ବାଲିଆପାଳ ଅଞ୍ଚଳ ର ମନ୍ମଥ ପ୍ରଧାନ ଓ ସ୍ତ୍ରୀ କବିତା ପ୍ରଧାନ ଜାଗା କିଣି କିଛି ଦିନ ହେବ ବାହାରୁ ତୁଳା ଓ ବିଭିନ୍ନ ସାମଗ୍ରୀ ଆଣି ଏକ ଗଦି ଫ୍ୟାକ୍ଟ୍ରି କରିଥିଲେ । ଉଭୟ ସେଠାରେ ରହିବା ସହ ଦୁଇରୁ ତିନି ଜଣ କର୍ମଚାରୀ ମଧ ରହି କାମ କରିଥିଲେ। ହଟାତ ଆଜି ଦିନ ୪ ଟା ସମୟ ରେ କୌଣସି କାରଣ ରୁ ନିଆଁ ଲାଗି ଯାଇଥିଲା । ନିଆଁ ର ପ୍ରଖର ଏତେ ଯୋର୍ ଥିଲା ଯେ ନିଆଁ କୁ ଆୟତ ନ୍ କରି ଭିତରେ ଥିବା ତିନୋଟି ଗ୍ୟାସ ଟାଙ୍କି ବାହାରକୁ ନେଇ ଆସିଥିଲେ । ପରେ ବସ୍ତା ଓ ବାଲେଶ୍ୱର ଅଗ୍ନିସମ ର ତିନୋଟି ବାହିନୀ ପହଞ୍ଚି ନିଆଁ କୁ ଆୟତ କରିଥିଲେ ।

# 'ଗୁରୁଗୌରବ ସୀତାନାଥ' ସ୍ମରଣିକା ଉନ୍ମୋଚିତ

ନୀଳଗିରି, ୧୭/୧ (ନି.ପ୍ର): ନୀଳଗିରି ଉପଖଣ୍ଡ ସନ୍ତରାଗଡିଆ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ନୀଳଗିରି, ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ପ୍ରଥମ ଅଧକ୍ଷ ଏବଂ ଜଳେଶ୍ୱର ଦୀନକୃଷ୍ଣ କଲେଜର ଓଡ଼ିଆ ବିଭାଗର ରିଡର୍ ଗତ ଜାନୁଆରୀ ୩ତାରିଖ ୯୦ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ନୀଳଗିରି ଏବଂ ସନ୍ତରାଗଡିଆ ସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ସର୍ବବିଧ ଉନ୍ନତି ହୋଇଥିଲା। ତାଙ୍କ ଏକଦଶାହରେ ସନ୍ତରାଗଡିଆ ସ୍ଥିତ ବାସଭବନରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ବ୍ୟକ୍ତିତ୍ୱଙ୍କ ସମାଗମ ହୋଇଥିବା ବେଳେ ସ୍ୱର୍ଗତ ପାଣିଗ୍ରାହିଙ୍କ ସ୍ମୃତିରେ ଏକ ସ୍ମରଣିକା



ଉନ୍ମୋଚନ ହୋଇଥିଲା। ସୀତାନାଥଙ୍କ ମାନସସନ୍ତାନ ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଯୁକ୍ତ ଦୁଇ ଓ ଯୁକ୍ତତିନି ତରଫରୁ 'ଗୁରୁ ଗୌରବ ସୀତାନାଥ'ନାମକ ସ୍ମରଣିକା ବହୁ ବିଶିଷ୍ଟବ୍ୟକ୍ତିଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଯାଇଛି। ଏହି ସ୍ମରଣିକାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଶୋକବର୍ତ୍ତା ପ୍ରଦାନ କରିଥିଲେ। ଏହି ଏକଦଶାହ ଏବଂ ସ୍ମରଣିକା ଉନ୍ମୋଚନ ଉତ୍ସବରେ ପ୍ରଫେସର ବିପିନବିହାରୀ ବିଶ୍ୱାଳ, ଦୀନକୃଷ୍ଣ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡଃ ଶ୍ରୀକାନ୍ତ ଚରଣ ପାତ୍ର, ପ୍ରଫେସର ଅନାଦିଚରଣ ଗାହାଣ, ପ୍ରାଧ୍ୟାପକ ଡ଼ଃ ରାଖାଲ ଚନ୍ଦ୍ର ଘଢ଼େଇ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବାଲେଶ୍ୱର ସଂସଦୀୟ ପ୍ରାର୍ଥୀନୀ ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କାଳିପଦ ପଣ୍ଡା, ସାହିତ୍ୟିକ ଶରତ ଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦବିହାରୀ ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟା ଉଷାରାଣୀ ରାଉଳ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବଡପୁଅ ଡଃ ଅକ୍ଷୟ ପାଣିଗ୍ରାହୀ, ଅମିୟ କୁମାର ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

# ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

ବାଲିଆପାଳ , ୧୭/୧ (ନି.ପ୍ର): ବାଲିଆପାଳ ବ୍ଲକ ବଳରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି, ଶିଶୁ ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ହରିହର ପଣ୍ଡା ଙ୍କ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଆୟୋଜିତ କାର୍ଯ୍ୟକ୍ରମରେ ବଳରାମପୁର ପଞ୍ଚାୟତ ର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ, ସମ୍ମାନିତ ଅତିଥି ଭାବରେ ବିଦ୍ୟୁତ ପରିଷଦ ର ସଂଯୋଜକ ସନ୍ତୋଷ କୁମାର ଗିରି ଯୋଗଦେଇ ଥିବା ବେଳେ



ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଦୌଡ, ଲମ୍ଫ ଡିଂଆ , ପୁଚି, ସ୍କିପିଂ, ଗଣିତ କଷା, ସାଇକେଲ ରେସ୍ ଇତ୍ୟାଦି ବିଭିନ୍ନ ପ୍ରକାର ର ଖେଳ ଅନୁଷ୍ଠିତ ହୋଇଥିଲା, କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ରେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମା ଅର୍ଚ୍ଚନା ପାଣିଗ୍ରାହୀ , ରାକ୍ଷୀ ଦାସ , ମଧୁମିତା ଗିରି, ସୁପ୍ରିୟା ବାରିକ, ପିଙ୍କି ବେହେରା, ଗୀତାଞ୍ଜଳୀ ନାଥ, ବିକାଶ ରାଉତ, ନିର୍ମଳ ରଣଜିତ, ନରୋତ୍ତମ ରାଉତ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ।

# ଆସନ୍ତା ୨୨ରୁ ଓଡ଼ିଶାର କୃଷି ମହାକୁମ୍ଭ - କୃଷି ଓଡ଼ିଶା ୨୦୨୬

ଭୁବନେଶ୍ୱର, ୧୭/୧ (ନି.ପ୍ର): ଆସନ୍ତା ୨୨ ରୁ ୨୪ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ଖେଳପଡିଆ, ବରମୁଣ୍ଡା ଠାରେ ଆୟୋଜିତ ହେବାକୁ ଯାଉଛି ଓଡ଼ିଶା କୃଷିର ମହାକୁମ୍ଭ - କୃଷି ଓଡ଼ିଶା ୨୦୨୬। ରାଜ୍ୟ ସରକାର ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମିଳିତ ପ୍ରୋତ୍ସାହନରେ ଏଥର ଏହା ପୂର୍ବବର୍ଷ ଠାରୁ ମଧ ଅଧିକ ବ୍ୟାପକ ଓ ବିଶାଳ ହେବ। ଚଳିତ ବର୍ଷର ଥିମ୍ ରହିଛି 'ଅନ୍ତର୍ଭୁକ୍ତିକରଣ ମାଧ୍ୟମରେ ସହନଶୀଳ କୃଷି'। ବହୁ ସଂଖ୍ୟକ ଚାଷୀ, କୃଷି ବୈଜ୍ଞାନିକ, କୃଷି ଗବେଷକ ଓ ନୀତି ନିର୍ଦ୍ଧାରକଙ୍କ ସମ୍ମେଳନ ହେବ କୃଷି ଓଡ଼ିଶା ୨୦୨୬।

# ଦୁଗ୍ଧ ଶୀତଳି କରଣ କେନ୍ଦ୍ର ଉଦ୍‌ଘାଟିତ

ବାସୁଦେବପୁର, ୧୭/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀ ଦାସପୁର ପଞ୍ଚାୟତର ଲକ୍ଷ୍ମୀଦାସପୁର ଠାରେ ପ୍ରଗତି କମ୍ପାନୀ ପକ୍ଷରୁ କୋଡ଼ିଏ ହଜାର ଲିଟର ଦୁଗ୍ଧ ଶୀତଳିକରଣ କେନ୍ଦ୍ରର ଶୁଭ ଉଦଘାଟନ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପ୍ରଗତି କମ୍ପାନୀର ଏ ଜି ଏମ୍ କିଶୋର ଚନ୍ଦ୍ର ବେହେରା ଓ ସଞ୍ଜୟ କୁମାର ରାଉତ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଅଡିଟର ଅଜୟ କୁମାର ବାରିକ୍,




କଟକ ଜେଡ ପି ଏମ୍ ଜୋନାଲ ପ୍ରକ୍ୟୁୟରମେଣ୍ଟ ମ୍ୟାନେଜର ସୌମ୍ୟଜିତ ନାୟକ ଓ ରବୀନ୍ଦ୍ର କୁମାର ପାତ୍ର, ଭଦ୍ରକ ବାଲେଶ୍ୱରର ଅଶୋକ କୁମାର ନାୟକ, ଏ ପି ଏମ୍ ଅଜୟ କୁମାର ପାତ୍ର, ଲକ୍ଷ୍ମୀଦାସପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଜୟରାମ ବାରିକ୍,ରାଜେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଗୋପାଳକ ମାନଙ୍କୁ ବିଭିନ୍ନ ପ୍ରକାରର ଉପହାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବହୁ ସଂଖ୍ୟାରେ ଚାଷୀ ଭାଇ ମାନେ ଯୋଗ ଦେଇଥିଲେ।

# ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ ଜୁବୁଲିର ଦ୍ୱିତୀୟ ଦିନରେ ବନ୍ଧୁତ୍ୱ ଦିବସ

ଜଳେଶ୍ୱର, ୧୭/୧ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ଅଧୀନସ୍ଥ ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ ଜୁବୁଲିର ଦ୍ୱିତୀୟ ଦିନରେ ବନ୍ଧୁତ୍ୱ ଦିବସ ଭାବେ ପାଳିତ ହୋଇଯାଇଛି ।ଏହି ଦ୍ୱିତୀୟ ଦିବସରେ ଆଦର୍ଶ ଗୁରୁ ତଥା ପ୍ରାକ୍ତନ ପ୍ରଫେସର ଡ.ଲଳିତ ରଞ୍ଜନ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ବାଦର ବାଲେଶ୍ୱର ସ୍ଥିତ ଉତ୍ତର ଓଡିଶା ସଂସ୍କରଣ ର ମୁଖ୍ୟ ଚିତ୍ତରଞ୍ଜନ ଚିରଞ୍ଜିତ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ




ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟର ଇତିହାସକୁ ସବୁଦିନ ପାଇଁ ପୃଷ୍ଠାମଣ୍ଡନ କରିବା ଉଚିତ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାପକ ଡ.ରବିନ୍ଦ୍ର କୁମାର ବିହାରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପୂର୍ବରୁ ଜଳେଶ୍ୱର ର ଇତିହାସ ଆଉ ବର୍ତ୍ତମାନ ର ଇତିହାସ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ମାଧ୍ୟମରେ ପ୍ରକାସ କରିଥିଲେ ।ମଧୁ ସୁଦନ ବ୍ରହ୍ମ,ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ କରଣ,ପରିଚାଳନା କମିଟିର ସଭାପତି ରମାକାନ୍ତ ଜେନା, ନିତ୍ୟାନନ୍ଦ ଦାସ,କାର୍ତ୍ତିକ ଚନ୍ଦ୍ର ଗିରି, ଦୁର୍ଗା ଶଙ୍କର ବ୍ରହ୍ମ,ପ୍ଲାଟିନମ ଜୁବୁଲି ର ସଭାପତି ତଥା ଗ୍ରାମ ମୁଖ୍ୟ ସିତାଂଶୁ ସେନାପତି,ବିଶିଷ୍ଟ ବ୍ୟବସାୟୀ ରଜନୀ କାନ୍ତ ଜେନା, ସୁବ୍ରତ କୁମାର ପ୍ରଧାନ,ମେ ଆଇ ହେଲ୍ଥ ୟୁ ର ମୁଖ୍ୟ ଜଗନ୍ନାଥ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଦିଲ୍ଲିପ କୁମାର ସେଠୀ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ହୋଇ ଥିଲା। ଶେଷରେ ମଳୟ ରଞ୍ଜନ ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ ।ସନ୍ଧ୍ୟାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida